Deb's Library Corner

D
Deb's Library Corner

ଟାରଜନ ସିରିଜ   ଅଷ୍ଟମ ଖଣ୍ଡ

୧୯୮୪

Digitized by:-
Deb's Library Corner
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact:-9556804309
Email:-debaraj.123456789@gmail.com
Telegram Link :- https://t.me/debslibrarycorner

ଓଡ଼ିଶା ରାଜ୍ୟରେ ଟାରଜନ

(ଡିଟେକ୍ଟିଭ ଉପନ୍ୟାସ)

ଅକ୍ଷୟ କୁମାର

ସାଥୀ ପ୍ରକାଶନ
ଓଡ଼ିଆ ବଜାର . କଟକ

ଦଶମ ସଂସ୍କରଣ—୧୯୮୪

କେତନ ଆର୍ଟ ପ୍ରିଣ୍ଟର୍ସ
କଟକ-୧

Deb's Library Corner

ଆଦ୍ୟ ଆଷାଢ଼ର ଏକ ବର୍ଷଣମୁଖର ଘନ ଅନ୍ଧାର ରାତ୍ରି । ଅନବରତ ବର୍ଷା ଲାଗିରହିଛି । ଆଜିକି ମିଶେଇ ଉନବିଂଶ ହେଲା ଏପରି ବର୍ଷା ଲାଗିରହିଛି । ସେମିତି ଏକ ବର୍ଷଣମୁଖରିତ ରାତ୍ରିର ପ୍ରାୟ ଦ୍ୱିତୀୟ ପ୍ରହରରେ ଏ ଅଞ୍ଚଳର ଦୃଶ୍ୟ ଆହୁରି ଭୟଙ୍କର । ପାହାଡ଼ଟା କେମିତି ଗୋଟାଏ ଅପ୍ରାକୃତିକ ଭାବରେ ଠେଙ୍ଗା ହୋଇ ଉଠିଯାଇଛି ଉପରକୁ । ତାକୁଇ କାଟିକାଟି ଆସେଇଯାଇଛି ଜିପ୍ ରାସ୍ତାଟିଏ । କିଛି ବାଟ ଏଇ ରାସ୍ତାରେ ଗଲେ ଆଉ ଗୋଟିଏ କେନାଲ ରାସ୍ତା ସେଇ ରାସ୍ତାରୁ ବାହାରି କିଛିବାଟ ଆଗେଇଯାଇଛି । ସେଇବାଟେ ପ୍ରାୟ ଶହେ ଗଜ ଆଗେଇଗଲେ ସେ ରାସ୍ତାର ଶେଷରେ ପାହାଡ଼ଟା କେମିତି ହଠାତ୍ ଶେଷ ହୋଇ ଯାଇ ତା'ର ଭିତରୁ ବାହାରିଛି ବେଶ୍ ବଡ଼ ଜଳପ୍ରପାତଟିଏ । ସେଇଠାରୁ ପାଣି ପ୍ରାୟ ଦୁଇଶହ ଫୁଟ ତଳକୁ ବିରାଟ ଗର୍ଜ୍ଜନ କରି ପଡ଼ୁଛି । ତଳକୁ ଚାହିଁଦେଲେ ପ୍ରଥମ ଦେଖିବା ଲୋକର ହଠାତ୍ ମୁଣ୍ଡ ଝାଙ୍କି ହୋଇଯାଏ । ପାହାଡ଼ର ଚାରିକଡ଼ଯାକ କେବଳ ବିରାଟ ବିରାଟ ଗଛ ଓ ଜଙ୍ଗଲରେ ଭର୍ତ୍ତି ।

ଏହିଭଳି ଏକ ଝଡ଼ବର୍ଷା ରାତିରେ ଏ ସ୍ଥାନର ଦୃଶ୍ୟ ଯେ କିଭଳି ଭୟଙ୍କର ହୋଇଥିବ ତାହା ସହଜରେ ଅନୁମେୟ । ମନୁଷ୍ୟ ତ ଦୂରର କଥା, ଜୀବଜନ୍ତୁ ପଶୁପକ୍ଷୀ ମଧ୍ୟ ସଚେତ ନ ଥିବେ । ଏଇ ଅବସ୍ଥାରେ, ହଠାତ୍ ସେଇ ବର୍ଷାର ସୁ ସୁ ଗର୍ଜ୍ଜନ ଭିତରେ ଦୂରରୁ ଆଉ ଏକ ଶବ୍ଦ କିପରି ଅନୁଭୂତ ହେଲା । ଠିକ୍ ତା'ର କିଛି ସମୟ ପରେ ବେଶ୍ ଜଣାଗଲା ଯେ ନିଶ୍ଚୟ ଏହା ଏକ ଜିପ୍‌ର ଆସିବା ଶବ୍ଦ । ଶବ୍ଦଟା ଖୁବ୍ ବେଗରେ ନିକଟତର ହୋଇଆସୁଥାଏ, କିନ୍ତୁ ଆଶ୍ଚର୍ଯ୍ୟ ଡ୍ରାଇଭରଟା କ'ଣ ଏତେ ବେଶି ଅଭ୍ୟସ୍ତ ଏ ରାସ୍ତାରେ ଯେ ଆଲୋକ ଦେବା ତା'ର ଦରକାର ପଡ଼ୁନି ! ସତକୁ ସତ ଜିପ୍‌ଟାଏ ମାଡ଼ିଆସି ଠିକ୍ ସେ ଜଳପ୍ରପାତ ଖାଲଠାରୁ ପଚିଶ ଫୁଟ ଦୂରରେ ବ୍ରେକ୍ କଷିଲା । ପାହାଡ଼ିଆ ରାସ୍ତା ଆଉ ବର୍ଷା ଯୋଗୁଁ ଗାଡ଼ିଟା ବେଶ୍ କିଛି ବାଟ ଘୁସୁଡ଼ିଯାଇ ଅଟକିଗଲା । ତା'ପରେ ତ

ଭିତରୁ ସେଇ ଅନ୍ଧାର ଭିତରେ ଏକ ଛାୟାମୂର୍ତ୍ତି ବାହାରିପଡ଼ିଲା; ବିଜୁଳି ବେଗରେ କ'ଣ ମେଞ୍ଚାଏ ଗାଡ଼ି ଭିତରୁ ବାହାର କରି ଆଣି ତାକୁ ପିନ୍ଧିବସିଲା । ଅନ୍ଧାରରେ ବେଶ୍ ପରିଷ୍କାର ଜଣା ନ ପଡ଼ିଲେ ସୁଦ୍ଧା କେବଳ ଏତିକି ଅନୁମାନ କରିହେବ ଯେ ତାହା ଏକ ପୋଷାକ ହୋଇପାରେ । କିଛିକ୍ଷଣ ଭିତରେ ସେ ପୋଷାକ ପିନ୍ଧିପକେଇଲା ପରେ କଳା ମୂର୍ତ୍ତିଟି ଦଣ୍ଡେ ଠିଆହୋଇ କ'ଣ କରିବାକୁ ଲାଗିଲା । ହଠାତ୍ ଦେଖାଗଲା, ସେ ଲୋକଟାର ଆକୃତି କ୍ରମଶଃ ଯେମିତି ବଢ଼ିବାରେ ଲାଗିଛି । କିଛି ସମୟ ପରେ ଏକ ବିରାଟ ଗୋଲାକାର ପେଣ୍ଡୁଲା ଭଳି ସେ ଲୋକଟା ହୋଇଗଲା । ତା' ପରେ ଗାଡ଼ିରେ ବସି ହଠାତ୍ ଷ୍ଟାର୍ଟ ଦେଲା । ତା'ପରେ ବ୍ରେକ୍ କଷି ଏକାଥରେ ଗିଅର ଦେଇ ଗାଡ଼ିକୁ ଆଗକୁ ନେବାର ଉପକ୍ରମ କଲା । ମନେହେଲା, ସତେ କ'ଣ ଲୋକଟା ପାଗଳ ଆଗରେ ପାତାଳପୁରୀ ଭଳି ଅତଡ଼ା ପ୍ରପାତ, ଦ'ଟା ପାହାଡ଼ ସତେ ଯେମିତି ଦ'ଭାଗ ହୋଇଛି । ଆଖିପିଛୁଳାକେ ଗାଡ଼ିଟା ଆଗକୁ ଯିବାର ଉପକ୍ରମ ହେଲା ମାତ୍ରେ ସେଇ କଳା ଗୋଲାକାର ଜୀବଟି ଗାଡ଼ିଭିତରୁ ପିଚିହୋଇ ଛୁଆଁଡ଼ିହୋଇ ପଡ଼ିଗଲା ବାହାରକୁ । କିନ୍ତୁ ଗାଡ଼ିଟା ଆଗକୁ ଗଡ଼ିଯାଇ ଖୁବ୍ ବେଗରେ ଖସିପଡ଼ିଲା ତା' ତଳକୁ । ତା' ପରେ କିଛିଟା ବିକୃତ ଶବ୍ଦ, ସତେ ଯେମିତି ପଥର ଦେହରେ ଛେଚି ହୋଇ ହୋଇ ପାଣିରେ ଭୁଷ୍ କରି ଗଳିପଡ଼ିଲା ଗାଡ଼ିଟା ।

ଆଶ୍ଚର୍ଯ୍ୟ ! କ'ଣ ହୋଇପାରେ ଏହାର ଉଦ୍ଦେଶ୍ୟ ? ଗାଡ଼ିଟା ନଷ୍ଟ କରିବାରେ କ'ଣ ଉଦ୍ଦେଶ୍ୟ ଥିଲା ? କ'ଣ ବା ଥିଲା ସେଇ ଗାଡ଼ି ଭିତରେ ? ସେ କିମ୍ଭୂତକିମାକାର ଲୋକଟା ବା ଗଲା କୁଆଡ଼େ ? ଅନେକଗୁଡ଼ାଏ ପ୍ରଶ୍ନ ବୁଢ଼ିଆଣୀ ଜାଲ ଭଳି ଛନ୍ଦି ହୋଇଗଲା । ଏପରି ଏକ କାଳରାତ୍ରିରେ କି ଚକ୍ରାନ୍ତ ରୂପ ନେଲା ତାହା କହିବା ଆଦୌ ସମ୍ଭବ ନୁହେଁ । ହଠାତ୍ ଆଉ କିଛି ଭାବିବାକୁ ଅବସର ନ ଦେଇ ଗୋଟିଏ ଗାଡ଼ିର ଶବ୍ଦ ଶୁଣାଗଲା । ମନେହେଲା ଗାଡ଼ିଟା ପାଖେଇ ଆସୁଛି । ସତକୁ ସତ ସେଇଆ ହେଲା; ଗାଡ଼ିଟା ଆସି ବ୍ରେକ୍ କଷିଲା ସେଇଠି । ତା' ଭିତରୁ ତିନିଜଣ ଓହ୍ଲେଇ ଆସିଲେ । ଅନ୍ଧାର ରାତିରେ ତିନୋଟି ଛାୟାମୂର୍ତ୍ତି ଭଳି ଦେଖାଯାଉଥାନ୍ତି ସେମାନେ । କିଛିବାଟ ଆଗେଇ ପକେଟ୍‌ରୁ ଗୁପ୍ତ ଟର୍ଚ୍ଚଲାଇଟ୍ କାଢ଼ି ଖୁବ୍ ସତର୍କତା ସହକାରେ ପକେଇ ପୂର୍ବବର୍ଣ୍ଣିତ ଗାଡ଼ିର ଚକା ଚିହ୍ନ ଦେଖିଲେ । ସାମାନ୍ୟ ଜଙ୍ଗଲ ଭିତର

ଅଂଶକୁ ନିରୀକ୍ଷଣ କରିବା ପରେ ତାଙ୍କ ଭିତରୁ ଜଣେ ଆନନ୍ଦରେ ଚିତ୍କାର କରି-ଉଠିଲା । ତିନିହେଁ ଆଗେଇ ଯାଇ ସେଇ ବିଚିତ୍ର ପୋଷାକଧାରୀ ଲୋକଟା ପାଖରେ ପହଞ୍ଚିଲେ । ତାକୁ ଉଠେଇଆଣିବା ପରେ, କିଛିକ୍ଷଣ ଭିତରେ ଦେଖାଗଲା ସେ ଲୋକଟି ପୁଣି ମନୁଷ୍ୟ ରୂପ ଧାରଣ କରିଚି ଏବଂ ସେହି ଅଦ୍ଭୁତ ପୋଷାକକୁ ପୁଣି ପୁଡ଼ିଆଟାଏ କରି ଧରିଚି । ସମସ୍ତେ ଅତି ସନ୍ତର୍ପଣରେ ଗାଡ଼ି ଭିତରେ ବସିବା ପରେ ଗାଡ଼ିଟା ବ୍ୟାକ୍ କରି ପୁଣି ପଛକୁ ଫେରିଗଲା ଏବଂ କିଛିକ୍ଷଣ ଭିତରେ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଗଲା ।

ଏତେ ଅଳ୍ପ ସମୟ ଭିତରେ ଏତେଗୁଡ଼ାଏ ଘଟଣା ଘଟିଗଲା ଯେ ତା'ର ଯୋଗସୂତ୍ର ସ୍ଥାପନ କରିବା ଅସମ୍ଭବ । ସେଇ ସ୍ଥାନଟା ଏକ କାଳଭୈରବୀର ସମୁଦ୍ର କହିଲେ ଭୁଲ ହେବନି । ତେଣୁ ତା'ରି ଭିତରେ ଏପରି ଏକ ଗ୍ରେଟ ଘଟଣା କ୍ଷଣକ ଭିତରେ କୋଉଠି ଆତ୍ମଗୋପନ କଲା ତାହା କହିବା ଅସମ୍ଭବ । କେହି ସେ ସ୍ଥାନକୁ ଦେଖିଲେ ଧାରଣା କରିପାରିବେନି ଯେ କିଛି ସମୟ ଆଗରୁ ଏ ଭଳି ଏକ ଅଦ୍ଭୁତ ଦୃଶ୍ୟ ସେଠି ଅଭିନୀତ ହୋଇଗଲା ।

ମୁହୂର୍ତ୍ତକ ଭିତରେ ସବୁଆଡ଼ ଶ୍ମଶାନ ହୋଇଗଲା ପରେ ସେଇ ଅନ୍ଧାର ଭିତରେ ଝପ କରି କ'ଣ ଗୋଟାଏ ଶବ୍ଦ ହେଲା, କ'ଣ ଗୋଟାଏ ଯେମିତି ଭାରି ଜିନିଷ ବୁଦା ଭିତରେ ଗଛ ଉପରୁ ଖସିପଡ଼ିଲା । ତା'ପରେ ଦେଖାଗଲା ଛାୟାମୂର୍ତ୍ତି-ଟାଏ ଅତି ସନ୍ତର୍ପଣରେ ଗଛ ଉପରୁ ବୁଦା ମାଡ଼ି ଡେଙ୍ଗପଣ୍ଡ ଠିଆ ହୋଇ କ'ଣ ଯେମିତି ଦେଖୁଚି । ତା'ପରେ ଧୀରେ ଧୀରେ ଆଗକୁ ଆସି ଭଲକରି ନିରୀକ୍ଷଣ କରି ନେଲା, ତାକୁ କେହି କୁଆଡ଼େ ଦେଖୁନାହାନ୍ତି । ସେଇ ପାଣି ଧାର ଆଡ଼କୁ ଆଗେଇ କିଛି ସମୟ ସେଠି ତଳକୁ ଚାହିଁଲା । ଜିଟିକିଟିଆ ଅନ୍ଧାର ଭିତରେ ପାଣିର ସୁ ସୁ ଗର୍ଜନ ଶୁଣିବା ଛଡ଼ା ଆଉ କିଛି ଦେଖିବାର ପ୍ରୟାସ ମଧ୍ୟ କରିବା ବୃଥା । ହଠାତ୍ କ'ଣ ଭାବି ପଛକୁ ଫେରିଲା ଏବଂ ଦ୍ରୁତପଦକ୍ଷେପରେ କ୍ରମେ ଫେରି ଚାଲିଲା ସେଇ ପୂର୍ବବର୍ଣ୍ଣିତ ରାସ୍ତାରେ ।

ବର୍ଷାର ବେଗ ଆହୁରି ବଢ଼ି ଉଠିଥାଏ ସେତେବେଳକୁ । ପବନ ଆହୁରି ବେଗଶୀଳ ହୋଇଯାଇଛି । ରାତିର ବିକଟ ରୂପ ହୋଇଉଠିଛି ଭୟଙ୍କର ।

ଏଇ କେତେଦିନ ହେବ ଅନବରତ କାମ ପରେ ଆଜି ଗୋଟିଏ ସୁସ୍ଥିର ଦିନ ମିଃ ଚୌଧୁରୀ ଓ ଅଜୟବାବୁଙ୍କ ଭାଗ୍ୟରେ । ତେଣୁ କର୍ମହୀନ ଦିନଟା ନିଶାଇ

ଶୋଇ କଟେଇ ଦେଇସାରିଲା ପରେ ଦୁହେଁ ଏଭଳି ବର୍ଷଣମୁଖର ସନ୍ଧ୍ୟାଟିକୁ ନଷ୍ଟ ନ କରିଦେଇ ଚେସ ବୋର୍ଡ ଧରି ବସିଯାଇଛନ୍ତି ଖେଳିବାକୁ । ଖେଳିବାରେ ଦୁହେଁ ସିଦ୍ଧହସ୍ତ । ତେଣୁ ଖେଳର ଯୁଦ୍ଧରେ ରାତି କେତେ ହେଲାଣି—ସେଥିପ୍ରତି କାହାରି ଧ୍ୟାନ ନାହିଁ । ଏହି ସମୟରେ ଟେଲିଫୋନଟା ବାଜିଉଠିଲା । ଅଜୟବାବୁ ଉଠି-ଗଲେ ଧରିବାକୁ ।

'ହ୍ୟାଲୋ…

'ନା…ମୁଁ ଅଜୟ କହୁଛି ତାଙ୍କ ସହକାରୀ…ନମସ୍କାର,

କ'ଣ ଅତି ଜରୁରୀ ? ହଁ, ଅଛନ୍ତି ।'

'ସାର, ବର୍ତ୍ତମାନ ଯାଉଛୁଁ, କହି ରିସିଭର ରଖିଲେ ଅଜୟବାବୁ । ମି: ଚୌଧୁରୀ ତାଙ୍କ ମୁହଁକୁ ଚାହିଁରହି ପଚାରିଲେ—

"କଥା କ'ଣ ଅଜୟ ? କାହାକୁ ଏ ବର୍ଷାଝଡ଼ ରାତିରେ ଯିବାକୁ ହଁ ଭରି-ଦେଲ ?"

"ଖୁବ ଜରୁରୀ, ସାର୍, ଆଇ.ଜି. ନିଜେ ଫୋନ କରିଥିଲେ ରାୟବାହାଦୁର ରଘୁନାଥ ଶ୍ରେଷ୍ଠରାୟଙ୍କ ଘରୁ । କହିଲେ, ''ଭୀଷଣ ବିପଦ । ଆପଣମାନେ ଶୀଘ୍ର ଆସନ୍ତୁ । ସେ ନିଜେ ଡରିଯାଇଛନ୍ତି ।"

ଆଶ୍ଚର୍ଯ୍ୟ ହେଲେ ମି ଚୌଧୁରୀ । ମି: କନ୍‌ଓ୍ୱାରଙ୍କ ନାଁ ପଡ଼ିଲେ ଅତି ଦକ୍ଷ ପୋଲିସ ଅଫିସର ମଧ୍ୟ ଅଜାଣତରେ ଚୌକି ଛାଡ଼ି ଭୟରେ ଠିଆ ହୋଇଯାଆନ୍ତି । ସେଭଳି ଆଇ. ଜି. ଆଜି ଭୟଭୀତ ? କ'ଣ ତା'ର କାରଣ ହେଇପାରେ ?

ଆଉ କାଳବିଳମ୍ବ ନ କରି କ୍ଷଣକ ଭିତରେ ଦୁହେଁ ପ୍ରସ୍ତୁତ ହେଇପଡ଼ିଲେ । ନିଜର ଅତି ପ୍ରିୟ ରିଭଲଭରଟି ପକେଟରେ ରଖି ରଖି ପଚାରିଲେ ମି: ଚୌଧୁରୀ—

"ଆଚ୍ଛା, ତାରଜନ କାହିଁ ? ତା'ର ତ କ'ଣ ଦିନରୁ ଦେଖା ନାହିଁ…"

"ଜଙ୍ଗଲୀଟା—ଢୋଉ ଜଙ୍ଗଲ ଭିତରେ ପଶିଥିବ କି କୁଆଡ଼େ ସେମିତି ବୁଲିବାକୁ ଯାଇଥିବ ପାହାଡ଼ ଜଙ୍ଗଲ ଆଡ଼େ । କ'ଣ କହୁଥିଲା ତ ଆଜି ଦୂରକୁ ଯାଇପାରେ ବୋଲି…"

ଅତିଶୀଘ୍ର ଘରର ପୁଝାରୀକୁ ଆବଶ୍ୟକୀୟ ଉପଦେଶ ଦେଇ ବାହାରିଲେ ଦୁହେଁ । ଅଜୟବାବୁ କଳା ଫିଆଟ୍ ଗାଡ଼ିର ଷ୍ଟାର୍ଟରରେ ହାତ ଦେଲେ ।

ଅତି ଅଳ୍ପ ସମୟ ଭିତରେ ରାୟବାହାଦୁର ରଘୁନାଥ ଶ୍ରେଷ୍ଠରାୟଙ୍କ ପ୍ରାସାଦ ସମ୍ମୁଖରେ ଗାଡ଼ି ପହଞ୍ଚିଲା । ଆଗରୁ ବୋଧହୁଏ ଦରୱାନକୁ ସେହିପରି ନିର୍ଦ୍ଦେଶ ଦିଆଯାଇଥିଲା; ତେଣୁ ସେ ଗାଡ଼ି ନମ୍ବର ଦେଖିଲା ମାତ୍ରେ ଫାଟକ ଖୋଲିଦେଲା । ରାୟବାହାଦୁରଙ୍କ ପୁଅ ଅଭିନନ୍ଦନ ଜଣେଇ ନେଇଗଲେ ଉପର ମହଲା ବୈଠକଖାନାକୁ । ସେ ପର୍ଯ୍ୟନ୍ତ ଉଭୟେ ନୀରବ, କାରଣ, ଉଭୟଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ, ରାୟବାହାଦୁରଙ୍କର ପୁଣି କ'ଣ ବିପଦ ଥାଇପାରେ ?

କି ବିରାଟ ପ୍ରାସାଦ, ଘର ପରେ ଘର ଲମ୍ବି ଯାଇଛି କାହିଁ କେତେ ପର୍ଯ୍ୟନ୍ତ, ସବୁଗୁଡ଼ିକ ସୁସଜ୍ଜିତ, ତା'ପରେ ଡ୍ରଇଂ ରୁମ୍ । ସେଥିରେ ବସିଥାନ୍ତି ରାୟବାହାଦୁର ଏବଂ ମି. କନ୍‌ୱାର । ଉଭୟଙ୍କ ଆଖିରେ ନିଦ ନାହିଁ ଅବା ନିଦ ଆସିବାର ଉପକ୍ରମ ନାହିଁ ଯେମିତି । ମି. ଚୌଧୁରୀ ଏବଂ ଅଜୟବାବୁଙ୍କୁ ଦେଖି ଉଭୟେ ଏକପ୍ରକାର ଉଠିଆସି ପାଛୋଟି ନେଲେ । ଆସନ ଗ୍ରହଣ କଲାପରେ ଆରମ୍ଭ କଲେ ମି. କନ୍‌ୱାର—

"ମି. ଚୌଧୁରୀ ! ଜୀବନରେ ମୁଁ ଅନେକ ଘଟଣାର ସମ୍ମୁଖୀନ ହୋଇଛି; କିନ୍ତୁ ଏଭଳି ପରିସ୍ଥିତି ସମ୍ଭବ ହୋଇପାରେ ବୋଲି ମୋର କଳ୍ପନାର ବାହାରେ । ଆପଣଙ୍କୁ ସେଇଥିପାଇଁ ଏ ଅବେଳରେ ଡାକିବାକୁ ବାଧ୍ୟ ହେଲି । ଶୁଣନ୍ତୁ ଘଟଣାଟା । ଗଲା କାଲିଠାରୁ ଶ୍ରେଷ୍ଠରାୟଙ୍କ ସାନପୁଅ ଶୁଭେନ୍ଦୁ ଶ୍ରେଷ୍ଠରାୟ ଏବଂ ତାଙ୍କର ପତ୍ନୀ ଉଭୟେ କୁଆଡ଼େ ଯାଇଛନ୍ତି ଆଉ ଖୋଜଖବର ନାହିଁ ।"

ଖବରଟା ବଡ଼ ଅପରିପକ୍ୱ ଲାଗିଲା ଚୌଧୁରୀ ଓ ଅଜୟ ଉଭୟଙ୍କୁ । ଏଇଟା କ'ଣ ପ୍ରକୃତରେ ଗୋଟାଏ ସମ୍ବାଦ ବା ଦୁଃସମ୍ବାଦ ହୋଇପାରେ ଯୋଉଥିପାଇଁ କି କନ୍‌ୱାର ଏଭଳି ଚିନ୍ତିତ ହେବା ଆବଶ୍ୟକ ? ସେଥିପାଇଁ ସେ ଆଉ ସମ୍ଭାଳି ନ ପାରି ସ୍ମିତ ହସି କହିଲେ—

"କ'ଣ ଏଇ ପ୍ରଥମ ଥର ପାଇଁ ସେମାନେ ଉଭୟେ ବାହାରକୁ ଗଲେ ? ବହୁତଥର ତ ଯାଇଥିବେ ! ହୁଏତ ବୁଲିବାପାଇଁ ମଧ୍ୟ ଯାଇପାରିଥାନ୍ତି ।"

"ଆପଣ ଠିକ୍ କହୁଛନ୍ତି, ସେମାନେ ବୁଲିବା ପାଇଁ ଯାଇଥିଲେ । ଶୁଣନ୍ତୁ, ମୁଁ ଅଳ୍ପକେ କହୁଛି ।" ଏତିକି କହି ମି: ଶ୍ରେଷ୍ଠରାୟ ଧୈର୍ଯ୍ୟ ସଞ୍ଚୟ କଲେ କହିବାକୁ ।

'ପହରଦିନ ସନ୍ଧ୍ୟାବେଳେ ଶୁଭେନ୍ଦୁ ଆଉ ତା'ର ସ୍ତ୍ରୀ ନିରୁ ଦୁହେଁ ପ୍ରସ୍ତାବ କଲେ ଗଲାକାଲି ନନ୍ଦନ କାନନ ବୁଲିଯିବାକୁ । ମତେ ଗାଡ଼ି କଥା ପଚାରିଲେ ।

ମୁଁ ମନା କଲି ମୋର ଗାଡ଼ି ଦରକାର ନାହିଁ ବୋଲି । ତା'ପରଦିନ ଅର୍ଥାତ୍ କାଲି ସକାଳୁ ସେମାନେ ଗାଡ଼ି ନେଇଯିବାକୁ ବାହାରିବା ପୂର୍ବରୁ ଥରେ ତା'ର ବଡ଼ଭାଇ ସୁଖେନ୍ଦୁକୁ ଯାଇ ପଚାରିଲେ । କିନ୍ତୁ ପ୍ରକୃତରେ ସୁଖେନ୍ଦୁର କୋଉଠି ଜରୁରୀ କାମ ଥିଲା । ତେଣୁ ସେ କହିଲା ଯେ, ଗାଡ଼ିରେ ସେମାନେ ସମସ୍ତେ ଏକାଠି ଯିବେ ଏବଂ ସୁଖେନ୍ଦୁର ଜାଗାରେ ତାକୁ ଛାଡ଼ିଦେଇ ଶୁଭେନ୍ଦୁ ଓ ନିରୁ ଗାଡ଼ି ନେଇ ଚାଲିଯିବେ । ସେଇ ପ୍ରସ୍ତାବ ଅନୁଯାୟୀ ସେମାନେ ଘର ଛାଡ଼ିଲେ ସକାଳ ୭ଟାରେ; କିନ୍ତୁ ଆଜିଯାଏ ସେମାନେ ଫେରିଲେନି । ଶୁଭେନ୍ଦୁ କହିଥିଲା ସେହିଦିନ ଆସିବେ ବୋଲି; କିନ୍ତୁ କାହିଁ ?"

ଏତିକି କହି ଶ୍ରେଷ୍ଠରାୟ ଦମ୍ ନେଲେ । ମି: ଚୌଧୁରୀ ସେଇ ଅବକାଶରେ କହିଲେ—"ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଧହୁଏ । ଶୁଭେନ୍ଦୁବାବୁ ନବବିବାହିତ କି ?"

'ହଁ, ଏଇ ବର୍ଷେ ପୂରିନାହିଁ ବାହାଘର" କହିଲେ ଶ୍ରେଷ୍ଠରାୟ ।

"ବେଶ୍ ତ ! ତେଣୁ ଗାଡ଼ିଟା ଧରି ଆଉ ଟିକେ ଦୂରକୁ ବୁଲିବାକୁ ଚାଲିଯାଇ ଥାଇପାରନ୍ତି । ନନ୍ଦନକାନନ ଯାଇଥିଲେ ଗତ କାଲି ଫେରି ଆସିଥାନ୍ତେ ସିନା, ଆଉ ଟିକେ ଦୂରକୁ ଯାଇଛନ୍ତି; ତେଣୁ ଆସନ୍ତା କାଲି ଫେରି ଆସିବେ ।"

ଏଇ କଥାରେ ପ୍ରତିବାଦ କଲେ କନ୍‌ଓ୍ୱାର, "ନା, ମି: ଚୌଧୁରୀ ! ଶ୍ରେଷ୍ଠରାୟ ମୋର ବନ୍ଧୁ । ସେଇ ହିସାବରେ ମତେ ଯେତେବେଳେ ଏଇ କଥା ସେ କହିଲେ ମୁଁ ସାମାନ୍ୟ କୌତୂହଳୀ ହୋଇ ଆଜି ସନ୍ଧ୍ୟାବେଳେ ସେଠିକି ଯାଇଥିଲି କେବଳ ଗୋଟାଏ ବୁଲିବାର ଛଳନାରେ ଶ୍ରେଷ୍ଠରାୟଙ୍କୁ ସାଙ୍ଗରେ ନେଇ; କିନ୍ତୁ ସେଠି ବୁଝିଲି ଯେ ପହିଲିଦିନ ଗୋଟିଏ ଦମ୍ପତି ସେଠିକି ଯାଇଥିଲେ । କିନ୍ତୁ ଅଳ୍ପ ସମୟ ସେଠି ରହି ତା' ପରେ ଚାଲିଯାଇଛନ୍ତି ।"

ଏତିକି ଶୁଣିସାରିବା ପରେ ଚୌଧୁରୀଙ୍କୁ କଥାଟା ଆହୁରି ସରଳ ଜଣାପଡ଼ିଲା । କାରଣ ସେଠି ପହଞ୍ଚି ସେମାନେ ଆଉ କୋଉଠିକି ବୁଲିବାକୁ ଯିବାକୁ ମନସ୍ଥ କରି ସେ ସ୍ଥାନ ଛାଡ଼ିଚନ୍ତି । ତାଙ୍କର ଏହି ଅଭିମତ ବ୍ୟକ୍ତ କରିବାରେ, କିନ୍ତୁ କନ୍‌ଓ୍ୱାର ଆହୁରି ଦୃଢ଼ହୋଇ ବସିଲେ—

"ହଁ, ମି: ଚୌଧୁରୀ ଆପଣ ବର୍ତ୍ତମାନ ଠିକ୍ କଥା କହୁଛନ୍ତି । କିନ୍ତୁ ଶ୍ରେଷ୍ଠରାୟ ଦେଖିଲେ ଯେ ଭିଜିଟରସ୍ ବୁକ୍‌ରେ ଯୋଉ ହସ୍ତାକ୍ଷରରେ ଶୁଭେନ୍ଦୁର ନାଁ ଦସ୍ତଖତ ହୋଇଚି ସେଇଟା ଶୁଭେନ୍ଦୁର ନୁହେଁ ।"

ମି: ଚୌଧୁରୀ ଏ କଥାରେ ସାମାନ୍ୟ ଗମ୍ଭୀର ହୋଇଗଲେ । ତାଙ୍କର ମନେହେଲା, ଯେତେ ହାଲୁକା ଭାବରେ କଥାଟାକୁ ସେ ଗ୍ରହଣ କରିଚନ୍ତି କଥାଟା ବୋଧହୁଏ ସେତେ ହାଲୁକା ନୁହେଁ । ତଥାପି ସେ ସହଜ ହୋଇ ଉତ୍ତର ଦେବାକୁ ଚେଷ୍ଟା କଲେ ।

"ହୁଏତ ମିସେସ୍ ଗ୍ରେଟଗ୍ରୀସ୍ଙ୍କର ହୋଇପାରେ ।"

ଗ୍ରେଟଗ୍ରୀସ୍ ନିଜେ ଏଥର କହିଲେ—

"ହଁ, ମୋର ସେଠି ସେଇଆ ସନ୍ଦେହ ହେଲା । ମତେ ମି: କନ୍‌ଓ୍ୱାର୍ ଏ କଥା ସୂଚାଇଦେବା ପରେ ମୁଁ ବହୁତ ମନେ ପକାଇବାକୁ ଚେଷ୍ଟା କଲି । କିନ୍ତୁ ଏତେ ଅଳ୍ପଦିନ ଭିତରେ ବୋହୂର ଅକ୍ଷର ସହିତ ପରିଚୟ ହବାର କିଛି ଅବକାଶ ନ ଥିଲା । ତେଣୁ ସେଠୁ ସନ୍ଦେହରେ ଫେରିବା ପରେ ମୁଁ ମୋର ବଡ଼ ପୁଅ ସୁରେନ୍ଦ୍ରକୁ ପଠେଇଲି ସେ ଦେଖିଆସି କୁହେ ଯେ ପ୍ରକୃତରେ ସେଇଟା ଶୁଭେନ୍ଦୁ ସ୍ତ୍ରୀର ଅକ୍ଷର ।"

"ତା'ହେଲେ ତ କଥାଟା ପରିଷ୍କାର ହୋଇଗଲା"—କହି ପକେଇଲେ ଅଜୟବାବୁ । ତାଙ୍କ କଥାକୁ ମି: ଚୌଧୁରୀ ମଧ୍ୟ ସମର୍ଥନ କରିବା ଦେଖାଗଲା; କିନ୍ତୁ କନ୍‌ଓ୍ୱାରଙ୍କର ଅମତ ହେବାର ଯଥେଷ୍ଟ କାରଣ ଅଛି । ସେ ପ୍ରତିବାଦ କଲେ—

"ନା, ମି: ଚୌଧୁରୀ ସେ ଚୌକିଦାରକୁ ଡାକି ମୁଁ ପଚାରିଥିଲି । ସେ କହିଲା ଯେ ତା'ର ଠିକ୍ ମନେ ଅଛି ଜଣେ ପୁରୁଷ ଦସ୍ତଖତ କରିଛନ୍ତି ବୋଲି ।"

ଚୌଧୁରୀଙ୍କର ସନ୍ଦେହ କ୍ରମଶଃ ଘନୀଭୂତ ହେଲା ବୋଧହୁଏ, ସେ କେମିତି ଚିନ୍ତାଶୀଳ ହୋଇଉଠିଲେ । କିନ୍ତୁ ସେ ଚିନ୍ତା ବେଶିକ୍ଷଣ ନୁହେଁ । ସଙ୍ଗେ ସଙ୍ଗେ ତାଙ୍କର ମୁହଁର ଭାବ ପରିବର୍ତ୍ତନ ହେବାକୁ ଲାଗିଲା, ସତେ ଯେମିତି ଏଥିରେ ଅନୁସନ୍ଧାନ କରିବାକୁ କିଛି ନାହିଁ । ତଥାପି କନ୍‌ଓ୍ୱାର ସାହେବଙ୍କ ମୁହଁ ଉପରେ କିଛିଟା କହିବା ସମ୍ଭବ ନୁହେଁ । ତେଣୁ ମନର କଥା ମନରେ ଚାପିରଖିବାକୁ ଚେଷ୍ଟା କଲେ ସେ ।

ହେଲେ ଅଜୟ ଠିକ୍ ବୁଝିଛନ୍ତି ଚୌଧୁରୀଙ୍କର ମନର ଭାବ । ଏଇ କଥାବାର୍ତ୍ତା ଭିତରେ ହଠାତ୍ କୌଣସି ଗୋଟିଏ ସ୍ଥାନରୁ ଏକ ବାଟ ଖୋଜି ପାଇଯାଇଛନ୍ତି ସତେ ଯେମିତି ମି: ଚୌଧୁରୀ । ସେଥିପାଇଁ ଏ ସବୁଗୁଡ଼ିକ ତାଙ୍କର

ମୁହଁର ଉପର ଅଭିନୟ । ସେଇ ଅନୁପାତରେ ଅକସ୍ମ ସଚେତ ହୋଇଗଲେ । ଏହି ସମୟରେ ଗ୍ରେଟରାୟ କହିଉଠିଲେ—" ମି: ଚୌଧୁରୀ ଆପଣ,ଯଦି ଏଇଟିକୁ ହାତକୁ ନ ନିଅନ୍ତି ତା' ହେଲେ ମୋର ସର୍ବନାଶ ହେବ । ଆପଣ ଜାଣନ୍ତି ନାହିଁ ମୁଁ ତାକୁ କେତେ ଭଲପାଏ । ସେଇ ମୋର ବଂଶରକ୍ଷା କରିବ । ତେଣୁ ମୁଁ ଚାହେଁ ନାହିଁ ଏତେ ଶୀଘ୍ର ମୋର ଆଶା ମାଟିରେ ମିଶିଯାଉ ।"

କନଷ୍ଟେବଲ ମଧ୍ଯ କହିଲେ—

ଏଇଥିପାଇଁ ସମସ୍ତ ପୋଲିସବାହିନୀ ଆପଣଙ୍କୁ ସାହାଯ୍ୟ କରିବ, ମି. ଚୌଧୁରୀ ! ମୁଁ ବ୍ୟକ୍ତିଗତ ସରକାରୀ ଭାବରେ ଏ ପର୍ଯ୍ୟନ୍ତ କଥାଟାକୁ ରୂପ ଦେଇନାହିଁ, କାରଣ ମୁଁ ଚାହୁଁଥିଲି ଯେ ଆପଣଙ୍କ ସାଙ୍ଗରେ କଥାବାର୍ତ୍ତା କରିବା ପରେ ଯାହା କର୍ମପନ୍ଥା ମୁଁ ସ୍ଥିର କରିବି ।"

ଚୌଧୁରୀ ଅତ୍ୟନ୍ତ ଭାବରେ ଚିନ୍ତାଶୀଳ ହୋଇଉଠିଲେ ଏଇ ପ୍ରଶ୍ନରେ । ତା' ପରେ କହିଲେ—

"ସାର୍, ମତେ ଟିକେ ଭାବିବାକୁ ସମୟ ଦିଅନ୍ତୁ । ମୁଁ ବ୍ୟକ୍ତିଗତ କାଲି ସକାଳ ସୁଦ୍ଧା ଆପଣଙ୍କୁ କଣ କର୍ମପନ୍ଥା ସ୍ଥିର କରାଯିବ, ତା କହିବି ।" ତା'ପରେ ଗ୍ରେଟ-ରାୟଙ୍କୁ କହିଲେ, "ଯାହା ମୋର ଅପଣଙ୍କ ଘରେ କାର୍ଯ୍ୟ ଅଛି ମୁଁ କାଲି ସକାଳେ କରିବି । କାରଣ ରାତି ଏତେ ହେଲାଣି । ଅନ୍ୟମାନଙ୍କୁ ଏତେ ରାତିରେ ବ୍ୟସ୍ତ କରିବା ମୁଁ ଉଚିତ ମନେ କରୁନି । କେବଳ ମୋର ପଦଟିଏ କଥା ଆପଣଙ୍କ ବଡ଼ ପୁଅ ସୁରେନ୍ଦ୍ର ବାବୁଙ୍କ ସାଙ୍ଗରେ । ତାଙ୍କୁ ଟିକେ ଡକେଇବେ ?"

ଗ୍ରେଟରାୟ ସଙ୍ଗେ ସଙ୍ଗେ ବେଲ୍ ଟିପି ଚାକରକୁ ଆଦେଶ ଦେଲେ ସୁରେନ୍ଦ୍ରକୁ ଡାକିଦେବା ପାଇଁ । କିଛି ସମୟ ପରେ ଚାକର ଆସି ଖବର ଦେଲା ଯେ ସେ ଖୁବ୍ ନିଦରେ ଶୋଇପଡ଼ିଥିଲେ । ତଥାପି ଆସୁଚନ୍ତି ।

ସତକୁ ସତ ସୁରେନ୍ଦ୍ର ବାବୁ ଆସି ପହଞ୍ଚିଲେ । ତାଙ୍କର ନିଦମଳମଳ ଆଖିକୁ ଚାହିଁ ମି: ଚୌଧୁରୀ ଦୁଃଖ ପ୍ରକାଶ କରି କହିଲେ—

"ମୁଁ ଦୁଃଖିତ, ସୁରେନ୍ଦ୍ର ବାବୁ, ଅସମୟରେ ଆପଣଙ୍କର ନିଦରେ ବ୍ୟାଘାତ ଜନ୍ମେଇଲି । କିନ୍ତୁ ସେତିକି ଜରୁରୀ ଆବଶ୍ୟକତା ନ ପଡ଼ିଥିଲେ ମୁଁ ବୋଧହୁଏ ଆପଣଙ୍କୁ ଡକେଇ-ନ ଥାନ୍ତି । ତଥାପି ବିଶେଷ ବ୍ୟସ୍ତ କରିବିନି । ଆପଣଙ୍କୁ କେବଳ ଗୋଟିଏ ଯୋଡ଼ିଏ ପ୍ରଶ୍ନ ।"

"ନା, ନା, ଅସମୟରେ ଆଉ କ'ଣ, ମୁଁ ତ ଆପଣମାନେ ଏଠିକି ଆସିବା-ପରେ ସଦ୍ୟ ନିଦ୍ରା ଯାଇଥିଲି । ତେଣୁ କେବଳ କଞ୍ଚା ନିଦଟା ବୋଲି···"ଯଥା-ସମ୍ଭବ ଲୌକିକତା ରକ୍ଷା କରି କହିଲେ ସୁଖେନ୍ଦୁ ଗ୍ରେଟଗ୍ରାସ୍ ।

ଏହି ସମୟରେ ସମସ୍ତଙ୍କ ଅଜାଣତରେ ମି: ଚୌଧୁରୀ କ'ଣ ଇଙ୍ଗିତ ଦେଲେ ଅଜୟବାବୁଙ୍କୁ, ତା କେବଳ ସେଇ ଜାଣନ୍ତି । ଅଜୟ ବାହାରକୁ ଯିବା ବାହାନାରେ କୌଣସି କାରଣରୁ ଉଠିଗଲେ । ତା'ପରେ ଚୌଧୁରୀ ଆରମ୍ଭ କଲେ ସୁଖେନ୍ଦୁ-ବାବୁଙ୍କୁ ଲକ୍ଷ୍ୟ କରି—

"ଆଚ୍ଛା, ଆପଣ ଠିକ୍ ଜାଣିଚନ୍ତି, ଶୁଭେନ୍ଦୁବାବୁ ନନ୍ଦନକାନନ ଗଲେ ?"

ଏ ପ୍ରଶ୍ନରେ ଅତି ସରଳଭାବରେ ଉତ୍ତର ଦେଲେ ସୁଖେନ୍ଦୁ—

"ତା ତ ଠିକ୍ କହିପାରିବିନି, କାରଣ ଏ ପର୍ଯ୍ୟନ୍ତ ମୁଁ ଭାବୁଥିଲି ସେମାନେ ନନ୍ଦନକାନନ ଯାଇଚନ୍ତି । ବିଶେଷ କରି ଭିଜିଟର୍ସ ବୁକ୍‌ରେ ଶୁଭେନ୍ଦୁର ନାଁ ଅଛି ଆଉ ସେ ପୁଣି ତାର ସ୍ତ୍ରୀର ହସ୍ତାକ୍ଷର ।"

"ଆପଣ ଠିକ୍ ଚିହ୍ନିଚନ୍ତି କ'ଣ ତାଙ୍କ ହସ୍ତାକ୍ଷରକୁ ?"

"ହିଁ, କାରଣ ଏଇ ଅଳ୍ପଦିନ ତଳେ ନିରୁ, ମାନେ ତା ସ୍ତ୍ରୀ ଯେତେବେଳେ ତାଙ୍କ ଘରକୁ ଯାଇଥିଲା, ସେ ଗୋଟାଏ ଚିଠି ଲେଖିଥିଲା ଶୁଭେନ୍ଦୁ ପାଖକୁ । ସେଇଟା ମୋ ହାତରେ ଡାକବାଲା ଦେଇଯାଇଥିଲା । ମୁଁ ଉପର ହସ୍ତାକ୍ଷର ଭଲ-ଭାବରେ ଦେଖି କୋଉଠୁ ଆସିଥାଇପାରେ ଆଉ ଶୁଭେନ୍ଦୁ ପାଖକୁ ଅଫିସକୁ ପଠେଇବି କି ନା ଭାବୁଚି, ଶୁଭେନ୍ଦୁ ଆସି ପହଞ୍ଚିଲା । ଚିଠି ନେଇ ସେଠି ପଢ଼ି ମତେ କହିଲା, "ନିରୁ ତମକୁ ପ୍ରଣାମ ଜଣେଇଚି ।' ସେଥିରୁ ବୁଝିଲି ସେଇଟା ନିରୁ ଲେଖିଚି ।

ମି: ଚୌଧୁରୀ କିଛିଟା ଚିନ୍ତା କରି ପଚାରିଲେ—

"ଆଚ୍ଛା, ଆପଣ ସେଦିନ କୋଉଠି ଓହ୍ଲେଇଗଲେ ?"

"ମୁଁ ପ୍ରାୟ ଏଠୁ ତିରିଶ ମାଇଲ ଦୂର କଦମ୍ବ ନଗରରେ ଓହ୍ଲେଇଲି, କାରଣ ମୋର ଗୋଟିଏ ବନ୍ଧୁ ସାଙ୍ଗରେ ସେଠି କିଛୁଟା ଆଲୋଚନା ଥିଲା । ମତେ ସେମାନେ ସେଠି ଛାଡ଼ିଦେଇ ତା'ପରେ ଗାଡ଼ିନେଇ ଫେରିଆସିଲେ ନନ୍ଦନକାନନ ଯିବାକୁ । ମୁଁ ମୋର ସାଙ୍ଗ ଗାଡ଼ିରେ ଚାଲିଆସିଲି ।

ମି: ଚୌଧୁରୀ ନିଜ ଘଣ୍ଟା ଦେଖି ଏବେ ରାତି ହେଲାଣି ବୋଲି ଚମକି-ପଡ଼ିଲେ ଯେତିକି ତା'ଠାରୁ ଆହୁରି ବେଶୀ ଲଜ୍ଜିତ ହେଲେ ଏବେ

Deb's Library Corner

ସମସ୍ତ ଧରି ସେ ପୂର୍ଣ୍ଣେନ୍ଦୁ ବାବୁଙ୍କୁ ନଜରରୁ ଅଟକେଇ ରଖିଛନ୍ତି । ସମ୍ଭ୍ରମ ରକ୍ଷା କରି କହିଲେ, "ଆଉ ଗୋଟିଏ ପ୍ରଶ୍ନ ପରେ ମୁଁ ଆପଣଙ୍କୁ ବିଦାୟ ଦେବି । ସେଇଟା ହେଲା, ଆପଣ ସେଦିନ ଏକା ଯାଇଥିଲେ ନା ଆପଣଙ୍କ ସ୍ତ୍ରୀ ମଧ୍ୟ ଯାଇଥିଲେ ?"

ଏଇ କଥାରେ ଶ୍ରେଷ୍ଠୀଗୃହ ନିଜେ ଉତ୍ତର କଲେ—"ମି: ଚୌଧୁରୀ, ମତେ ଟିକେ କହିବାକୁ ଦିଅନ୍ତୁ । ପୂର୍ଣ୍ଣେନ୍ଦୁ ଅବିବାହିତ; ଏକପ୍ରକାର ସନ୍ନ୍ୟାସଜୀବନ ସେ ଯାପନ କରେ । ବହୁ ଚେଷ୍ଟାକରି ମଧ୍ୟ ତାକୁ ମୁଁ ସଂସାରୀ କରେଇପାରିଲିନି । ଏମିତି ଏକା ଏକା ମୋର ସମସ୍ତ ବିଜନେସ ଦେଖାଶୁଣା କରେ । ତେଣୁ ସଂସାର ସାଙ୍ଗରେ ତାର ସମ୍ପର୍କ ଖୁବ୍ କମ୍ ।"

"ମୁଁ ତା'ହେଲେ ଦୁଃଖିତ । ବେଶ୍, ମୋର ଆଉ କିଛି ପ୍ରଶ୍ନ କରିବାର ନାହିଁ । ମତେ ଆପଣ ଏଥର ବିଦାୟ ଦିଅନ୍ତୁ । ରାତି ଅନେକ ହେଲାଣି ! ହୁଏତ କିଛିଟା ଚିନ୍ତା କରିସାରିଲା ପରେ ମୁଁ ଏ ବିଷୟରେ କାଲି ଯାହା କହିପାରିବି । ତେବେ ମୋର କାହିଁକି ଅନୁମାନ, କଥାଟା ଆଦୌ ଜଟିଳ ନୁହେଁ; ଖୁବ୍ ଶୀଘ୍ର ଗୋଟାଏ ସୂତାଖିଅ ମିଳିଯାଇପାରେ ।" କଲ୍ୟାଣ ମଧ୍ୟ ଚୌଧୁରୀଙ୍କର ଏ କଥାରେ ଆଶା ପ୍ରକାଶ କଲେ ଏବଂ ସେଦିନ ରାତିର ସେ ସଭା ଏତିକିରେ ଭଙ୍ଗ ହେଲା ।

ଅଜୟବାବୁ ଗାଡ଼ିରେ ଷ୍ଟାର୍ଟ ଦେଲେ । ବାଟ ମଝିରେ ହଠାତ୍ କାହିଁକି ଚୌଧୁରୀ କହିଲେ, ନନ୍ଦନକାନନ ଆଡେ଼ ଟିକେ ଚାଲେ ହୁଅନ୍ତା । ଏତେ ରାତିରେ ନନ୍ଦନକାନନର ପ୍ରସ୍ତାବରେ ଅଜୟ ଆଶ୍ଚର୍ଯ୍ୟ ହେଲେ ବି ପ୍ରତିବାଦ କଲେନି; ଗାଡ଼ିର ବେଗ ବଢ଼ାଇଲେ ।

କିଛି ସମୟ ପରେ ଗାଡ଼ି ଆସି ନନ୍ଦନକାନନ ପାଖାପାଖି ହେଇଗଲା । ଏହି ସମୟରେ ବିପରୀତ ଦିଗରୁ ଗୋଟାଏ ଗାଡ଼ି ଅତି ଦ୍ରୁତବେଗରେ ଏହି ଗାଡ଼ିକୁ ଟପି ଚାଲିଗଲା । ତା'ର ଗତି ଏପରି ଭାବରେ ବିସ୍ମୟ ସୃଷ୍ଟି କଲା ଯେ ଏକ ନିଶ୍ଚିତ ବିପଦରୁ ଉଭୟେ ରକ୍ଷା ପାଇଚନ୍ତି ବୋଲି ଭଗବାନଙ୍କୁ ଧନ୍ୟବାଦ ଜଣେଇଲେ । କିନ୍ତୁ ଚୌଧୁରୀଙ୍କ ମନରେ ଅନ୍ୟ ଏକ ଭାବନା ସୃଷ୍ଟି ହେଲା । ସେ କହିଲେ— "ଦେଖ, ଅଜୟ ! ହୁଏତ ମୋର ଅନୁମାନ ଯଦି ସତ୍ୟ ହୁଏ ତା'ହେଲେ ନିଶ୍ଚୟ ଆମ ଆସିବାଟା ବ୍ୟର୍ଥ ଗିବନି ।" ଏତିକିବେଳେ ନନ୍ଦନକାନନରେ ଆସି ଗାଡ଼ି ପହଞ୍ଚିଲା । ଗୁର୍ଖା ପହରାଦାର ଫାଟକ ଖୋଲିଲା । ତାକୁ ଚୌଧୁରୀ ପ୍ରଶ୍ନ କରନ୍ତେ ସେ କହିଲା ଯେ ଆଉ ଗୋଟିଏ ଗାଡ଼ି ପ୍ରାୟ ଘଣ୍ଟାକ ତଳେ ଆସିଥିଲା । ସେମାନେ

ଘଡରେ ରହିଥାନ୍ତେ; କିନ୍ତୁ ପୁଣି କ'ଣ ମନସ୍ଥ କରି ଘଣ୍ଟାକ ପରେ ଚାଲିଗଲେ । ଚୌଧୁରୀ ମନକଥା ମନରେ ରଖି ଚଉକିଦାରକୁ ଡାକି ଘର ଖୋଲିବାକୁ କହିଲେ । ପହରିଦାର ଗଲା ଭିତରକୁ ।

ହଠାତ୍ ଭିତରେ ଯାଇ ପହରିଦାର ଚିତ୍କାର କରି ଉଠିଲା । କ'ଣ ହେଲା ବୋଲି ଧାଇଁଯାଇ ବୁଲିପଡ଼ି ଯାହା ଦେଖିଲେ ସେଥିରେ ଅଜୟବାବୁଙ୍କର ମୁଣ୍ଡ ଘେରି ଖାଇଗଲା । ଚଉକିଦାରର ଅସ୍ଥିର ଦେହଟା ପଡ଼ିଛି ସେଠି । ଏକପ୍ରକାର ବିଷାକ୍ତ ଛୁରିରେ ଅତି ଅଳ୍ପ କ୍ଷତ କରି ତାକୁ ଖୁନ୍ କରାହୋଇପାରିଛି । ତଟକା ରକ୍ତଗୁଡ଼ା ବାହାରିପଡ଼ିଛି, ସତେକି ଏଇ ଟିକି ଆଗରୁ ଘଟଣାଟା ଘଟିଯାଇଛି । ଏହା ଦେଖି ଅଜୟଙ୍କର ପାଟିରୁ କଥା ବାହାରିଲାନି । ସେ ପଚାରିଲେ, "ସାର୍, ଗୋଟାଏ ନିରୀହ ଚଉକିଦାରକୁ ଖୁନ୍ କରିବା ପଛରେ କ'ଣ ଉଦ୍ଦେଶ୍ୟ ଥାଇପାରେ ମୁଁ ଚିନ୍ତା କରିପାରୁନି ।"

କଥାର ଉତ୍ତର ଦେବାକୁ ଯାଇ ଚୌଧୁରୀ କେବଳ ଟିକିଏ ହସିଲେ ଆଉ କହିଲେ, "ମୋର ଅନୁମାନ ସତ୍ୟ, ଅଜୟ ! ବର୍ତ୍ତମାନ ତମେ ଭିଜିଟର୍ସ ବୁକ୍‌ଟିକୁ ଖୋଜିକରି ଆଣ ତ...ମୁଁ ଥାନାକୁ ଏ ମର୍ଡର ବିଷୟ ଜଣେଇଦେଉଛି ।"

ଭିତରକୁ ଯାଇ ଥରୁଥିବା ପହରିଦାର ସାଙ୍ଗରେ ସବୁଆଡ଼ ସେ ଭିଜିଟର୍ସ ବହିର ସନ୍ଧାନ କଲେ । କିନ୍ତୁ କିଛିକ୍ଷଣ ପରେ ନିରାଶ ହୋଇ ଫେରିଲାବେଳକୁ ଦେଖିଲେ ଚୌଧୁରୀ କ'ଣ ପରୀକ୍ଷା କରୁଛନ୍ତି ଶବକୁ । ଖାତା ନ ମିଳିବା କଥା ଶୁଣି ସେ ଆଦୌ ଆଶ୍ଚର୍ଯ୍ୟ ହେଲେ ନାହିଁ । ସତେ ଯେମିତି ସେ ତାହାହିଁ ଆଶା କରୁଥିଲେ । ସେତିକିରେ ତାଙ୍କର ଅନୁସନ୍ଧାନ ସ୍ଥଗିତ ରଖି ପହରିଦାରକୁ ଆବଶ୍ୟକୀୟ ଉପଦେଶ ଦେଇ ସେ ନନ୍ଦନକାନନ ପରିତ୍ୟାଗ କଲେ ।

ଘରେ ଆସି ପହଞ୍ଚିଲାବେଳକୁ ରାତି ପ୍ରାୟ ୧୨ଟା । ଦେଖିଲାବେଳକୁ ତାରିଜନ କେତେବେଳୁ ଶୋଇଯାଇଛି । ତାକୁ ଆଉ କିଛି ନ କହି ବର୍ତ୍ତମାନ ଟିକେ ବିଶ୍ରାମ ନେବାଟା ଉଚିତ ମନେକରି ଉଭୟେ ନିଜ ନିଜ ବିଛଣାକୁ ଗଲେ । ଏବେତଗୁଡ଼ାଏ କ୍ଲାନ୍ତିର ସମଷ୍ଟି ଲେଟିଗଲା ସେଇ ବିଛଣା ଉପରେ ।

ତା' ପରଦିନ ଚୌଧୁରୀଙ୍କର ନିଦ ଭାଙ୍ଗିଲାବେଳକୁ ଦିନ ପ୍ରାୟ ସାଢ଼େ ସାତଟା ହୋଇଯାଇଥିଲା । ଅଜୟଙ୍କର ନିଦ ସେ ପର୍ଯ୍ୟନ୍ତ ଭାଙ୍ଗି ନ ଥାଏ । ଉଠି ଦେଖନ୍ତି ତ ତାରିଜନ ସକାଳୁ ନିତ୍ୟକର୍ମ ସାରି କ'ଣ ଗୋଟାଏ ଗବେଷଣାରେ

ଲାଗିପଡ଼ିଛି । ପରେ ପରେ ଅଜୟ ମଧ୍ୟ ବିଛଣା ଛାଡ଼ିଲେ । ପୂଜାରୀ ଆସି ଚା’ ଦେଲା ବେଳକୁ ଅଜୟ ମଜ୍ଜା ଦେଖିବାପାଇଁ ତାରଜନକୁ ପଚାରିଲେ—

“କ’ଣ ଜଙ୍ଗଲ ସମ୍ରାଟ । କାଲି ରାତିରେ କୋଉ ଜଙ୍ଗଲରେ ବିଜେ କରିଥିଲ ? କ’ଣ ଗୋଟାଏ ବିରାଟ କାର୍ଯ୍ୟ କରୁଚ ?”

ସେମିତି ହସି ହସି ତାରଜନ୍ ଉତ୍ତର ଦେଲା—

“ଯୋଉ ଜଙ୍ଗଲକୁ ଯାଇଥିଲି ତା’ର ଫଟୋ ଆଣିଚି, ତାକୁଇ ଦେଖୁଚି ଆଉ ପ୍ରିଣ୍ଟ କରୁଚି ।” ଏତିକି କହି ତାରଜନ ଦୁଇଟି ଫଟର ପ୍ରିଣ୍ଟ ନେଇ ଚା’ ଟେବୁଲକୁ ଉଠିଆସିଲା । ଦୁ’ଜଣଙ୍କୁ ଦୁଇଟା କପି ଦେଇ କହିଲା ଯେ, ସେଇ ଜଙ୍ଗଲକୁ ସେ ଯାଇଥିଲା । ପ୍ରଥମରେ ଅଜୟ କଥାଟାକୁ ଥଟ୍ଟା ବୋଲି ଉଡ଼େଇଦେଇ ଫଟୋଟା ଉପରେ ଥରେ ଆଖି ବୁଲେଇ ପକେଇଦେଉଥିଲେ; କିନ୍ତୁ ମି: ଚୌଧୁରୀ ସେପରି ହାଲୁକା ଭାବରେ ଗ୍ରହଣ କଲେନି । କାରଣ ସେ ଜାଣନ୍ତି ତାରଜନର ପ୍ରକୃତି । ସେମିତି କିଛି ଗୋଟାଏ ନ ହୋଇଥିଲେ ତାରଜନ ନିଜର ସମୟ ନଷ୍ଟ କରିବା ଲୋକ ନୁହେଁ । ଖୁବ୍ ଗମ୍ଭୀର ଭାବରେ ନିରୀକ୍ଷଣ କରିବା ଆରମ୍ଭ କଲେ ସେ । କିଛି ସମୟ ପରେ ଫଟୋ ଭିତରୁ କିଛିଟା ଆବିଷ୍କାର କଲାଭଳି ଦେଖାଗଲା । ଘଞ୍ଚ ଜଙ୍ଗଲ ଭିତରେ ଗାଡ଼ିଟାଏ ମୋଡ଼ ଧରି କ୍ରମଶଃ ଅଦୃଶ୍ୟ ହୋଇଯିବା ପୂର୍ବର ଫଟୋଟା ସତେ ଯେମିତି ସେ ଫଟୋଟାରେ କେବଳ ସେ ଗାଡ଼ିଟାକୁ ଧରିରଖିବାର ଚେଷ୍ଟା କରାଯାଇଚି ।

“ଗାଡ଼ିର ନମ୍ବରଟା କୌଣସିମତେ ବୁଝି ହେଉ ନାହିଁ, ସାର, ସେଇଟା ମୋ’ର ଏକାନ୍ତ ଆବଶ୍ୟକ ।” ତାରଜନ ଅତି ଚିନ୍ତାକୁଳ ଭାବରେ କହିଉଠିଲା । ହଠାତ୍ ମି: ଚୌଧୁରୀଙ୍କ ମୁଣ୍ଡରେ ଗୋଟାଏ ବୁଦ୍ଧି ଦିଶିଲା । ଡବଲ୍ ମାଗ୍ନିଫ ଇଙ୍ଗ୍ ସେଟ୍ ପାଖକୁ ଉଠିଯାଇ ସେଥିରେ ଫଟୋଟାକୁ ସେଟ କରି ଦେଖିବସିଲେ ଚୌଧୁରୀ । ହଠାତ୍ ତାଙ୍କ ମୁହଁ ପ୍ରଫୁଲ୍ଲ ହୋଇଉଠିଲା । ଆନନ୍ଦରେ କ୍ଷୀଣ ଚିତ୍କାର କରିଉଠିଲେ ସେ । “ଆରେ, ଏଇଟା ତ ବମ୍ବେର ଗାଡ଼ିଟା ।” ନମ୍ବରଟା ନୋଟ୍ କରିସାରିଲା ପରେ ମି: ଚୌଧୁରୀ ଓ ଅଜୟବାବୁ ତାରଜନ ମୁହଁକୁ ଚାହିଁଲେ । ତାରଜନ ଆରମ୍ଭ କଲା ଗଲା ରାତିର ପୂର୍ବବର୍ଣ୍ଣିତ ଘଟଣା । ଏଥର ବୁଝିବାରେ ଆଉ ସନ୍ଦେହ ନାହିଁ ଯେ ଗତ ରାତିରେ ସେ ଯେଉଁ ଜଙ୍ଗଲ ଆଉ ପାହାଡ଼ ଉପରେ ଗୋଟିଏ ବିଭୀଷିକାମୟ ପ୍ରଳୟକାଣ୍ଡ ଘଟିଗଲା ସେଇ ପାହାଡ଼ିଆ ଝରଣାରେ, ତାକୁ ସବୁ ଦେଖିଥିବା ସେଇ ଯୋଉ ଛାୟାମୂର୍ତ୍ତିଟି, ସେ ତାରଜନ ଛଡ଼ା ଆଉ କେହି ନୁହେଁ ।

ଘଟଣାଟି ମନଦେଇ ଶୁଣିଲାବେଳେ ଚୌଧୁରୀଙ୍କର ଯେମିତି ମନେ ହେଉଥିଲା ସେ କ୍ରମଶଃ ଏକ ଶକ୍ତ ଜାଲରେ ଆବଦ୍ଧ ହୋଇପଡ଼ୁଛନ୍ତି ।

ଖବର କାଗଜରେ ଏକ ବିରାଟ ସମ୍ବାଦ ଭାବରେ ସେଦିନର ସେ ଡାକ-ବଙ୍ଗଳା ଚଉକିଦାରର ଗୁଳିଆଲ୍ୟକର ହତ୍ୟାସମ୍ବାଦ ବାହାରିପଡ଼ିଥାଏ । ସବୁଆଡ଼େ କେବଳ ସେ ଆଲୋଚନା । ତା' ସାଙ୍ଗକୁ ଶ୍ରେଷ୍ଠରାୟଙ୍କ ପୁଅର ଏ ଗତି. ପୋଲିସ ବିଭାଗକୁ ବେଶ୍ କିଛିଟା ବିବ୍ରତ କରୁଥାଏ । ବାରମ୍ବାର ଉପର ମହଲରୁ ତାଗିଦା ଶୁଣି ଶୁଣି ଆଇ: ଜି: କନର୍ଓ୍ୱାର ବଡ଼ ବ୍ୟଥିତ ହୋଇଉଠିଲେଣି । ସମଗ୍ର ପୋଲିସ ବାହିନୀ ତାଙ୍କର ପାରୁପର୍ଯ୍ୟନ୍ତ ଚେଷ୍ଟା ଚଳେଇଲେଣି ; କିନ୍ତୁ କୁଆଡ଼ୁ କିଛି ଲାଭ ହେଉ ନ ଥାଏ ।

ଯା'ଭିତରେ କେଇଟିଦିନ ଗଡ଼ିଗଲା । ପୋଲିସ ବିଭାଗର ଚରମ ଅବହେଳା ବିଷୟରେ ନାନାପ୍ରକାର କଟୁ ସମାଲୋଚନା ପ୍ରକାଶ ପାଉଥାଏ । ଏଥିପାଇଁ ସମସ୍ତେ ଚିନ୍ତିତ । ଶ୍ରେଷ୍ଠରାୟ ଏକ ରକମର ଖାଇଁ ପିଇଥାନ୍ତି କହିଲେ ଚଳେ । ତା'ର କାରଣ ମଧ୍ୟ କାହାରିକୁ ଅଛପା ନାହିଁ । ଏତେ ବଡ଼ ବିରାଟ ସମ୍ପତ୍ତିର ମାଲିକ ହବାପାଇଁ ତଥା ବଂଶରକ୍ଷା ପାଇଁ ଆଉ କେହି ନାହିଁ କହିଲେ ଚଳେ । ବଡ଼ପୁଅ ସୁଖେନ୍ଦୁକୁ ବିବାହ ପାଇଁ ବହୁବାର କହି ସେ ନିରାଶ ହୋଇଛନ୍ତି । ତା'ର ଏକା ଜିଦ୍ ସେ ବାହା ହବ ନାହିଁ । ତେଣୁ ସୁଖେନ୍ଦୁ ପରେ କିଏ ? ଏଇ କଥା ଭାବି ସେ ଦିବାରାତ୍ର ବଡ଼ ଅଶାନ୍ତିରେ କାଳଯାପନ କରୁଥାନ୍ତି ।

ଏମିତି ଦିନକର ସନ୍ଧ୍ୟା ବଡ଼ ହତାଶ ଭାବରେ ଇଜି ଚେୟାରଟି ଉପରେ ବସି ଶ୍ରେଷ୍ଠରାୟ କେତେ କଣ ଚିନ୍ତା କରୁଥାନ୍ତି । ବଡ଼ପୁଅ ସୁଖେନ୍ଦୁ ସେ ପର୍ଯ୍ୟନ୍ତ ଘରକୁ ଫେରି ନ ଥାଏ । ହଠାତ୍ କାର୍‌ଟିଏ ଗେଟ୍ ଭିତରକୁ ପଶିଲା । ପରମୁହୂର୍ତ୍ତରେ ମି: ଚୌଧୁରୀ ଓ ଅଜୟ ଗାଡ଼ିରୁ ଓହ୍ଲେଇବା ଦେଖି ଶ୍ରେଷ୍ଠରାୟ ଉଠି ଯାଇ ପାଛୋଟି ଆଣିଲେ । ଚା'ପାନର ବିରାମ ପରେ ମି: ଚୌଧୁରୀ କଥା ଆରମ୍ଭ କଲେ ।

"ସତରେ ମି: ଶ୍ରେଷ୍ଠରାୟ ! ପୋଲିସ ବିଭାଗ ତରଫରୁ ମୁଁ ଏତିକ ମୁକ୍ତ କଣ୍ଠରେ ସ୍ୱୀକାର କରିପାରେ ଯେ ସାରା ଦେଶର ଚତୁର ପୋଲିସବାହିନୀ ଆଜି ନିଜକୁ ବୋଧହୁଏ ଅସମର୍ଥ ମନେ କରିସାରିଲାଣି । କାରଣ ହେଲା ସତେ ଯେମିତି ଏ ଦୁଇଟି କାଣ୍ଡ ଭିତରେ କିଛିହେଲେ ଯୋଗାଯୋଗ ନାହିଁ, ପୁଣି ବହିଛି ଅଛି ।

ଗୋଟାଏ ହେଲା ଶୁଭେନ୍ଦୁ ଆଉ ତାଙ୍କ ପତ୍ନୀଙ୍କ ହରଣପ୍ରକ ଓ ଆଉ ଗୋଟିଏ ହେଲା ସେ ନନ୍ଦନକାନନ ବଙ୍ଗଳା ଚଉକିଦାରର ହତ୍ୟା । ସତେ ଯେମିତ ଏକ ଗ୍ରନ୍ଥିରେ ଜଡ଼ିତ ଦୁଇଟିଯାକ ଘଟଣା ରହସ୍ୟାବୃତ ହୋଇରହିଯାଇଛି । ସେଥିପାଇଁ ମୋର ମଧ କେତେଟା ଜରୁରୀ ଆଲୋଚନା ବାକି ଅଛି ସୁଖେନ୍ଦୁବାବୁଙ୍କ ସାଙ୍ଗରେ । କୁଆଡ଼େ ଗଲେ ସେ ?”

“କାହିଁ, ଫେରିନି ତ ଏ ପର୍ଯ୍ୟନ୍ତ । ହଁ, ଆଜି ମୁଁ ବର୍ତ୍ତମାନ ଖବର ଦବାକୁ ଯାଉଥିଲି ଆପଣଙ୍କୁ । ଜାଣିଛନ୍ତି ? ଶୁଭେନ୍ଦୁ ଯେଉଁ ଗାଡ଼ିଟା ମୋ'ର ନେଇଯାଇଥିଲା ସେ ଗାଡ଼ିଟା କାଲି ରାତିରେ ଫେରିଆସିଛି । ମୁଁ ଆଜି ସକାଳୁ ଉଠି ଦେଖେତ ମୋ ଗାଡ଼ିଟା ଥୁଆହୋଇଛି ଗ୍ୟାରେଜରେ । ସାଙ୍ଗେ ସାଙ୍ଗେ ମୁଁ ଆପଣଙ୍କୁ ଖବର ଦବାକୁ ଯାଉଥିଲି । କିନ୍ତୁ କାହିଁକି ପୁଣି ଭାବିଲି, ସୁଖେନ୍ଦୁ ଜାଣିଥିବ । ତାକୁ ପଚାରି କହିବି । ସେତେବେଳକୁ ସେ ନ ଥିଲା । ଅପେକ୍ଷା କରି କରି ସେ ଘଣ୍ଟାକ ତଳେ ଆସି ପହଞ୍ଚିଲା । ତା'ଠାରୁ ଯାହା ବୁଝିଲି, ସେ ଏ ବିଷୟରେ କିଛି ମାତ୍ର ଜାଣିନି ।”

ଏ କଥା ଶୁଣିସାରିବା ପରେ ମି: ଚୌଧୁରୀ ଏକବାରେ ପଥର ପାଲଟିଗଲା ଭଳି ଜଣାଗଲେ । କି ଆଶ୍ଚର୍ଯ୍ୟ, ଗାଡ଼ିଟା ଆସିଲା କେମିତି ! ସାମାନ୍ୟ ଚିନ୍ତା କରିବା ପରେ ମି: ଚୌଧୁରୀ କହିଲେ —

“ଆଚ୍ଛା, ଆପଣଙ୍କ ରାତିର ଜଗୁଆଳକୁ ଟିକେ ଖବର ଦେବେ ।”

“ମୁଁ ସେ ଚେଷ୍ଟା ଶେଷ କରିଛି, ମି: ଚୌଧୁରୀ ! କିନ୍ତୁ କିଛି ଲାଭ ହେଲାନି । ସେ କହେ ଯେ, ନିରବଚ୍ଛିନ୍ନଭାବରେ ସେ ରାତି ଗୋଟାକଯାକ ପହରା ଦେଇଛି । ହେଲେ ଏ ଗାଡ଼ିର ବିନ୍ଦୁବିସର୍ଗ ସମ୍ବନ୍ଧରେ ସେ କିଛି ଜାଣିନି । ଆଉ ତା'ଛଡ଼ା ତା' କଥା ମୁଁ କେବେହେଲେ ଅବିଶ୍ୱାସ କରିପାରିବିନି, ଯେହେତୁ ମୋର ସବୁଠାରୁ ବିଶ୍ୱସ୍ତ କର୍ମଚାରୀ ହେଲା ସେଇ ଭୂପିନ୍ଦର ବାହାଦୁର । ଅନ୍ତତଃପକ୍ଷେ ଏଇଟା ନିଶ୍ଚିତ ଯେ ରାତି ନଅଟାରୁ ଭୋର ପାଞ୍ଚଟା ପର୍ଯ୍ୟନ୍ତ କଦାପି ମଧ ମୋ ଘରର ଚଉହଦି ମାଡ଼ିପାରିବନି ତା'ର ବିନାନୁମତିରେ । ସେ ବିଷୟରେ ମୁଁ ନିଶ୍ଚିତ ।”

ମି: ଚୌଧୁରୀ ବୁଝିଲେ ଯେ ତାଙ୍କର ଚାରିକଡ଼େ କେମିତି ଏକ ଅନ୍ଧାର କ୍ରମଶଃ ଘେରି ଯାଉଛି । ସେ ଆଉ ଚିନ୍ତା କରିପାରୁ ନ ଥାନ୍ତି କିଛି ଆଗକୁ । ହଠାତ୍ ଅଜୟବାବୁଙ୍କ ମୁଣ୍ଡ କ୍ରମଶଃ ବେଶି ଭାରାକ୍ରାନ୍ତ ହୋଇଯିବାରୁ ସେ ଉଠିଗଲେ ଟିକେ

ଧାକ୍କାରେ ଚକ୍କର ଖାଇ ଆସିବାକୁ । ମି: ଚୌଧୁରୀ ଆଉ ଗୋଟିଏ ଦି'ଟା କଥା କହିସାରି ହଠାତ୍ କେମିତି ଗୋଟେ ଏ ପ୍ରସ୍ତାବ କରି ବସିଲେ—

"ଆପଣ ଯଦି କିଛି ମନେ ନ କରନ୍ତୁ, ମି: ଶ୍ରେଷ୍ଠରାୟ, ମୁଁ ତା' ହେଲେ ଆଜି ରାତିଟା ପାଇଁ ଆପଣଙ୍କ ଗାଡ଼ିଟା ନେବି । ହୁଏତ କାଲି ଦିନ ୧୨ଟା ସୁଦ୍ଧା ଫେରାଇ ଦେଇପାରେ । କିଛି ଅସୁବିଧା ହବନି ତ ?

"ନା, ନା, ଆଦୌ କିଛି ଅସୁବିଧା ହବନି । ମୋର କିଛି ଦରକାର ନାହିଁ ।"

"ଆପଣଙ୍କର ଡ୍ରାଇଭରକୁ ଟିକିଏ ଡାକନ୍ତେ..." ଭଦ୍ରତା ରକ୍ଷା କରି ମି: ଚୌଧୁରୀ ପଚାରିଲେ । କିନ୍ତୁ ଶ୍ରେଷ୍ଠରାୟ ଉତ୍ତର ଦେଲେ—

"ଦେଖନ୍ତୁ, ମୋର ଡ୍ରାଇଭର ନାହିଁ କହିଲେ ଚଳେ । କାରଣ ଆମେ ସମସ୍ତେ ଗାଡ଼ି ଚଳେଇ ଜାଣୁ । ତାଛଡ଼ା ଏମିତି ଚଳିବା ଦରକାର ପଡ଼ିଲେ ଆମ ଘରେ ଯୋଉ ଚାକର ନନ୍ଦିଆ ବୋଲନ୍ତି କ କରେ ସେ ନେଇଯାଏ । ନ ହେଲେ ମୋ ଫାର୍ମର ଟ୍ରକ ଡ୍ରାଇଭର ଆସି ଦିଏ ଆଉ ନେଇଯାନ୍ତି ।"

"ଆଚ୍ଛା, ଠିକ୍ ଅଛି । ତା'ହେଲେ ମୁଁ ଗାଡ଼ିଟା ନେଇଯାଉଛି; କାଲି ପହଞ୍ଚେଇବାର ଦାୟିତ୍ୱ ମୋ ଉପରେ । ଆଜି ପାଇଁ ତା' ହେଲେ ମୁଁ ଉଠେଁ ।"

"ହଁ, ନିଶ୍ଚୟ । କିନ୍ତୁ ଗୁଇନ୍ଦା ସାହେବ, ମୋ ଶୁଭେନ୍ଦୁ ଆଉ ତା ସ୍ତ୍ରୀ, ଦୁହିଁଙ୍କୁ ମୁଁ ଖୁବ୍ ଶୀଘ୍ର ଫେରିପାଇବି ତ ?"

"ମତେ କେବଳ ଚେଷ୍ଟା କରିବାକୁ ଦିଅନ୍ତୁ ଆଜ୍ଞା, ମୁଁ ଜୀବନପ୍ରାଣ ଚେଷ୍ଟା କରିବି ଫେରାଇ ଆଣିବାକୁ । କିନ୍ତୁ..."

"କ'ଣ କିନ୍ତୁ...କୁହନ୍ତୁ..."

"ନା, ଆଜି ନୁହେଁ । ଗାଡ଼ି ଚାବିଟା ମତେ ଦିଅନ୍ତୁ ।"

"ହଁ...ହଁ..." କହି ଶ୍ରେଷ୍ଠରାୟ କଲିଂ ବେଲ୍ ଚିପିଲେ । ନନ୍ଦିଆ ଚାକର ଆସି ପହଞ୍ଚିଲା । ତାକୁ ଶ୍ରେଷ୍ଠରାୟ ବରାଦ କଲେ ଗାଡ଼ି ଚାବି ପାଇଁ । ନନ୍ଦିଆ ଯାଇ କିଛି ସମୟ ପରେ ଫେରିଆସି କହିଲା, "ସୁଖେନ୍ଦୁ ବାବୁ ଗାଡ଼ି ଚାବି ନେଇଯାଇଛନ୍ତି ସାଙ୍ଗରେ । ଶ୍ରେଷ୍ଠରାୟ ସାମାନ୍ୟ ଚମକିତ ହେଲେ । କିନ୍ତୁ ପରମୁହୂର୍ତ୍ତରେ ତାଙ୍କ ମୁହଁ ଉପରେ ହସ ଫୁଟି ଉଠିଲା ।"

ଚାରଜନ—

"ଲୁହନ୍ତୁ, ମୋ ପାଖରେ ଡୁପ୍ଲିକେଟ୍ ଗୃକଟା ଅଛି । ମୁଁ ଆଲମିରା ଭିତରୁ ଆଣେ"—ଏତକ କହି ଉଠିଗଲେ ମି: ଗ୍ରେଟରାୟ । ହଠାତ୍ ଏହି ସମୟରେ ଟେଲିଫୋନ ରିଂ ହେଲା । ନନ୍ଦିଆ ଟେଲିଫୋନ୍ ଧରିଲା । କଥାବାର୍ତ୍ତାରୁ ଯାହା ବୁଝାପଡ଼ିଲା —ସୁଖେନ୍ଦୁବାବୁ ଟେଲିଫୋନ୍ କରୁଥିଲେ । ଗାଡ଼ି ନେଇ ଅତି ଶୀଘ୍ର ଯିବା ପାଇଁ । କଣ ଖୁଣ ଜରୁରୀ ଦରକାର । ଗ୍ରେଟରାୟ ଆସିବା ମାତ୍ରେ ନନ୍ଦିଆ ତାଙ୍କୁ ତଦନୁଯାୟୀ ଖବର ଦେଲା । ସୁଖେନ୍ଦୁଙ୍କର ଗାଡ଼ି କ'ଣ ଜରୁରୀ ଦରକାର ପଡ଼ିଲା ଭାବି ମି: ଗ୍ରେଟରାୟ ସାମାନ୍ୟ ଚକିତ ହୋଇଉଠିଲେ । କାରଣ ଚୌଧୁରୀଙ୍କୁ ସେ ପ୍ରତିଶ୍ରୁତି ଦେଇସାରିଛନ୍ତି ଗାଡ଼ିଟା ଦେବେ ବୋଲି । କିନ୍ତୁ ଚୌଧୁରୀ ଏ ପ୍ରକାର ଅବସ୍ଥାକୁ ଗ୍ରେଟରାୟଙ୍କର ବେଶ ହୃଦୟଙ୍ଗମ କରିପାରିଥିଲେ । ତେଣୁ ଆଗ ବଳିପଡ଼ି ସେ ମନାକଲେ ଗାଡ଼ି ନବାକୁ । ସେତେବେଳକୁ ନନ୍ଦିଆ ପ୍ରାୟ ପ୍ରସ୍ତୁତ ହୋଇସାରିଥିଲା ଗାଡ଼ି ନେଇଯିବାକୁ । ଗ୍ରେଟରାୟ ଗାଡ଼ିର ଗୃବ ତାକୁ ଦେଲେ ।

କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର । ନନ୍ଦିଆ ଯାଇ ଗାଡ଼ି ଷ୍ଟାର୍ଟ କରି ଦେଖେତ ଗାଡ଼ି ଷ୍ଟାର୍ଟ ହଉନି । ବହୁତ ଚେଷ୍ଟା କଲା ପରେ ମଧ୍ୟ ଯେତେବେଳେ କିଛି ଫଳ ହେଲାନି ଗ୍ରେଟରାୟ ଏକ ପ୍ରକାର ଦୁଃଖରେ ଭାଙ୍ଗି ପଡ଼ିଲେ । ତାଙ୍କର ବ୍ୟଗ୍ରତା ଆହୁରି ବଢ଼ି ଉଠିଲା, କାରଣ କୌଣସି ଏକ ବିଶେଷ ଜରୁରୀ ଆବଶ୍ୟକତା ନ ଥିଲେ ସୁଖେନ୍ଦୁ ହୁଏତ ଗାଡ଼ି ପାଇଁ କହି ନ ଥାନ୍ତା ।

ମି: ଚୌଧୁରୀ କିନ୍ତୁ କହିଲେ ଯେ—"ମୋର ସନ୍ଦେହ ବୋଧହୁଏ ସତ୍ୟ, ମି: ଗ୍ରେଟରାୟ । ଯିଏ ଗାଡ଼ିଟା ଫେରାଇଦେଇଚି ସେ ଯେ ଭଲ ଅବସ୍ଥାରେ ଫେରେଇଚି ଏ କଥା କେବେ ନୁହେଁ ।"

ଏ କଥାରେ ଗ୍ରେଟରାୟ ସମ୍ପୂର୍ଣ୍ଣ ଏକମତ ହେଲେ । କିନ୍ତୁ ତାଙ୍କର ବ୍ୟସ୍ତତା ଆହୁରି ବଢ଼ିଗଲା ଗାଡ଼ିଟା ପଠେଇବାପାଇଁ । ହଠାତ୍ ଆଉ କିଛି ବାଟ ନ ପାଇ ଅକସ୍ମାତ କହିଲେ—

"ଯଦି କିଛି ନ ଭାବନ୍ତି ମୋ ଗାଡ଼ିଟା ସେ ନେଇଯାଉ । ଆମେ ଅଫିସ କାର୍ ମଗେଇ ଚାଲିଯିବୁ ।"

କଥାଟି ପାଇଁ ଗ୍ରେଟରାୟ ଆଶା କରି ନ ଥିଲେ ମଧ୍ୟ ସେତେବେଳେ ତାଙ୍କୁ ସେଇଟା ବହୁତ ସମ୍ଭବ ପରି ମନେହେଲା । ଅବଶ୍ୟ ଲୌକିକତା ଦୃଷ୍ଟିରୁ ସେ ପ୍ରଥମେ କୁଣ୍ଠାବୋଧ କରୁଥିଲେ । କିନ୍ତୁ ଚୌଧୁରୀ ବାଧ୍ୟ କରିବାରୁ ସେ ନାଜିକ

ହେଲେ ନାହିଁ । ବରଂ ନନ୍ଦିଆକୁ ଆଦେଶ ଦେଲେ ଗାଡ଼ି ନେଇଯିବାକୁ । ନନ୍ଦିଆ ପ୍ରଥମେ ନାମଙ୍ଗ ହେଲା । କାରଣ ସେ କହିଲା ଯେ ସୁଖେନ୍ଦୁ କୁଆଡେ ସେ ଗାଡ଼ି ନବାକୁ କହିଛନ୍ତି । ଅନେକଗୁଡ଼ିଏ ଲୋକ ଯିବାର ଅଛୁ । ତେଣୁ ଆମ୍ଭ ସାଙ୍ଗର ଗାଡ଼ିଟା ସୁବିଧା । କିନ୍ତୁ ଚୌଧୁରୀଙ୍କର ଫିଆଟ୍ ଗାଡ଼ିଟା ଦେଖି ହୁଏ ତ ସେ ଗାଳି ଦେଇ-ପାରନ୍ତି । କିନ୍ତୁ ଗ୍ରେଟଗ୍ରସ୍ କାଷ୍ଟୁଁ ବିରକ୍ତି ପ୍ରକାଶ କରିବାରେ ସେ ଚୌଧୁରୀଙ୍କର ଗାଡ଼ିଟା ନବାକୁ ବାଧ୍ୟ ହେଲା । ତା'ର ଷ୍ଟାର୍ଟ କରି ଚାଲିଯିବାର କିଛିକ୍ଷଣ ପରେ ଗ୍ରେଟଗ୍ରସ୍ ପୁଣି ସେ ଗାଡ଼ି କଥା ଉଠାଇଲେ । କୌତୁହଳବଶତଃ କ'ଣ ହେଇଛି ବୋଲି ଅଜୟ ଗାଡ଼ିଟା ପରୀକ୍ଷା କରି ଦେଖୁ ଦେଖୁ ହଠାତ୍ ଗାଡ଼ିଟା ଷ୍ଟାର୍ଟ ହେଲା । ତା'ପରେ ଠିକ୍ ଚାଲିବା ଉପକ୍ରମ କଲା ।

ଏକଥା ଦେଖି ଗ୍ରେଟଗ୍ରସ୍ ଆନନ୍ଦରେ କହିଲେ, "ତା' ହେଲେ ମି: ଚୌଧୁରୀ ଆପଣ ମୋ ଗାଡ଼ିଟା ନେଇ ଚାଲିଯାଇପାରନ୍ତି ।" ମି: ଚୌଧୁରୀ ମଧ୍ୟ ସେଥିରେ ସମ୍ମତି ପ୍ରକାଶ କଲେ । ସେତେବେଳକୁ ରାତି ବେଶି ହୋଇ ଯାଇଥାଏ । ବର୍ଷା ପୁଣି ଉଠେଇ ରହିଥାଏ ଆକାଶରେ । କାଲେ ବର୍ଷା ହୋଇପାରେ ଭାବି ଚୌଧୁରୀ ଆଉ ଅଜୟ ଶୁଭରାତ୍ରି ଜଣେଇ ଉଠିଲେ ।

ମୁହୂର୍ତ୍ତିକ ମଧ୍ୟରେ ଅଜୟଙ୍କର ହାତ ଷ୍ଟିଅରିଂ ଉପରେ ଦୃଢ଼ ହୋଇଉଠିଲା । ଆଖିପିଛୁଳାକେ ଗାଡ଼ିଟା ତୀବ୍ର ବେଗରେ ଆଉ ଏକ ରାସ୍ତାରେ ବେଗଗାମୀ ହବାକୁ ଲାଗିଲା । କିଛି ସମୟ ଏହିପରି ଯିବା ପରେ ଗୋଟିଏ ପେଟ୍ରୋଲପମ୍ପ ପାଖରେ ଗାଡ଼ିଟି ଚୌଧୁରୀଙ୍କର ନିର୍ଦ୍ଦେଶ ଅନୁଯାୟୀ ବ୍ରେକ୍ କଷିଲା । ପେଟ୍ରୋଲ ପମ୍ପର ଢୋଲାଇ ଥିବା ଜଗୁଆଳକୁ ଦେଖିବାମାତ୍ରେ ମୁହୂର୍ତ୍ତିକ ମଧ୍ୟରେ ଅଜୟଙ୍କୁ କେତୋଟି ନିର୍ଦ୍ଦେଶ ଦେଇଦେଲେ । ଗାଡ଼ି ଅଟକିବା ଦେଖି ଜଗୁଆଳର ନିଦ ଭାଙ୍ଗିଗଲା । ସେ ଆସି ତେଲ କଥା ପଚାରିବାରେ ଟାଙ୍କି ପୂରା କରିବାକୁ କହିଦେଇ ଅଜୟ ସେ ଭିତର-ଆଡ଼େ ଯାଇ ଟେଲିଫୋନ୍ ଧରି କାହା ସାଙ୍ଗରେ କଥାବାର୍ତ୍ତା କଲେ । ଚୌଧୁରୀ ପେଟ୍ରୋଲ ମିଟର ଦେଖି ଲେଡ଼ କରିବ ଭିତରେ ଅଜୟଙ୍କର କଥା ଶେଷ ହେଲା । ପଇସା ଛିଣ୍ଡେଇଦେଇ ଗାଡ଼ିରେ ବସି ପୁଣି ଅଜୟ ଷ୍ଟାର୍ଟ କଲେ । ତା'ର ଭିତରେ ଚୌଧୁରୀ କ'ଣ ନିର୍ଦ୍ଦେଶ ଦେଲେ ଅଜୟଙ୍କୁ ଆଉ ତାଙ୍କୁ କେତୋଟି ଉପଦେଶ ଦେଲେ, ତାହା ଆଉ କେହି ଜାଣିଲେନି ।

ଏହିପରି ଦ୍ରୁତ ଗତିରେ ଗାଡ଼ିଟା କିଛି ସମୟ ଚାଲିବା ପରେ ଖୁବ୍ ଦୂରରେ ଆଗକୁ ଗୋଟିଏ [illegible] । [illegible] ମୁଖ ଉଜ୍ଜ୍ୱଳ ହୋଇଗଲା, ଆଉ

ସେ ଉଜ୍ଜ୍ୱଳ ମୋଟର ସାଇକେଲର ଆଲୋକ ପାଖ ହୋଇଗଲା ମାତ୍ରେ ବ୍ରେକ୍ କଷିଲା । ମଟର ସାଇକେଲ ଆରୋହୀ ଜଣକ ଏକାକୁଦାକେ ଆସି ଗାଡ଼ି ଭିତରେ ଚାଳକର ଆସନରେ ବସିଲା । ମି. ଚୌଧୁରୀ ମଧ୍ୟ ପ୍ରାୟ ସେହିପରି ଆଖିପିଛୁଳାକେ ବାହାରିଗଲେ ଗାଡ଼ି ଭିତରୁ । ଆଉ ଯାହା ପଦେ ଦି'ପଦ ଆଗନ୍ତୁକର କାନରେ କହିଦେଇ ସେଇଠି ଓହ୍ଲାଇଗଲେ । ଆଗନ୍ତୁକ ଜଣକ ଯେ ଆମର ତାରଜନ୍ ଛଡ଼ା କେହି ନୁହେଁ ଏକଥା କହିବା ଅନାବଶ୍ୟକ । ପରସ୍ପର ବିଚ୍ଛିନ୍ନ ହୋଇଗଲା ପରେ ତାରଜନ୍ ଯେପରି ବେଗରେ ଗାଡ଼ି ଗୁଡ଼ାଇଲା ଅନ୍ୟ କେହି ପାଖରେ ବସିଥିଲେ ହୁଏତ ହାର୍ଟଫେଲ କରିଥାନ୍ତା । କିନ୍ତୁ ଅଜୟ ତାର ଡ୍ରାଇଭିଂ ସହିତ ଏକାନ୍ତ ପରିଚିତ ବୋଲି ବିଶେଷ କିଛି ଚିନ୍ତା କଲେନାହିଁ ବରଂ ଆବଶ୍ୟକୀୟ ଉପଦେଶମାନ ଏବଂ ଆଗାମୀ କର୍ମପନ୍ଥାର ବିବରଣୀ ସବୁ ଅତି ଅଳ୍ପରେ କହିବାକୁ ଆରମ୍ଭ କଲେ ।

ଇଆଡ଼େ ମି: ଚୌଧୁରୀ ମଟର ସାଇକେଲରେ ଦ୍ରୁତବେଗରେ ତାଙ୍କର ନିଜ ଘରଆଡ଼କୁ ମୁହାଁଇଲେ । କିଛି ସମୟ ପରେ ଆସି ସେ ଘରେ ପହଞ୍ଚିଲେ । ମଟର ସାଇକେଲଟିକୁ ଗ୍ୟାରେଜରେ ରଖି ଯାଇ ମୁହଁହାତ ଧୋଇବାକୁ ବାଥ୍‌ରୁମରେ ପଶିଲେ । କିଛିକ୍ଷଣ ପରେ ସବୁ ସାରି ଆସି ବସିଲେ । ରାତ୍ରି ପ୍ରାୟ ସେତେବେଳକୁ ସାଢ଼େ ଦଶଟା । ପୂଝାରୀ ଆସି ଖାଇବାକୁ ଡାକିଲା । କିନ୍ତୁ ଚୌଧୁରୀ ଯେମିତି କାହାକୁ ଅପେକ୍ଷା କରୁଥିଲେ । ହଠାତ୍ ଏଇ ସମୟରେ ଗୋଟିଏ କାର୍ ପାର୍କ କରିବାର ଶବ୍ଦ ଶୁଣାଗଲା । ଚୌଧୁରୀଙ୍କର ମୁହଁରେ ସାମାନ୍ୟ ହସ ଫୁଟିଉଠିଲା ।

ଭିତରକୁ ପ୍ରବେଶ କଲେ ସୁଖେନ୍ଦୁ ଶ୍ରେଷ୍ଠ ରାୟ । ଏତେବେଳେ ସୁଖେନ୍ଦୁଙ୍କୁ ଦେଖି ଚୌଧୁରୀ ବିସ୍ମୟ ପ୍ରକାଶ କଲେ । ତା'ପରେ ସୁଖେନ୍ଦୁ କହିଲେ—

"ଆପଣ ବଡ଼ ହଇରାଣ ହୋଇ ଆସିଥିବେ ନିଶ୍ଚୟ । କାରଣ ଆପଣଙ୍କ ଗାଡ଼ିଟା ମୋ'ପାଇଁ ନେଇଗଲା । ମୋ'ର ବିଶ୍ୱାସ ନ ଥିଲା ଯେ ଆପଣ ଆସି ଘରେ ପହଞ୍ଚିସାରିଥିବେ । ସେଥିପାଇଁ ମୁଁ ଆପଣଙ୍କ ଗାଡ଼ି ନେଇଆସିଚି, ଆଉ ସେ ଗାଡ଼ିଟା ନେଇଯିବ ।"

ଏଇ କଥାରେ ମି: ଚୌଧୁରୀ ବଡ଼ ଅଡ଼ୁଆରେ ପଡ଼ିଲେ । ଦୁଃଖପ୍ରକାଶ କରି କହିଲେ ଯେ ପ୍ରକୃତରେ ସେମାନେ ପହଞ୍ଚି ପାରି ନ ଥାନ୍ତେ । ବାଟରେ ଗୋଟାଏ ମେକାନିକ୍‌କୁ ଧରି ଗାଡ଼ିଟା ଟିକେ ବାଗେଇଦେବାକୁ ପଡ଼ିଲା । ତା'ପରେ ହଠାତ୍ ଅଜୟଙ୍କର ଘରୁ ଟ୍ରଙ୍କକଲ୍ ଖବର ଆସିଲା ଯେ ତାଙ୍କ ମା'ଙ୍କର ଦେହ ଖୁଆପଣ

ଖରାପ । ତେଣୁ ସେ ଗାଡ଼ି ନେଇ ଘରାଘର ଚାଲିଗଲେ । ହୁଏତ କାଲି ଫେରି-ପାରନ୍ତି ।

ଏଇ କଥା ଶୁଣିସାରିଲା ପରେ ସୁଖେନ୍ଦୁ କେମିତି ଟିକେ ବିଶେଷ ପରିମାଣରେ ବିମର୍ଷ ହୋଇଗଲେ । ଅବଶ୍ୟ ସେ ମୁଖଭଙ୍ଗୀକୁ ଚୌଧୁରୀ ଦେଖି ମଧ୍ୟ ନ ଦେଖିବାର ଛଳନା କଲେ । କିନ୍ତୁ ସୁଖେନ୍ଦୁ ଉପରେ କିଛି ନ କହି ବରଂ କଥାଟାକୁ ଚଳେଇନବାକୁ ଚେଷ୍ଟା କଲେ । ତଥାପି ମନ ଭିତରେ ଗାଡ଼ିଟା ପାଇଁ ସେ ଦୁଃଖିତ ହେଲେ । ଅତି ପ୍ରିୟ ଗାଡ଼ିଟା ତାଙ୍କର—ଏବେ ଖରାପ ଅବସ୍ଥାରେ ଗୋଟାଏ ଲମ୍ବା ରାସ୍ତା ନବା ମୋଟେ ଉଚିତ ନ ଥିଲା । ସେତିକିରେ ସୁଖେନ୍ଦୁ ବିଦାୟ ନେଲେ ଚୌଧୁରୀଙ୍କ ଅନୁରୋଧରେ ତାଙ୍କ ଗାଡ଼ିଟାକୁ ନେଇ । ଚୌଧୁରୀ ସୁଖେନ୍ଦୁଙ୍କୁ ବିଦାୟ ଦେଇସାରିଲା ପରେ ପୁଝାରୀକୁ ଆଦେଶ ଦେଲେ ଖାଇବା ରେଡ଼ି କରିବାକୁ ।

ଖୁବ୍ ଅଳ୍ପ ସମୟ ଭିତରେ ଖାଇନେଲେ ସେ । ତା'ପରେ ତାଙ୍କର ମନେ ପଡ଼ିଲା, ଉପରବେଳା ଡ଼ାକ ବାକସ ଖୋଲି ନାହାଁନ୍ତି । ଯାଇ ଖୋଲିଦେଇ ଦେଖିଲେ ମାମୁଲି ଧରଣର ଲଫାପା ଖଣ୍ଡିଏ । ବଡ଼ ବେଖାତିର ଭାବରେ ଚିଠିଟାକୁ ଖୋଲିଦେଇ ପ୍ରଥମେ ହତଭମ୍ବ ହୋଇଗଲେ ଚୌଧୁରୀ । କାରଣ ରାଇଟିଂ ପ୍ୟାଡ଼ର ମୋହର ଏମିତି ବୀଭତ୍ସ କେବେ ହୋଇପାରେ ସେଇଟା ତାଙ୍କର ଧାରଣାର ବାହାରେ ଥିଲା । ଅନେକଗୁଡ଼ାଏ ମଡ଼ା ଉପରେ ଜଣେ ଠିଆ ହୋଇଛି—ଏଇଟାହିଁ ହେଲା ସେ ପ୍ୟାଡ଼ର ଛବି । ଲେଖାଟା ପଢ଼ିଲେ—

ମି: ଚୌଧୁରୀ,

ଆପଣଙ୍କ ପ୍ରତି ମୋର ଗୁଇନ୍ଦା ହିସାବରେ ଯଥେଷ୍ଟ ସମ୍ମାନ ରହିଛି । କିନ୍ତୁ ମୋର ଗୋଟିଏ ଅନୁରୋଧ, ମୋର ପ୍ରଥମ ପାହାଚରେ ହିଁ ମତେ ଯୋଉ ଦୁଇଜଣଙ୍କୁ କରଗତ କରିବାକୁ ପଡ଼ିଲା ସେଇ ଶୁଭେନ୍ଦୁ ଆଉ ତା ସ୍ତ୍ରୀର ମିଳିବା ଉପରେ ଗୁରୁତ୍ୱ ଆରୋପ କରିବେ ନାହିଁ । ଯଦି କରନ୍ତି ତା'ହେଲେ ମୋ ବାଟ ସଫା କରିବାପାଇଁ ମୁଁ ଆପଣଙ୍କୁ ମଧ୍ୟ ସେଇ ରାସ୍ତାକୁ ପଠାଇବା ପାଇଁ ପ୍ରତିଶ୍ରୁତି ଦେଉଛି । ଇତି ।

ନାଁ ନାହିଁ, କିଏ ଲେଖିଛି ସେ ଚିଠି ? ତଥାପି ଚୌଧୁରୀ ଚମକି ଉଠିଲେ । ସେ ଚମକିବାଟା ହୁଏତ ତାଙ୍କ ନିଜର ଜୀବନ ପାଇଁ ଭୟ ନୁହେଁ ; କିନ୍ତୁ ଏତେଦିନ ପରେ ସେ ବର୍ତ୍ତମାନ ଶୁଭେନ୍ଦୁ ଗ୍ରେଟରାୟ ଆଉ ତାଙ୍କ ସ୍ତ୍ରୀଙ୍କର ଏକ

ବିକଳିତ ଦଶା ବିଷୟରେ ନିଶ୍ଚିତ ହୋଇଗଲେ । ଏଇ ଚଟିରୁ କାହିଁକି କେଜାଣି ତାଙ୍କର ମନେପଡ଼ିଗଲା ସେଇ ବିଭୀଷିକାମୟୀ ରାତ୍ରିର ଘଟଣା । ପାହାଡ଼ ତଳକୁ ଗୋଟାଏ ଗାଡ଼ି ଯେ ଖସିପଡ଼ିଲା, ତାରଜନ୍‌ର ସେ ଘଟଣା ବର୍ଣ୍ଣନା କେମିତି କାହିଁକି ଆସି ଯୋଖି ହୋଇଗଲା ଏ ଚଟିର ସାଥିରେ । ଗୁହା ଭିତରୁ ଗୋଟାଏ ଦୀର୍ଘଶ୍ୱାସ ବାହାରିଆସିଲା । ତା' ହେଲେ ଆଉ ଏତେ ପରିଶ୍ରମ କରି କିଛି ଲାଭ ନାହିଁ । କିନ୍ତୁ ପରମୁହୂର୍ତ୍ତରେ ସେ ଆହୁରି ଦୃଢ଼ ହୋଇ ଉଠିଲେ । କାରଣ ଏ ଲୋକଟାର ଦର୍ପଟାକୁ କୌଣସିମତେ ଭାଙ୍ଗିବାକୁ ପଡ଼ିବ । ପୋଷାକ ଖୋଲି ଟିକେ ଶୋଇବାର ଉପକ୍ରମ କରିବେ ବୋଲି ଭାବୁଥିଲେ । କିନ୍ତୁ ପୁଣି କ'ଣ ଭାବି ଟାଇଗରକୁ ଡାକିଲେ । ଟାଇଗର ତାଙ୍କର ଅତି ବିଶ୍ୱସ୍ତ ଆଉ ସୁଶିକ୍ଷିତ କୁକୁର । ତାକୁ ଡାକି ସେ ଚଟିରୁ କ'ଣ ଶୁଙ୍ଘାଇବାକୁ ଚେଷ୍ଟାକଲେ । କୁକୁରଟି ଶୁଙ୍ଘି ଶୁଙ୍ଘି କିଛି ବୁଝିପାରିଲାନି ବୋଧହୁଏ, କିନ୍ତୁ ହଠାତ୍ ଭୀଷଣ ଜୋର୍‌ରେ ଭୁକିଉଠିଲା । ତାକୁ ଆଶ୍ୱସ୍ତ କରି ଅତିଶୀଘ୍ର ରାତ୍ରି ପୋଷାକରେ ସଜ୍ଜିତ ହୋଇ ଚୌଧୁରୀ ମଟର ସାଇକେଲରେ ଷ୍ଟାର୍ଟ ଦେଲେ । ସେତେବେଳକୁ ରାତି ଗୋଟାଏ ।

ଦୀର୍ଘ ତିନି ଘଣ୍ଟା ନିତାନ୍ତ ଅପ୍ରତ୍ୟାଶିତ ପଥରେ ଡ୍ରାଇଭିଂ କଲା ପରେ ତାରଜନ୍ ଏବଂ ଅଜୟ ଆସି ଏହିପରି ଏକ ସ୍ଥାନରେ ଆଶ୍ରୟ ନେଇଥିଲେ । ଯାହା ଯାହା ତାଙ୍କର ପରୀକ୍ଷା କରିବାର କଥାସବୁ କିଛି ଅତି ଅଳ୍ପକ୍ଷଣ ମଧ୍ୟରେ ଅନୁସନ୍ଧାନ ସାରିଦେଲେ । ତା'ପରେ ତାରଜନ୍ କହିଲା—

"ଅଜୟବାବୁ, ରାତି ମୋଟେ ଦୁଇଟା ବାଜିଛି । ମୁଁ ଆଦୌ କ୍ଲାନ୍ତ ନୁହେଁ । ଆପଣ ଶୋଇପଡ଼ନ୍ତୁ । ମୁଁ ଟିକେ ଏଇ ପାଖ ଜଙ୍ଗଲଟା ବୁଲିଆସେ ।"

ଅଜୟଙ୍କର ମନା କରିବାର କିଛି ନାହିଁ । କାରଣ ସେ ଜାଣନ୍ତି ତାରଜନ୍‌ର ପ୍ରକୃତି । ଏଇ ଜଙ୍ଗଲ, ପାହାଡ଼, ବାଘଭାଲୁ ଭିତରେ ସେ ବଢ଼ିଛି । ଦିହରେ ଏକାଥରକେ ଦୁଇଟା ସିଂହର ବଳ । ତେଣୁ ଯେତେ ସହର ଯାଗାରେ ରହିଲେ ବି ଏଭଳି ଜାଗା ଦେଖିଲେ ତା'ର ପ୍ରକୃତି ଟିକେ ମନେ ପକାଏ । ହୁଏତ ଏଇ ବୁଲିଆସିବା ଭିତରେ ଗୋଟାଏ ଶାଳଗଛକୁ ଧକ୍କାଏ ମାରି ଓପାଡ଼ିଦେବନି ବା ପାହାଡ଼ ଦିହରୁ ବଡ଼ ବଡ଼ ପଥର କେଇଟା ଆଣି ନିଜ ଦେହରେ ପିଟି ଭାଙ୍ଗି ଚୂନା କରିବ । ସହର ଜାଗାରେ ଏଗୁଡ଼ା କୁଆଡ଼ୁ କରିବାକୁ ମିଳିବ ? ତେଣୁ ସେ ବୁଲିଗଲା ବିଶେଷ କରି ଆଜି ତା'ର ମନ ଭାରି ଖୁସି । ସେଇ ଖୁସି ଉପରେ ସେ ପଥରଟାକୁ

ନ କରୁଣ୍ଡ ମଟରଟାକୁ ଟେକି କରୁଡ଼ିବାକୁ ଚେଷ୍ଟା କରିବ ବୋଲି କହୁଥିଲା; କିନ୍ତୁ, ପରର ଗାଡ଼ି ବୋଲି ତା ଜାଣନ ।

ଅଝାଡ଼ ଜଙ୍ଗଲ ଭିତରେ ଏଇ ଫରେଷ୍ଟ ରେଷ୍ଟହେଉସ୍‌ଟିଏ । ତା ଭିତରେ ଏକା ଅଜୟ । ରାତି ପ୍ରାୟ ଦୁଇଟା ହୋଇଗଲାଣି । ତାରଜନ୍ ଚାଲିଯାଇଛି ଜଙ୍ଗଲକୁ ଏକା ବସି ବସି ଟିକେ କ୍ଲାନ୍ତ ଲାଗିଲା ଅଜୟଙ୍କୁ । ଭାବିଲେ ଟିକେ ଶୋଇବେ ବୋଲି । ଆଖି ଟିକେ ଲାଗିଆସିଛି, ହଠାତ୍ ଜଣାଗଲା କିଏ ଯେମିତି ଖୁବ୍ ଦୂରରେ ଆର୍ତ୍ତ ଚିତ୍କାର କରୁଛି । ଗଳାଟା ଜଣେ ନାରୀର, ଏକଥା ବୁଝିବାକୁ ଆଉ ବାକି ରହିଲାନି, କିନ୍ତୁ ପରମୁହୂର୍ତ୍ତରେ କାନପାରି ଶୁଣିବାକୁ ଚେଷ୍ଟାକରି ଆଉ ପାରିଲାନି । ମନେହେଲା ସତେକି ଜଣକୁ ବଳପ୍ରୟୋଗ କରି ଦୂରକୁ ଟେକିନେଆଗଲା । ନିଜକୁ ସାମାନ୍ୟ ସଂଯତ କରି ଅଜୟ ଭାବିଲେ, ଏଥିରେ ବିଶେଷ କିଛି ଗୁରୁତ୍ୱ ଦବାର ନାହିଁ । କାରଣ ନିପଟ ଜଙ୍ଗଲର କୋଉ ପାଖରେ ଗୋଟାଏ ଦି'ଟା ଘର । ଆଦିବାସୀ ବା ବଣୁଆ ଲୋକ କେହି ଥିବେ । ରାତିରେ ହାଣ୍ଡିଆ କି ମହୁଲି ପିଇ ସ୍ତ୍ରୀକୁ ମାଡ଼ିବା ବିଚିତ୍ର ନୁହେଁ । ତେଣୁ ସେ ଆରାମ କରିବାକୁ ଚେଷ୍ଟାକଲେ ।

କିଛି ସମୟ ଜଙ୍ଗଲରେ ବୁଲିବା ପରେ ତାରଜନ୍ ହଠାତ୍ ଗୋଟାଏ ଗର୍ଜନ ଶୁଣିବାକୁ ପାଇଲା । କୌଣସି ଭୟଙ୍କର ଜନ୍ତୁର ବୋଧହୁଏ । ଅନ୍ୟ କେହି ହୋଇଥିଲେ ଡରି ବେହୋସ ହୋଇଯାଇଥାନ୍ତା । ହେଲେ ତାରଜନ୍‌କୁ ସେଇଟା ଗୋଟାଏ ଆହ୍ୱାନ ଭଳି ଲାଗିଲା । ତେଣୁ ସେ ଅଧିକ ବେଗରେ ସେଇଆଡ଼କୁ ଦଉଡ଼ିବାକୁ ଲାଗିଲା । ଦଉଡ଼ି ଦଉଡ଼ି କିଛିବାଟ ଗଲାପରେ ସେ ପୁଣି ଶୁଣିପାରିଲା ସେଇ ଜନ୍ତୁର ଗର୍ଜନ ! ତା'ପରେ ତାର୍‌ଜନ ସଚେତ ହୋଇଗଲା । ଏଥର ଆସ୍ତେ ଆସ୍ତେ ଆଗେଇ ସେ ଦେଖିଲା ଖଣ୍ଡେ ଦୂରରେ ଗୋଟାଏ ବିଶାଳକାୟ ପଶୁ ଠିଆହୋଇଛି । ଏଭଳି ବୀଭତ୍ସ ତା'ର ଦେହର ଆକୃତି ଯେ ଏତେ ବର୍ଷର ଜଙ୍ଗଲ ରାଜ୍ୟର ସମ୍ରାଟ ବୋଲାଇସାରିଲା ପରେ ବି ସେ କଳ୍ପନା କରିପାରିଲା ନାହିଁ ଏଭଳି ଏକ ଜନ୍ତୁ ସମ୍ଭବ ହୋଇପାରେ ବୋଲି । ବିଶେଷ କରି ଓଡ଼ିଶାର ଜଙ୍ଗଲରେ ଏମିତି ଏକ ଅପ୍ରାକୃତିକ ଜୀବ ! ଏହି ସମୟରେ ଏକ ଗ୍ରେଟ୍ ସାଇରେନ ବାଜିଲାଭଳି ଦୂରରୁ ଶୁଣାଗଲା । ଦେଖାଗଲା, ପ୍ରାୟ ୧୦।୧୨ ଫୁଟ ଉଚ୍ଚର ବିରାଟ ଗଛଭଳି କ'ଣ ଗୋଟାଏ ସେ ଜନ୍ତୁ ଆଡ଼କୁ ଆସୁଛି । ଠିକ୍ ମଣିଷ ଭଳି ସେ ଚାଲିବା ଆରମ୍ଭ କରିଛି, କିନ୍ତୁ ସେଇଟା ମଣିଷ କେବେ ହେଇପାରେନା । ଏମିତି ଏକ ଦୃଶ୍ୟ ଦେଖିସାରିଲା ପରେ ତାର୍‌ଜନ କେମିତି ଟିକେ ଭାବପ୍ରବଣ ହୋଇଉଠିଲା । ସେ ଆଉ

ଭୌତିକ ପ୍ରକ୍ରିୟା ଦେଖୁନାହିଁ ତ ! କିନ୍ତୁ ପରମୁହୂର୍ତ୍ତରେ ହିଁ ଅଦ୍ଭୁତ ଶକ୍ତି ହୋଇଉଠିଲା । ନିଜର ପକେଟ ଦରାଣ୍ଡି ଦେଖିଲା ପିସ୍ତଲଟା ସେ ଗୁଞ୍ଜିଆସିଛି ସେଇ ଗାଡ଼ି ପାଖରେ । ତା'ର ମନେହେଲା ଗୋଟାଏ ଶାଳଗଛ ଓପାଡ଼ି ନେଇ ଦୁ'ଟାଯାକ ଜୀବକୁ ପିଟିପିଟି ମାରିପକାନ୍ତା । ପୁଣି କିନ୍ତୁ ତା'ର ଆଶା ସେ ଦବେଇଦେଲା । କାରଣ ପ୍ରକୃତ ରହସ୍ୟ କ'ଣ ହୁଏତ ଆଉ ବୁଝାପଡ଼ିବନି । କିଛି ସମୟ ପରେ ସେ ଦେଖିଲା ଯେ ଉଭୟ ଜୀବ ଦୁଇଟି କୁଆଡ଼େ ଆହୁରି ଭିତରଆଡ଼କୁ ଅନ୍ଧାର ଭିତରେ ଆଗେଇ ଚାଲିଗଲେ । ତାରଜନର ଇଚ୍ଛା ହେଲେ ମଧ୍ୟ ସେ ଆଉ ଭିତରକୁ ଯିବାକୁ ବର୍ତ୍ତମାନ ପରିସ୍ଥିତିରେ ଉଚିତ ମଣିଲନି । କାରଣ ଅଜୟବାବୁ ତେଣେ ବ୍ୟସ୍ତ ହେବେଣି ।

ତାର୍‌ଜନ ଫେରିଲାବେଳକୁ ଅଜୟଙ୍କ ଗ୍ରୁଇନିଦ ଲାଗିଯାଇଥାଏ । ସେତେବେଳେ ରାତି ପ୍ରାୟ ସାଢ଼େ ତିନଟା । ଭୋରରୁ ଯାଇ ପହଞ୍ଚିବାକୁ ପଡ଼ିବ ଘରେ । କାଳବିଳମ୍ବ ନ କରି ଗାଡ଼ିରେ ବସିପଡ଼ି ଗାଡ଼ି ଛୁଟାଇଲେ । ହଠାତ୍ କ'ଣ ଦେଖି ତାର୍‌ଜନ୍ ଗାଡ଼ିରେ ବ୍ରେକ୍ କଷିଲା । ସେତେବେଳକୁ ଗାଡ଼ିଭିତରେ ଅଜୟଙ୍କ ଟିକେ ଗ୍ରୁଇନିଦ ଲାଗିଆସିଥାଏ । କାହିଁକି ବ୍ରେକ୍ କଲା ଗାଡ଼ି ବୋଲି ଅନେଇଁ ଦେଖିବାକୁ ଦେଖିଲେ ସାମନାରେ ଗୋଟାଏ କିଏ ପଡ଼ିଲାଭଳି ଦେଖାଗଲା । ଏଥିରେ ବି ବିଶେଷ କିଛି ଆଶ୍ଚର୍ଯ୍ୟ ହବାର ନ ଥିଲା । କାରଣ ଏଠିକାର କନ୍ଧ କୋହ୍ଲ ବସ୍ତିରେ ସେମିତି ନିଶା ଖାଇ ରାସ୍ତାରେ ପଡ଼ନ୍ତି । କିନ୍ତୁ କିଛି ସମୟ ପୂର୍ବରୁ ଶୁଣାଯାଇଥିବା ଆର୍ତ୍ତ ଚିତ୍କାର ମନେପଡ଼ିଗଲା । ଗାଡ଼ିରୁ ଓହ୍ଲାଇ ତାରଜନ ସାଙ୍ଗେ ସାଙ୍ଗେ ସେ ଦେହ ପାଖକୁ ଚାଲିଗଲା । ତା'ପରେ ଅଜୟ ମଧ୍ୟ ଗଲେ । ଦେଖିଲେ ଯେ ତାହା ଗୋଟିଏ ନାରୀର ଶରୀର । କିଛିକ୍ଷଣ ପରୀକ୍ଷା କରିବା ପରେ ଦେଖିଲେ ସତେ ଯେମିତି ସେ ନାରୀଟିର ଦେହରୁ କୌଣସି ଏକ ଲୁହାର ବ୍ରସ୍ ଦ୍ୱାରା ସମସ୍ତ ମାଂସ ଆମ୍ପୁଡ଼ି ଦବାପାଇଁ ଚେଷ୍ଟା କରାଯାଇଛି । ଏପରି ଏକ ଦୃଶ୍ୟ ଅଜୟ କେବେ ଦେଖିଛନ୍ତି ଏ କଥା ତାଙ୍କର ସ୍ମରଣ ହେଲା ନାହିଁ । ତାରଜନ ଜଙ୍ଗଲରେ ରହୁବାଭଳି ଏକ ପଶୁ କହିଲେ ଚଳେ । କିନ୍ତୁ ଭାଲୁ ଆମ୍ପୁଡ଼ାଠାରୁ ଆହୁରି ଭୟଙ୍କର ଭଳି ଏଇଟା ତାକୁ ମନେ ହେଲା । ଉଭୟେ ଏପରି ଏକ ଅବସ୍ଥାରେ କ'ଣ କରିବେ କିଛି ନ ଭାବି ସେଇଟିକୁ ଗାଡ଼ିର ପଛ ସିଟ୍‌ରେ ଥୋଇ ସେହିପରି ରକ୍ତ ଜରଜର ଅବସ୍ଥାରେ ନେଇ ଚାଲିଆସିଲେ । ଘରେ ଆସି ପହଞ୍ଚିଲାବେଳକୁ ପୁରାପୁରି ଫରଚା ହୋଇ ନ ଥାଏ । ଚୌଧୁରୀ ଅପେକ୍ଷା କରୁଥିଲେ ଏ ଦୁହିଁଙ୍କୁ । ଗାଡ଼ିଟା ବିଷୟରେ ଚାକରକୁ ଆବଶ୍ୟକମତେ

ନିର୍ଦ୍ଦେଶ ଦେଇ ଉଭୟେ ଟି' ଟେବୁଲକୁ ଗଲେ । ଟି' ଟେବୁଲରେ ବସିବା ଭିତରେ ଯେ ଯାହାର ଅଭିଜ୍ଞତା ବାଣ୍ଟିବାକୁ ଆରମ୍ଭ କଲେ । କେଇଟି ମୁହୂର୍ତ୍ତ ମଧ୍ୟରେ ଚୌଧୁରୀ ସମସ୍ତ କଥା ଶୁଣିଗଲେ । ତାଙ୍କର ସନ୍ଦେହ ଆହୁରି ଘନୀଭୂତ ହେଲା । ଏକ ଭାରାକ୍ରାନ୍ତ ମସ୍ତିଷ୍କ ନେଇ ସେ ଉଠିଲେ । ବିନିଦ୍ର ରଜନୀର କ୍ଳାନ୍ତି କଟେଇବାକୁ ସମସ୍ତେ ନିତ୍ୟକର୍ମ ସାରିବାକୁ ବାହାରିଲେ ।

ସେଇଦିନ ଅପରାହ୍ଣ ପ୍ରାୟ ତିନିଟା । ଚୌଧୁରୀ, ଅଜୟ ଓ ତାରଜନ ଏକ ବିଶେଷ ଆଲୋଚନା ଶେଷ କରିବା ପରେ ନିଜ ନିଜର କର୍ମପନ୍ଥା ନିମନ୍ତେ ପ୍ରସ୍ତୁତ ହେବାପାଇଁ ବ୍ୟସ୍ତ । କାହାରି ମୁହଁରେ ଭାଷା ନାହିଁ । କେତେ ସମୟ ନୀରବତା ପରେ ଚୌଧୁରୀ କହିଲେ :

ଅଜୟ, ତମେ ଗାଡ଼ି ନେଇ ଯାଅ ଗ୍ରେଟରାୟଙ୍କ ଘରେ ଦେଇ ଆମ ଗାଡ଼ି ନେଇ ଆସିବ । ତାରଜନ ତା'ର ମଟରସାଇକେଲ ଧରି ଯିବ । ମୁଁ ଏଇ ସମୟ ଭିତରେ କେତେଟା ଆଳାପ ଆଲୋଚନା ମିଃ କନ୍‌ଓ୍ୱାରଙ୍କ ସାଙ୍ଗରେ କରିଦେଇ ଫେରିଆସିବି । ଗଲାବେଳେ ମତେ ତାରଜନ ସେଠି ଛାଡ଼ିଦେଇ ଯିବ ।"

ପ୍ରକୃତରେ ସେଇ ଅନୁଯାୟୀ ସମସ୍ତେ ବାହାରିଗଲେ । ସମସ୍ତେ ଏକ ଭାରାକ୍ରାନ୍ତ ମସ୍ତିଷ୍କ ନେଇ ଗତି କରୁଛନ୍ତି । ବିଶେଷ କରି ଫଟୋଗୁଡ଼ା ଦେଖି ସାରିଲା ପରେ ଆହୁରି ବେଶି ବିବ୍ରତ ହୋଇଉଠିଛନ୍ତି ନିକେ ଚୌଧୁରୀ ।

ଅଳ୍ପ ସମୟ ଭିତରେ ଅଜୟ ଯାଇ ଗ୍ରେଟରାୟଙ୍କ ଘରେ ପହଞ୍ଚିଲେ । ଚିହ୍ନା ଗାଡ଼ି ଦେଖି ଦରଓ୍ୱାନ ଫାଟକ ଖୋଲିଦେଲା । ଡ୍ରଇଂରୁମ ଭିତରକୁ ଉଠି ଯାଉ ଯାଉ ଅଜୟ ଶୁଣିଲେ ଗ୍ରେଟରାୟଙ୍କ ସ୍ୱର । କେମିତି କେଜାଣି ସାମାନ୍ୟ ବିଚଳିତ ହୋଇ ଉଠିଛନ୍ତି ଗ୍ରେଟରାୟ । ଘର ଭିତରେ ସୁଖେନ୍ଦୁ ଆଉ ନିତିଆଙ୍କ ସମେତ ଗ୍ରେଟରାୟ ନିଜେ । ଅଳ୍ପ ଟିକେ କାନପାରି ଯେତିକି ବୁଝିଲେ ଅଜୟ, ଜାଣି-ପାରିଲେ ଯେ ବ୍ୟବସାୟ ସମ୍ବନ୍ଧରେ ଉଭୟଙ୍କ ଭିତରେ ସାମାନ୍ୟ ତୀବ୍ର ଆଲୋଚନା ଚାଲିଛି । ହୁଏତ ଗ୍ରେଟରାୟ ଏଥରର ଲାଭରେ ସନ୍ତୁଷ୍ଟ ନୁହନ୍ତି ବିଶେଷ କରି ଏତେ ଗୁଡ଼ାଏ ଖଣି ଆଉ ଆଉ ଆଉ ଗୋଟାଏ କାଠ ସପ୍ଲାଇ ଏଜେନ୍‌ସି ନେବାର କିଛି ମାନେ ନ ଥିଲା ବୋଲି ତାଙ୍କର ଦୃଢ଼ ମତ ଉପସ୍ଥାପିତ କରୁଥାନ୍ତି ସୁଖେନ୍ଦୁଙ୍କ ସାମନାରେ । ଆଉ ବେଶି ସମୟ ଏମିତି ଭାବରେ ଅପେକ୍ଷା କରିବା ନିରାପଦ ନୁହେଁ ଭାବି ଯଥାବିଧି ଭିତରକୁ ପ୍ରବେଶ କଲେ । ସାଙ୍ଗେ ସାଙ୍ଗେ ଗ୍ରେଟରାୟ ପାଗ୍ରେଟି-

ନେଇ ଆଉ କିଛି ଖବର ପଚାରିବସିଲେ । କିନ୍ତୁ ସଂକ୍ଷେପରେ ଅଜୟ ସାରିଇ-ଦେଲେ ଯେ ଆଉ କିଛି ସମ୍ବାଦ ନାହିଁ । ଗାଡ଼ି ଫେରେଇବାର କଥା କହିବା ପରେ ଶ୍ରେଷ୍ଠରାୟ ନିଜଆଡ଼ୁ ଗାଁ'ର ବିରୋଧ କଲେ । ସେଇ ସମୟ ଭିତରେ ସୁଖେନ୍ଦୁବାବୁଙ୍କ ସମ୍ବନ୍ଧରେ ଶ୍ରେଷ୍ଠରାୟ ଏକ ପ୍ରଶ୍ନ ଉତ୍ଥାପନ କରି ଅଜୟଙ୍କ ମଧ୍ୟସ୍ଥି କଲେ ।

"ଆଚ୍ଛା, କୁହନ୍ତୁ ତ, ଅଜୟବାବୁ ! କିଏ ଅଛି ଆଉ ଭୋଗକରିବାକୁ ଏ ସମସ୍ତ ସମ୍ପତ୍ତି ? ଯାହା ପାଇଁ ମଣିଷ ରୋଜଗାର କରେ ସେ ସୌଭାଗ୍ୟ ତ ମୋର ନାହିଁ । ସୁଖେନ୍ଦୁ ଏ ପର୍ଯ୍ୟନ୍ତ ମଧ୍ୟ ନିଶ୍ଚିନ୍ତ ଯେ ସେ ବିବାହ କରିବ ନାହିଁ । ଶୁଭେନ୍ଦୁ ଚାଲି । ଶ୍ରେଷ୍ଠରାୟ ବଂଶର ସମାପ୍ତ ଏଇ ସୁଖେନ୍ଦୁ ପାଖରେ । ତା'ହେଲେ କୁହନ୍ତୁ, ସୁଖେନ୍ଦୁ କାହିଁକି ଏତେ ପରିଶ୍ରମ କରି ସମ୍ପତ୍ତି ବଢ଼େଇବା ପାଇଁ ପରିଶ୍ରମ କରିବ ? ଯେତିକି ଅଛି ସେ ସମସ୍ତ ଭଲ ଭାବରେ ଦେଖାଶୁଣା ହୋଇପାରୁନାହିଁ ବୋଲି ଯାହା ଲାଭ ଆସିବାର କଥା ତା'ର ଏକତୃତୀୟାଂଶ ମଧ୍ୟ ଏଥର ଆସିନି । ତା'ପରେ ଆଉ ଏବେ ଜଙ୍ଗଲ କାଟିବା କଣ୍ଟ୍ରାକ୍ଟ ନେବାର ଆବଶ୍ୟକତା କ'ଣ ? ତା' ଛଡ଼ା ସେଠି ଯୋଉ ମାଇନସ୍ ଅଛି ବୋଲି ବିଶେଷଜ୍ଞମାନେ ସର୍ଭେ କରିଚନ୍ତି ସେଥିରେ ମଧ୍ୟ ଯାଏ-ଆସେ କ'ଣ ?"

ଏହି କଥା ଉପରେ ବଡ଼ ସରଳ ଆଉ ଆଜ୍ଞାଧୀନ ପୁତ୍ର ଭାବରେ ସୁଖେନ୍ଦୁ ସ୍ମିତ ହସି ପିତାଙ୍କର ଯୁକ୍ତି ଖଣ୍ଡନ କରିବାକୁ କହିଲେ—

"ହେଲେ ବାପା, ଆପଣ ଜାଣନ୍ତିନି ଯେ ସେ ବ୍ୟକ୍ତିଙ୍କ ପାଖରେ କେତେ ଋଣୀ ଆମେମାନେ । ସେ ଯଦି ଗୋଟାଏ ଅନୁରୋଧ କଲେ, ଆଉ ଦୀର୍ଘଦିନ ଧରି ସେଥିପାଇଁ ଗବେଷଣା କରି କୃତକାର୍ଯ୍ୟ ହୋଇଚନ୍ତି, ତା' ହେଲେ ତାଙ୍କୁ ବାଧା ଦିଆଯିବ କାହିଁକି ? ଶୁଣନ୍ତୁ ଅଜୟବାବୁ, ଗୋଟାଏ ଫରେନ୍ ପାର୍ଟି ଆମକୁ ବହୁତ ସାହାଯ୍ୟ କରେ । ସେ ନିଜେ ଏଠାକାର ଗୋଟାଏ ଜଙ୍ଗଲ ଲିଜ୍ ନେବାକୁ ଓଡ଼ିଶାକୁ ଆସିଛି । ସେ ଆମର ସାହାଯ୍ୟ ଚାହିଁଲାବେଳେ ଆମେ ତାଙ୍କୁ ମନା କରିଦେବା ! ତା' ଛଡ଼ା ଆମର ସେଥିରେ ଲାଭ ମଧ୍ୟ ଅଛି ।"

ଅଜୟ ସାମାନ୍ୟ ବିସ୍ମୟ ପ୍ରକାଶ କଲେ । କାରଣ, ସୁଦୂର ଆମେରିକାରୁ ଗୋଟାଏ ପାର୍ଟି କେବେହେଲେ ଜଙ୍ଗଲ କାଟିବା ଦାୟିତ୍ୱରେ ଆସିପାରେ ? କ'ଣ ତା'ର ଲାଭ ? ଏଇ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସୁଖେନ୍ଦୁ କହିଲେ ଯେ ତାଙ୍କର ଗୋଟାଏ ଭେରାଇଟିର ବାଉଁଶ ଆଉ କିଛି କାଠର ଲଗ୍ ଦରକାର । ସେ କୁହନ୍ତି

ଯେ ଗୋଟାଏ ନିଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏପରି କିଛି ଜିନିଷର ଆବଶ୍ୟକତା ପଡ଼ିଲା । ସେ ପ୍ରକାରର କାଠ ଏବଂ ବାଉଁଶ କେବଳ ଏଇ ଜଙ୍ଗଲରେ ଦେଖା ଦେଇଛି । ସେଗୁଡ଼ିକ ସେ ଏଠୁ କଟେଇ ତାକୁ ଠିକ୍ ସାଇଜ କରି ଜାହାଜରେ ଆମେରିକା ପଠେଇବେ ।

ଅଜୟ ନ ହସି ରହିପାରିଲେନି । କାରଣ ବହୁ ଅର୍ଥର ପ୍ରାଚୁର୍ଯ୍ୟ ସେମାନଙ୍କର । ତେଣୁ ଏଭଳି ଏକ ଖେୟାଲ ତାଙ୍କ ପାଇଁ ଅସମ୍ଭବ ନୁହେଁ । ନ ହେଲେ ଓଡ଼ିଶାର ଜଙ୍ଗଲରୁ କାଠ ଆମଦାନି କରି ତାକୁ ଆମେରିକା ପଠେଇବା ଆଉ କେହି କଳ୍ପନା ମଧ୍ୟ କରିପାରିବନି । ତେବେ ସେ ଯା ହଉ, ଅଜୟ ପିତାପୁତ୍ରଙ୍କର ଆଲୋଚନାରେ କିଛି ମତାମତ ନଦେଇ ନିଜ ଗାଡ଼ିନେଇଆସିବା ଉଦ୍ଦେଶ୍ୟରେ ବାହାରିଲେ ।

ଘରେ ଆସି ପହଞ୍ଚିବାବେଳକୁ ପ୍ରାୟ ଚାରିଟା ବାଜିବାକୁ ହେଲାଣି । କିଛି ସମୟ ଅପେକ୍ଷା କରିବାକୁ ପଡ଼ିଲା ତାଙ୍କୁ । ଏହି ସମୟରେ ଟେଲିଫୋନ୍ ବାଜିଉଠିଲା ଅଜୟ ଟେଲିଫୋନ୍ ଧରିଲେ । ସେ ପାଖରୁ ଚୌଧୁରୀ କହୁଛନ୍ତି କନ୍‌ଓ୍ୱାରଙ୍କ ଘରୁ ଅଜୟ ନିର୍ଦ୍ଦେଶ ଅନୁସାରେ ଗାଡ଼ି ନେଇ କନ୍‌ଓ୍ୱାରଙ୍କ ଘରକୁ ଚାଲିଗଲେ । ଦେଖନ୍ତି ତ ଚୌଧୁରୀ ଓ କନ୍‌ଓ୍ୱାର ଉଭୟେ ବଡ଼ ଚିନ୍ତିତ ଅବସ୍ଥାରେ ଅଛନ୍ତି । ଗଲାକ୍ଷଣି ଚୌଧୁରୀ ଖଣ୍ଡେ ଚିଠି ବଢ଼େଇଦେଲେ । ଲେଖାଅଛି—

କନ୍‌ଓ୍ୱାର ସାହେବ,

ପ୍ରଫେସର ଅମାସ ଜଣେ ବିଦେଶୀୟ । ତାଙ୍କର କିଛି ବୈଜ୍ଞାନିକ ରେକର୍ଡ଼ପତ୍ର ଚୋରିଯାଇଛି । ଆପଣ ଅତ୍ୟନ୍ତ ଗୁରୁତ୍ୱର ସହିତ ତାକୁ ଖୋଜି ବାହାର କରିବାକୁ ଲାଗିପଡ଼ିଛନ୍ତି । ମୋର ଅନୁରୋଧ ସେଗୁଡ଼ିକ ସମ୍ବନ୍ଧରେ କୌଣସି ଅନୁସନ୍ଧାନ ନ କରିବାକୁ । ତା'ନହେଲେ ପ୍ରଫେସର ଅମାସଙ୍କ ଜୀବନ ପାଇଁ ଆପଣହିଁ ଦାୟୀ ରହିବେ ।'

ଚିଠିର ତଳେ କିଛି ନାହିଁ । କିଏ ଲେଖିଛି, କୋଉଠୁ ଆସିଛି ସେ କଥା ମଧ୍ୟ ଜାଣିବାର ଉପାୟ ନାହିଁ । ଅଜୟ ପ୍ରଥମେ ପ୍ରଶ୍ନ କଲେ ପ୍ରଫେସର ଅମାସ କିଏ ? କନ୍‌ଓ୍ୱାର ଆରମ୍ଭ କଲେ —

"ପ୍ରଫେସର ଅମାସ ହେଉଛନ୍ତି ବୋଷ୍ଟନ ଇଉନିଭରସିଟିର ଉଦ୍ଭିଦ ବିଦ୍ୟାର ପ୍ରଫେସର । ସେ ଏଠିକି ପ୍ରାୟ ବର୍ଷେ ହେବ ଆସି ଏକ ଗବେଷଣା କରୁଚନ୍ତି ।

ହଠାତ୍ ମତେ ଗୃହରକ୍ଷକ ଡକେଇ ଆସି କହିଲେ, "ମୋର ସମସ୍ତ ଗବେଷଣାର ଚୂଡ଼ାନ୍ତ ଆବିଷ୍କାର ଏବଂ ସନ୍ଦର୍ଭ ଚୋରି ହୋଇଯାଇଚି । ମତେ ସାହାଯ୍ୟ କରନ୍ତୁ । ମୋର ଜୀବନ ବିନିମୟରେ ମୁଁ ସେଗୁଡ଼ିକ ଫେରପାଇବାକୁ ଚାହେଁ ।' ମୁଁ ପ୍ରଥମେ ଆଶ୍ଚର୍ଯ୍ୟ ହେଲି ଯେ ସେ କାଗଜଗୁଡ଼ାକ କାହାର କ'ଣ ଦରକାର ହୋଇପାରେ ; କିନ୍ତୁ ସେ ବୁଝିବାକୁ ନାରାଜ । ସେ ବାରମ୍ବାର ମୋତେ ବୁଝାଇବାକୁ ଚାହିଁଲେ ଯେ ସେଗୁଡ଼ାକ ତାଙ୍କ ଜୀବନଠାରୁ ଯଥେଷ୍ଟ ଅଧିକ ମୂଲ୍ୟବାନ । ତଥାପି ମୁଁ ଏତେ ଜୋର ଦେଇ ନ ଥିଲି । କିନ୍ତୁ ସେ ଯେତେବେଳେ ଅତି ବିକଳ ହୋଇ ମତେ କହିଲେ ଯେ ମୋର ଏଇ ପରୀକ୍ଷା ଉପରେ ନିର୍ଭର କରୁଚି ଆପଣଙ୍କ ଦେଶର କୋଟି କୋଟି ବିଦେଶୀ ମୁଦ୍ରାଙ୍କ ନ ସେତେବେଳେ ମୁଁ କିଛିଟା ଗୁରୁତ୍ୱ ଆରୋପ କରିଥିଲି । ସେ ଅବଶ୍ୟ ବିଶେଷ କିଛି କହିବାକୁ ଚାହିଁଲେନି ବା କହିବା ଅବସ୍ଥାରେ ନ ଥିଲେ; କିନ୍ତୁ ମୁଁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲି ଚେଷ୍ଟା କରିବି ବୋଲି । ତା ପରେ ପ୍ରକୃତରେ ମୁଁ ଉପଯୁକ୍ତ ବ୍ୟବସ୍ଥା କରିଥିଲି । କିନ୍ତୁ ଆଜି ମତେ ସେ ଖବର ଦେଇଚନ୍ତି ଯେ ତାଙ୍କୁ ହତ୍ୟା କରିବାର ଧମକ ଦିଆଯାଇଚି ।,

"ତା ମାନେ ? ଅଜୟ ପଚାରିଲେ ।

"ତାଙ୍କୁ ଆଜି ଚିଠିରେ ଜଣେଇ ଦିଆଯାଇଚି ଯେ ଆଜି ରାତି ଦଶଟା ବେଳେ ତାଙ୍କୁ ମରିବାକୁ ହିଁ ପଡ଼ିବ ।

ହୋ ହୋ ହୋଇ ଅଜୟ ଏଇ କଥା ଉପରେ ହସିଉଠିଲେ । କଥାଟା ପୂରାପୂରି ଅପସନ୍ଦ ଲାଗିଲା ତାଙ୍କୁ । ସେ ଆଉ ସ୍ଥାନ କାଳ ପାତ୍ର ବିବେଚନା ନ କରି ହସି କହି ପକେଇଲେ ସାର ଏଇଟା କଣ ଗୋଟାଏ ମନ୍ତ୍ର କରିବା କଥା ହୋଇଚି କି ପୁରାଣ କଥା ଭଳି ପବନରେ ବେତାଳ ଉଡ଼ିଆସି ମାରିଦେବ । ସାରା ରାଜ୍ୟର ସଶସ୍ତ୍ର ବାହିନୀ ଆପଣଙ୍କ ହାତରେ । ତା ପରେ ବି ଆପଣ ଏଭଳି ଧମକରେ ଚିନ୍ତିତ ହୋଇପାରନ୍ତି ?

ଆଉ କାଳ ବିଳମ୍ବ କରିବାକୁ ନ ଦେଇ ଚୌଧୁରୀ ଅମାସଙ୍କ ବାସଭବନକୁ ଯିବା ପାଇଁ ଉଠିଲେ । କନଓ୍ୱାର ଆଉ ଅଜୟ ମଧ୍ୟ । ଅମାସଙ୍କ ପାଖରେ ପହଞ୍ଚିଲାବେଳକୁ ପ୍ରାୟ ସନ୍ଧ୍ୟା ହୋଇଯାଇଥାଏ । କନଓ୍ୱାର ପହଞ୍ଚି ଦେଖିଲେ ସେଠି ଯେମିତି ପ୍ରଫେସର ଅମାସ ଏମାନଙ୍କୁ ଅପେକ୍ଷା କରି ରହିଛନ୍ତି । ଆଉ ସେଇ

ଅପେକ୍ଷା କରିବା ଭିତରେ ତାଙ୍କର ବୟସ ଯେମିତି ଆଉ କୋଡ଼ିଏବର୍ଷ ବଢ଼ିଯାଇଚି ମୁହଁ ଶେତା ପଡ଼ିଯାଇଚି କହିଲେ ଚଳେ ।

ସମସ୍ତେ ଭିତରକୁ ଗଲେ । କିଛିଟା ସାଧାରଣ ଆଲୋଚନା ପରେ ଚୌଧୁରୀ ମାଗିବସିଲେ ସେ ଚିଠିକୁ । ଏପାଖ ସେପାଖ ଘୁରେଇ ଦେଖିଲେ ମଧ୍ୟ କିଛି ବିଶେଷତ୍ୱ ପାଇଲେନି । ବଡ଼ ମାମୁଲି ଧରଣର ଲେଖା ଦୁଇଧାଡ଼ି ଅମାସଙ୍କ ଉଦ୍ଦେଶ୍ୟରେ ଲେଖାଯାଇଚି ।

"ଆପଣଙ୍କୁ ଅନୁରୋଧ କରିବା ସତ୍ତ୍ୱେ ଆପଣ ସେ ତଥ୍ୟ-ସନ୍ଦର୍ଭ ଆଦି ଚୋରି ଯିବା କଥା ପୋଲିସକୁ କହିଲେ । ପୋଲିସକୁ ମନା କରିବା ସତ୍ତ୍ୱେ ମଧ୍ୟ ସେମାନେ ଅନୁସନ୍ଧାନ ଚଳେଇଛନ୍ତି । ଅବଶ୍ୟ ସେଗୁଡ଼ାକ ଯେ ପାଉଁଶ ହୋଇସାରିଲାଣି ଏ କଥା ନିଶ୍ଚିତ । କିନ୍ତୁ ଆପଣ ବଞ୍ଚିରହିଲେ ହୁଏତ ସେଇ ସନ୍ଦର୍ଭ ଆଉ ଗବେଷଣା ପୁଣି ଥରେ ଆରମ୍ଭ କରିପାରନ୍ତି । ସେଥିପାଇଁ ଆପଣଙ୍କୁ ଏ ସଂସାରରୁ ବିଦାୟ ନବାକୁ ହେବ । ଆପଣ ଏ ବିଷୟ ପୋଲିସକୁ ଜଣେଇ ସାହାଯ୍ୟ ଭିକ୍ଷା କରିପାରନ୍ତି । ଆଶା-କରେ, ଆପଣଙ୍କର ଏକାନ୍ତ ଆବଶ୍ୟକୀୟ କର୍ମ ଯଥା ଉଇଲ କରିବା ଇତ୍ୟାଦି ଯାହା ବାକି ଥିବ ସେଗୁଡ଼ିକ ସଂସାରରୁ ବିଦାୟ ନବା ପୂର୍ବରୁ ଯେମିତି ସାରିଦେଇ-ଆନ୍ତି । ଠିକ୍ ରାତି ଦଶଟା, ଏମିତି କି ଗୋଟାଏ ମିନିଟ୍ ମଧ୍ୟ ଏପାଖ ସେପାଖ ହବନି । ଇତି ।

ଏଇ ଇତି ଲେଖାହୋଇ ତା ତଳେ ଗୋଟାଏ ରବର ଷ୍ଟାମ୍ପର ଛବି । ପରିଷ୍କାର ହୋଇ ସେଇଟା ଦେଖାଯାଉ ନ ଥାଏ । ତଥାପି ତାହା ଯେ କୌଣସି ଏକ ଜୀବର ଚିହ୍ନ, ଏଇଟା ନିଶ୍ଚିତ । ଚିଠିଟା ପଢ଼ିସାରିଲା ପରେ ଚୌଧୁରୀ ଏକପ୍ରକାର ଚିନ୍ତିତ ହୋଇପଡ଼ିଲେ । କିନ୍ତୁ ଅନୟ ଦି ଗୁଣ ଉତ୍ସାହରେ କହିଲେ, "ଆପଣମାନେ ମତେ କିନ୍ତୁ ଏ ଦାୟିତ୍ୱଟା ଛାଡ଼ିଦେଇ, ନିଶ୍ଚିନ୍ତ ରହିପାରନ୍ତି । କିନ୍ତୁ ଚୌଧୁରୀଙ୍କର ଚିନ୍ତା ଦେଖି ସେ ବିଶେଷ ଆଉ କିଛି କହିପାରିଲେ ନି । ତା ପରେ ଏକ ନିଭୃତ କକ୍ଷକୁ ଗଲେ ଚୌଧୁରୀ, ଅନୟ ଓ କନର୍ଓ୍ୱାର । ସେଠି କିଛି ସମୟ ଆଲୋଚନା କରିବା ଭିତରେ ଏକ ମଜବୁତ୍ ଯୋଜନା ପ୍ରସ୍ତୁତ ହୋଇଗଲା । ଅତି ଅଳ୍ପ ସମୟ ଭିତରେ କନର୍ଓ୍ୱାର ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସମ୍ମତି ଦେଇ ଆୟୋଜନରେ ଲାଗିପଡ଼ିଲେ ।

ସନ୍ଧ୍ୟା ଆଠଟା ଭିତରେ ଦେଖାଗଲା, ଅମାସଙ୍କ ଘର ଚାରିକଡ଼ଯାକ ସଶସ୍ତ୍ର ପୋଲିସ ପହରା ଦେବା ପାଇଁ ଠିଆ ହୋଇଗଲେ । ବାକି ଯାହା ଆୟୋଜନ

କରିବାର କଶସାର ନକେ କନଓ୍ୱାର, ଅଜୟ ଆଉ ଚୌଧୁରୀ ଡ୍ରଇଂ ରୁମ୍‌ରେ ଗୋଟିଏ ଜାଗାରେ ଏକାଠି ବସିରହିଲେ । ଚୌଧୁରୀ ଘଣ୍ଟା ଦେଖିଲେ ସାଢ଼େ ଆଠଟା ବାଜିଗଲାଣି । ଅଜୟ କିନ୍ତୁ କାହିଁକି କେଜାଣି ମୋଟେ ଏସବୁକୁ ପସନ୍ଦ କରିପାରୁ ନ ଥାନ୍ତି । ତାଙ୍କର ଯେମିତି ମନେହେଉଥାଏ ଯେ, ଏସବୁ କେବଳ ଗୋଟାଏ ହାସ୍ୟାସ୍ପଦ ବ୍ୟାପାର । କିଏ ଗୋଟାଏ କ'ଣ ଲେଖିଦେଇଛି ଧମକେଇ ଦେଇ, ତାକୁ ନେଇ ଏତେ ଯୋଜନା ଲଗିବାର କିଛି ଆବଶ୍ୟକତା ନ ଥିଲା ବରଂ ସେ ଲୋକଟା ଆଉ କୋଉଠି ରହି ଏ ମଜା ଦେଖୁଥିବ । ତଥାପି ଘଣ୍ଟାକୁ ଚାହିଁ ଥାଆନ୍ତି । କେମିତି ଶୀଘ୍ର ସମୟଟା ସରିଯାଉ । ତା ପରେ ଭଲମଜାଟାଏ କରିବେ ସେ ଏଇ ସମୟରେ ନୀରବତା ଭାଙ୍ଗି ଚୌଧୁରୀ କହିବା ଆରମ୍ଭ କଲେ—

“ଅଚ୍ଛା, ଡକ୍ଟର ଅମାସ ଆପଣଙ୍କର ଗବେଷଣାଗାରରୁ ଯୋଉ କାଗଜପତ୍ର ଚୋରି ହୋଇଗଲା ସେ ପରୀକ୍ଷା ବିଷୟରେ କିଛି କହିବେ ? ଧରନ୍ତୁ, ଗୋଟାଏ ସାଧାରଣ ସମୀକ୍ଷା···।”

ଏଇ କଥା ଉପରେ ସତେ ଯେମିତି ଆକାଶରୁ ଛିଣ୍ଡିପଡ଼ିଲା ଭଳି ଶଙ୍କିତ ହୋଇଗଲେ ଅମାସ୍—

“ମି ଚୌଧୁରୀ ! ତା ମାନେ କଣ ଆପଣ ନିଶ୍ଚିତ ଯେ ମତେ ଆଜି ମରିବାକୁ ପଡ଼ିବ ? ମୁଁ ଯୋଉ ରିସର୍ଚ୍ଚ କରିଚି ସେ ବିଷୟରେ ଆଉ ଜଗତକୁ ଆନେକ ଦାନ କରିପାରିବି ନାହିଁ ମୁଁ କଣ ଆଗରୁ ତା ହେଲେ ସେଗୁଡ଼ାକ ବାଖ୍ୟା କରିଦିବା ଉଚିତ ?

ସମସ୍ତେ ଏ କଥାରେ ଟିକେ ଅବ୍ୟବସ୍ଥିତ ବୋଧ କଲେ; ବିଶେଷକରି ମି ଚୌଧୁରୀ । ସେ କେବେ ଆଶା କରି ନ ଥିଲେ ଯେ ଡକ୍ଟର ଅମାସ ତାଙ୍କ କଥାର ଗୋଟାଏ ଏମିତି ଅର୍ଥ କରି ବସିବେ । ବରଂ ସେ କୌଣସିମତେ ତାଙ୍କ ସମୟ କଟାଇବାକୁ ଚାହୁଁଥିଲେ ଏଇ କଥାବାର୍ତ୍ତା ମଧ୍ୟରେ । କିନ୍ତୁ କଥାଟାର ଏଭଳି ଗତି ଦେଖି ଆଉ ଅମାସଙ୍କୁ ଭାଙ୍ଗି ପଡ଼ିବାର ଦେଖି ମି କନଓ୍ୱାର କହିଉଠିଲେ—

“ତା କେବେ ହୋଇପାରେନା, ଡକ୍ଟର ଅମାସ ! ଆମର ଏତେ ଗୁଡ଼ାଏ ସଶସ୍ତ୍ରବାହିନୀର ଆଖି ଆଢ଼ୁଆଳରେ ସେ ଯଦି ଅଶରୀର ହୋଇଥାଏ ତା ହେଲେ ମଧ୍ୟ ଆପଣଙ୍କର କୌଣସି କ୍ଷତି କରିପାରିବ ନାହିଁ । ସେ ଭରସା ମୁଁ ଦଉଚି ଆପଣଙ୍କୁ । ଆପଣ ନିଶ୍ଚିନ୍ତ ରହିପାରନ୍ତି ।

ଏହି ସମୟରେ ଟେଲିଫୋନ ବାଜିଉଠିଲା । ମି: ଚୌଧୁରୀ ଉଠିଗଲେ ଟେଲିଫୋନ୍ ଧରିବାକୁ । କିଛି ସମୟ ଆଳାପ କଲା ପରେ ବୁଝିଲେ ଯେ ଡକ୍ଟର ଅମାସଙ୍କର ଲିଗାଲ୍ ଆଡ୍‌ଭାଇଜର ଡାକୁଚନ୍ତି ତାଙ୍କ ଅବସ୍ଥା ବିଷୟରେ ପଚାରିବାକୁ । ଟେଲିଫୋନ ବଢ଼ାଇଦେଲେ ଅମାସଙ୍କୁ । ଅମାସ କିଛିକ୍ଷଣ ମୃଦୁ ଆଳାପ କରି ସବୁ ବ୍ୟବସ୍ଥା ବିଷୟରେ ତାଙ୍କୁ ଜଣେଇଲେ । ଲିଗାଲ ଆଡ୍‌ଭାଇଜର କହିଲେ ଯେ, ସେ ଠିକ୍ ଦଶଟାବେଳେ ପୁଣି ଟେଲିଫୋନ୍ କରି ତାଙ୍କୁ ଅଭିନନ୍ଦନ ଜଣେଇବେ । ଟେଲିଫୋନ୍ ରଖି ଅମାସ ସମସ୍ତଙ୍କୁ କହିଦେଲେ ଯେ ତାଙ୍କ ଲିଗାଲ୍ ଆଡ୍‌ଭାଇଜର ତାଙ୍କୁ ଦଶଟାବେଳେ ତାଙ୍କ ରିଷ୍ଟ କଟିଯିବା ପରେ ପୁଣି ଅଭିନନ୍ଦନ ଜଣେଇବେ । ପୁଣି ଘର ଭିତରେ ନୀରବତା ବିରାଜମାନ କଲା । ହଠାତ୍ ଗୋଟିଏ ଅନାହୂତ ବ୍ୟକ୍ତି ଆସି ଠିଆହେଲା ଦୁଆର ମୁହଁରେ । ଚୌଧୁରୀ ଅତି ତୀକ୍ଷ୍ଣ ଦୃଷ୍ଟିରେ ତାକୁ ଅନାଇବାକୁ ଆରମ୍ଭ କରନ୍ତେ ଅମାସ ବୁଝିପାରି କହିଲେ—

"ସେ ମୋ ଘରର ଝାଡ଼ୁଦାରର ପୁଅ । ସବୁବେଳେ ମୋର ଏଇ କଞ୍ଚା ଶୁଖିଲା ଡାଳ ପତ୍ର ଗଛ ନେଇ ଗବେଷଣା ଆଉ ପରୀକ୍ଷା । ତେଣୁ ମୋର ଘର ଆଦି ସଫା କରିବାପାଇଁ ଦିନରେ ଦୁଇଥର ଜଣେ ଝାଡ଼ୁଦାର ଦରକାର । ଏଇ ଦେଖନ୍ତୁ ତ ମୋର ଏଇଟା ଡ୍ରଇଁରୁମ ହେଲେ ସୁଦ୍ଧା ସବୁ ଟେବୁଲ, ଚଟାଣ ଉପରେ କେତେ ଚେରମୂଳ, ଡାଳପତ୍ର । ଦୁଇଦିନ ହେବ ତାର ବାପ ଭୀଷଣ ବେମାର, ସେଥିପାଇଁ ତାର ଏଇ ପୁଅ ଆସି ବଦଳିଆ କାମ କରୁଛି ।

"କିନ୍ତୁ ଏଇ ଅବେଳରେ ଆସିବାଟା···କହିଲେ ଅଜୟ ।

ଅମାସ୍ ପୁଣି ବୁଝେଇଦେଲେ ଯେ ଏଇ ବେଳଟା ହିଁ ତାଙ୍କୁ ସୁହାଏ । କାରଣ ପ୍ରାୟ ଏତେବେଳ ପର୍ଯ୍ୟନ୍ତ ସେ ଗବେଷଣାରେ ଲିପ୍ତ ଥାଆନ୍ତି । ତେଣୁ ତା ତା ଭିତରେ ଗୋଳମାଳ କରିବାକୁ ସେ ଭଲ ପାଆନ୍ତି ନାହିଁ ।

ସମସ୍ତେ ତେଣୁ ସେ ଘରୁ ଉଠିବା ଉପକ୍ରମ କରୁଥିଲେ ଘର ଝାଡ଼ା ହେବ ବୋଲି, କିନ୍ତୁ ଅମାସ୍ ସେମାନଙ୍କୁ ଉଠିବାକୁ ମନାକଲେ । କହିଲେ ଯେ, କାହାରି ଉଠିବା ଦରକାର ନାହିଁ । କାରଣ, ଇଲେକ୍‌ଟ୍ରିକ୍ ଓ୍ୱାଇପର ସାହାଯ୍ୟରେ ସେ ସବୁ ନେଇଯିବ । କାହାରି ଉପରେ କିଛି ପଡ଼ିବନି । ସତକୁ ସତ ସେଇଆ ହେଲା । ବ୍ୟକ୍ତିଟି ଟିପୟ, ଫୁଲଦାନୀ, ଟେଲିଫୋନ୍ ଆଦି ହାତ ଡଷ୍ଟରରେ ଝାଡ଼ିଦେଲା ପରେ ଆଖି ପିଛୁଳାକେ ଇଲେକ୍‌ଟ୍ରିକ୍ ଓ୍ୱାଇପର୍‌ରେ ପରିଷ୍କାର କରିଦେଲା । ତାପରେ ସଲାମ୍ କରି ଚାଲିଗଲା ।

ଘର ଭିତରେ ପୁଣି ନୀରବତା ।

ସମସ୍ତେ ଘଣ୍ଟା ଦେଖୁଥାନ୍ତି, ଏହାର ଭିତରେ ପ୍ରାୟ ସାଢ଼େ ନଅଟା ପାଖାପାଖି ହୋଇଗଲା । ଚୌଧୁରୀ ଆଉଥରେ ଚଞ୍ଚଳ ହୋଇ ଉଠିଲେ । ଏଇ ସମୟରେ ଚା ଆସିଲା, ସମସ୍ତେ ଚା ପାନ କଲେ । ଚୌଧୁରୀ କଣ ଇଙ୍ଗିତ ଦେଲେ ଅଜୟଙ୍କୁ । ଅଜୟ ଚା କପ ଧରି ବାହାରକୁ ଉଠିଗଲେ । ମି. କନ୍‌ଓ୍ୱାର ମଧ୍ୟ ରକ୍ଷଣାବେକ୍ଷଣର ଅବସ୍ଥା ଦେଖିବାକୁ ବାହାରକୁ ଗଲେ । କକ୍ଷଟି ମଧ୍ୟରେ ଏକା ମି ଚୌଧୁରୀ ଆଉ ଡ଼କ୍ଟର ଅମାସ୍—ଘଣ୍ଟାର ସେକେଣ୍ଡ କଣ୍ଟାକୁ କେବଳ ଚାହିଁରହିଥାନ୍ତି । ଆଉ ମାତ୍ର ପନ୍ଦର ମିନଟ୍ । ଆସନ୍ନ ମୃତ୍ୟୁକୁ ଅପେକ୍ଷା କରୁଥାନ୍ତି ଅମାସ୍ । ତାଙ୍କ ମୁହଁଟା କ୍ରମେ ଶେତା ପଡ଼ିବାର ଦେଖି ଚୌଧୁରୀ କହିଲେ—

"ଡ଼କ୍ଟର ଅମାସ୍, ମୁଁ ଜାଣେ ଯେ ଏ ଆୟୋଜନର ମାନେ କିଛି ନୁହେଁ । କାରଣ, ଯେତେ ସାହାହେଲେ ବି ସେ କେବେହେଲେ ଏ ବ୍ୟୂହ ଭେଦ କରିପାରିବନି । କିନ୍ତୁ, ସେ ଯେ କଉଳି ସାହାସରେ ପୁଲିସକୁ ଜଣେଇବାକୁ ମଧ୍ୟ ଦମ୍ଭ ଦେଖାଇଥିଲା ସେଇଟାହିଁ ମୋର ଭାଙ୍ଗିଦବାରଥିଲା । ଆଉ ସେହି ଛଳରେ ମୁଁ ଗୋଟାଏ ଜାଲ ପାରି ବସିଛି । ଦେଖାଯାଉ କଣ ହଉଚି । ଯଦି ହୁଏ ତା ହେଲେ ସେ ମଧ୍ୟ ଆତ୍ମସମର୍ପଣ କରିବାପାଇଁ ବାଧ୍ୟ ହେବ ।

ଏତକ ଶୁଣିସାରିବା ପରେ ଅମାସ୍ କିଛିଟା ଆଶ୍ୱସ୍ତ ହେଲେ । ଏତେବେଳକୁ କନ୍‌ଓ୍ୱାର ଓ ଅଜୟ ଫେରିଆସିଲେ କକ୍ଷକୁ । ଆଉ ମାତ୍ର କେଇ ମିନଟ୍ ଅପେକ୍ଷା କରି ରହିଲେ ସମସ୍ତେ ସେଇ ସମୟକୁ । ବାହାର ବ୍ୟତିକ୍ରମର କୌଣସି ପ୍ରଶ୍ନ ସୁଦ୍ଧା ନାହିଁ । ଭିତରେ ତଦ୍ରୂପ ।

ଦଶଟା ବାଜିଲା ପ୍ରାୟ । ଟେଲିଫୋନ ବାଜିଉଠିଲା । ଡ଼କ୍ଟର ଅମାସ୍ ଟିକେ ହସିଲେ । କହିଲେ, "ମୋ ଲିଗାଲ ଆଡ୍‌ଭାଇଜରଙ୍କ ଘଣ୍ଟାଟା ଟିକେ ଆଗେଇ ଚାଲୁଚି ବୋଧହୁଏ । କାହିଁକନା, ଦଶଟା ନ ବାଜୁଣୁ ସେ ଟେଲିଫୋନରେ ଅଭିନନ୍ଦନ ଜଣାଇବେ ବୋଲି ବ୍ୟସ୍ତ ହୋଇପଡ଼ିଛନ୍ତି । ଏତକ କହି ରିସିଭର ପାଖକୁ ଯାଇ ରିସିଭର ଉଠେଇଲେ ।

"ହ୍ୟାଲୋ…

ହଠାତ୍ ଧମ୍‌କରି ସେଇ ରିସିଭର ସହିତେ ତଳେ କଚ୍ଛଡ଼ି ହୋଇ ପଡ଼ିଲେ ଅମାସ୍ ।

Deb's Library Corner

“କଣ ହେଲା, କଣ ହେଲା କହୁ ସମସ୍ତେ ଜମିଗଲେ । ଅମାସଙ୍କୁ ସୋଫା ଉପରକୁ ଉଠେଇଆଣି କନ୍‌ଓ୍ୱାର ପରୀକ୍ଷା ଆରମ୍ଭ କଲେ । ହେଲେ କିଛି ଫଳ ହେଲାନି । କାରଣ, ସେତେବେଳକୁ ସବୁ ଶେଷ ହୋଇଯାଇଥିଲା । ହତବୁଦ୍ଧି ହୋଇ କନଓ୍ୱାର ଚାହିଁଲେ ଚୌଧୁରୀଙ୍କ ଆଡ଼େ; କିନ୍ତୁ, ଚୌଧୁରୀଙ୍କ ମୁହଁରେ ଭାଷା ନାହିଁ । କେତେ ସମୟ ପରେ ଟେଲିଫୋନ ରିସିଭରଟା ତଳେ ପଡ଼ିଥିବାର ଦେଖି କନଓ୍ୱାର ତାକୁ ଉପରେ ରଖିଦେବାକୁ ଯାଉଥିଲେ; କିନ୍ତୁ, ଚୌଧୁରୀ ବାଧା ଦେଇ କହିଲେ, “ଆପଣ ଏ ଲାସଟାକୁ ପୋଷ୍ଟମର୍ଟମ ପାଇଁ ପଠାନ୍ତୁ, ସାର୍ ! ଅତି ଶୀଘ୍ର ସେଇଟାକୁ ପଠାଇବା ଆବଶ୍ୟକ । ଆଉ ମତେ ବର୍ତ୍ତମାନ ବିଦାୟ ଦେଇପାରନ୍ତି । ଏକ ବିରାଟ ପରାଜୟର ଗ୍ଲାନି ନେଇ ମୁଁ ଆଉ ବେଶି ସମୟ ଏଠି ରହିବାକୁ ଚାହୁଁନି । ମତେ କିଛିଟା ଆଉ ପରୀକ୍ଷା କରିବାକୁ ଦିଅନ୍ତୁ । ମୁଁ ମୋର ପରୀକ୍ଷା ଶେଷ କରି ଚାଲିଯିବି ।

ସେଇ ଅନୁଯାୟୀ ସବୁ ହେଲା । କନଓ୍ୱାର ଲାସଟାକୁ ପଠାଇଦେଲେ । ତାପରେ ଚୌଧୁରୀ କିଛି ସମୟ ଧରି ଅତି ଗମ୍ଭୀର ଭାବରେ ପରୀକ୍ଷା କଲେ ସେ ଘରର ପ୍ରତ୍ୟେକ ଆସବାବପତ୍ର । ତାପରେ ହଠାତ୍ କଣ ପାଇ ତାଙ୍କ ମୁହଁ ଉତ୍ଫୁଲ୍ଲ ହୋଇ ଉଠିଲା । ସେ ଆଉ କାଳବିଳମ୍ବ ନ କରି ଅଜୟଙ୍କୁ ସାଙ୍ଗରେ ନେଇ ଚାଲିଗଲେ । ଗଲାବେଳେ କକ୍ଷଟିକୁ ବନ୍ଦ କରିଦେବାକୁ କହିଦେଇଗଲେ । କୋଠାରୁ ବାହାରି ଯିବା ପୂର୍ବରୁ ସେ ଅଜୟଙ୍କୁ କଣ କହିଲେ । ତା ପରେ ଦେଖାଗଲା, ଚୌଧୁରୀ ଏକା ବାହାରି ଚାଲିଗଲେ ଗାଡ଼ିନେଇ ।

ଅଜୟ ସେଇ ଉପଦେଶ ଅନୁଯାୟୀ କର୍ମତତ୍ପର ହୋଇଉଠିଲେ । କିଛି ସମୟ ପରେ କନଓ୍ୱାର ଘରଟା ପ୍ରତି ମାମୁଲି ରକମର ଗାର୍ଡ ରଖିବାର ବନ୍ଦୋବସ୍ତ କରିଦେଇ ଚାଲିଗଲେ । ଚୌଧୁରୀ ଗାଡ଼ି ଧରି ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଲାବେଳକୁ ପାଖାପାଖି ଆହୁରି ଅଧଘଣ୍ଟାଏ । ସାମନାରେ ଟେଲିଫୋନ ଏକ୍‌ସ୍‌ଚେଞ୍ଜ । ପହରାବାଲାକୁ ଫାଟକ ଖୋଲିବାକୁ କହି ଘର ଭିତରକୁ ଗଲେ । ଭିତରକୁ ଯିବା ମାତ୍ରେ ଜଣେ ଓହ୍ଲେଇଆସିଲା ଡଉଟି ଗୁଡ଼ । ଖଣ୍ଡିଏ ଗ୍ଲେଟ କାଗଜ ଚୌଧୁରୀଙ୍କ ହାତକୁ ବଢ଼ାଇଦେଲା । ସେଇ କାଗଜଟିକୁ ପାଇବା ପରେ ଆଉ କେତୋଟି ଉପଦେଶ ତା କାନରେ ଦେଲେ ମି: ଚୌଧରୀ । ସେ ମଧ୍ୟ ସେହିପରି ମୁଣ୍ଡ ହଲାଇ ସମ୍ମତି ଜଣେଇ ଭିତରକୁ ଚାଲିଗଲା । ଚୌଧୁରୀ ଗାଡ଼ି ଧରି ଫେରିଲେ । ନିଜ ଘରେ ପହଞ୍ଚିଲାବେଳକୁ ରାତି ୧୨ଟା ବାଜିସାରିଥାଏ । ପୂଝାରୀକୁ ବିଦାୟ ଦେଲେ ଅଳ୍ପ କିଛି

ତାରକନ-

ଖାଇବାକୁ ଆଣିବାକୁ । ମୁହୂର୍ତ୍ତକ ମଧ୍ୟରେ ଖାଇବା ଶେଷ କରି ଦେଇ ନିଜର ଲାଇବ୍ରେରୀ ଭିତରକୁ ପଶିଗଲେ ଚୌଧୁରୀ । ସେଠି ଯାଇ ନିଜର ପରୀକ୍ଷା କାର୍ଯ୍ୟ ଆରମ୍ଭ କରିଦେଲେ ।

ଇଆଡ଼େ ତାର୍‌ଜନ ଯେ ଯାଇଥିଲା ମଟର-ସାଇକେଲ ଧରି । ପ୍ରାୟ ସନ୍ଧ୍ୟା ସାତଟା ସୁଦ୍ଧା ସେ ରଣପୁର ପାଖାପାଖି ହୋଇଗଲା । ତା ପରେ ହଠାତ୍ ପକେଟରୁ ଖଣ୍ଡେ କାଗଜ ବାହାର କରି ଦେଖିନେଲା ସେ ଠିକ୍ ରାସ୍ତାରେ ଆଗେଇଛି ତ ? ପୁଣି ଆଉଥରେ ଦିଗ ନିର୍ଣ୍ଣୟ କରି ଗାଡ଼ି ଛୁଟାଇଲା । କିଛି ସମୟ ସେମିତି ଯିବା ପରେ ତାରଜନ ଦେଖିଲା ଯେ ଜଙ୍ଗଲଟା ଆହୁରି ଘଞ୍ଚ ହୋଇ ଆସୁଚି । ସେଠି ଗୋଟାଏ ଗ୍ରେଟ ରେଷ୍ଟହେଉସ୍ ଅଛି । ତାରି ଭିତରେ ଯାଇ ଗାଡ଼ିଟିକୁ ରଖି ଚଉକିଦାରକୁ ଡାକିଲା । ଚଉକିଦାର ମଧ୍ୟ ବାବୁଙ୍କର ଆସିବା ଦେଖି ବେଶି କିଛି ପଇସା ଲୋଭରେ ଘର ଖୋଲିଦେଲା । କିଛିକ୍ଷଣ ଭିତରେ ତାରଜନ ନିଜକୁ ପ୍ରସ୍ତୁତ କରିନେଲା । ଆବଶ୍ୟକୀୟ ଜିନିଷ ପାଖରେ ରଖି ରାତିର ଅନ୍ଧାର ଭିତରେ ଜଙ୍ଗଲ ଭିତରକୁ ଆଗେଇଗଲା । କିଛିବାଟ ଜଙ୍ଗଲ ଭିତରେ ଯାଇସାରିଲା ପରେ ତାକୁ ଯେମିତି ଜଣାଗଲା, ତା ପଛେ ପଛେ କିଏ ତାକୁ ଅନୁସରଣ କରୁଚି । ଗୋଟାଏ ଗଛ ଓଢ଼ାଳରେ ନିଜକୁ ଲୁଚେଇ ସାରିଲା ପରେ ସେ ଜାଣିବାକୁ ଚେଷ୍ଟାକଲା କିଏ ଆସୁଚି ବୋଲି । ତା ଅନୁମାନ ସତ୍ୟ ହେଲା । ସେ ଦେଖିଲା, ସେଇ ପାଖ ଦେଇ ଗୋଟାଏ କଣ ମସ୍ତବଡ଼ ଗ୍ରୁଇଟାଏ ଚାଲିଗଲା ଭଳି ଦେଖାଯାଉଚି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଲା, ସେ ଗୋଟିଏ ଗ୍ରେଟ ଟଣାଗାଡ଼ି ଭଳି ଜିନିଷଟିଏ ମଧ୍ୟ ଠେଲି ଠେଲି ନେଇଯାଉଚି । ତାରଜନର କୌତୂହଳ ବଢ଼ିବାକୁ ଲାଗିଲା । ବନ୍ୟପ୍ରକୃତି ମଧ୍ୟ ମନେପଡ଼ିଲା । ଇଚ୍ଛା ହେଲା, କୁଦାଟାଏ ମାରିବ ସେ ଗ୍ରୁଇଟା ଉପରକୁ, ଆଉ ତା ପରେ କଣ ଅଛି ତା ଭିତରେ ଦେଖିବ । ହେଲେ ଚୌଧୁରୀଙ୍କ ଆଦେଶ ତାର ମନେ ପଡ଼ିଗଲା । ବାରମ୍ବାର ତାକୁ କହିଛନ୍ତି ଯେ କିଛି ଗୋଟାଏ କାଣ୍ଡ ନ ଘଟେଇ ଆଦୌ ସଚେତନ କରେଇ ଖାଲି ଆସି ଖବର କହିବାକୁ । ତା ମାନେ ଆଜି ତା ପାଇଁ ଖାଲି ଅନୁସନ୍ଧାନର ଦିନ । ଦରକାର ପଡ଼ିଲେ କିଏ ଠେଲାଟାଏ ମାରିଲେ ମଧ୍ୟ ଇଏ କିଛି କହିବନି । କିନ୍ତୁ ତାରଜନର ଇଚ୍ଛାହେଉଥାଏ ଦି ଟା ଖଣ୍ଡେ ଗଛ ଓପାଡ଼ି ପକେଇବାକୁ କିମ୍ବା ଖୁବ୍ ଗୋଟାଏ ଗର୍ଜ୍ଜନ ଛାଡ଼ିବାକୁ ।

ଏଇ ସମୟରେ ଗ୍ରୁଇଟା ସେ ଠେଲା ଗାଡ଼ିଟାକୁ ଧରି କଣ ଭାବିଲା । ପୁଣି ଆଗେଇବାକୁ ଚେଷ୍ଟାକଲା । ତାରଜନ ଆଉ ତାର କୌତୂହଳ ଦମନ

କରିପାରିଲାନି । ସେ ମଧ୍ୟ ଆହୁରି ଘଞ୍ଜଙ୍ଗଲର ଭିତର ଦେଇ ଆଗକୁ ଯିବାକୁ ଲାଗିଲା । ତାର ମନେହେଲା ଯେ, ସ୍ୱାଗ ପଛେ ପଛେ ଗଲେ ହୁଏତ ଅନେକ ବ୍ୟୂହ ଭେଦ କରାଯାଇପାରେ । ତେଣୁ ସେଇ ଅନୁଯାୟୀ ଅତି ସତର୍କ ଭାବରେ ସେ ଯିବାକୁ ଲାଗିଲା । କିଛିବାଟ ଗଲାପରେ କଣ ଗୋଟାଏ ବୋବେଇଲା ଭଳି ଜଣାଗଲା ତାରଜନକୁ । କିନ୍ତୁ ଏଭଳି ଅଭିନବ ସେ ଚିତ୍କାର ଯେ, ତାରଜନ ଚିହ୍ନି ପାରିଲା ଭଳି ମନେ ହେଲାନି । ଆଉ ଟିକେ ପାଖେଇଆସି ବୁଝିଲା ଗର୍ଜନଟା ସେଇ ଟଣାଗାଡ଼ି ଭିତରୁ ଆସୁଚି । ବର୍ତ୍ତମାନ ଜାଣିଲା ଯେ ଏ ଗାଡ଼ି ଭିତରେ ନିଶ୍ଚୟ କୌଣସି ଗୋଟାଏ ଜନ୍ତୁ ରହିଚି । ହୁଏତ ଏଭଳି ଏକ ଜନ୍ତୁର ଉପସ୍ଥିତି ଜାଣିଥିଲେ ଆଉ କିଏ ଭୟ କରି ପଳେଇଥାନ୍ତା; କିନ୍ତୁ ତାରଜନ କ୍ଷେତ୍ରରେ ଠିକ୍ ଓଲଟା । ଗାଡ଼ିଏ ସୁନା ହେଇଥିଲେ ହୁଏତ ସେ ଆଗ୍ରହୀ ହେଇ ନ ଥାନ୍ତା; କିନ୍ତୁ ଗୋଟାଏ ତା ଅଜଣା ପଶୁ ରହିଯିବ, ସେ ଦେଖି ପାରିନି, ଏକଥା ସେ ମୋଟେ ଚିନ୍ତା କରିପାରିଲାନି । ଏଇ ସମୟରେ ମି: ଚୌଧୁରୀଙ୍କ ଉପଦେଶ ସମ୍ପୂର୍ଣ୍ଣ ଭୁଲିଗଲା । କିଛି ଉପାୟ ଆଶାରେ ବହୁତ ଆଗକୁ ସେଇ ଜଙ୍ଗଲ ଭିତରେ ସେ ଦଉଡ଼ି ଚାଲିଗଲା ରାସ୍ତାର ଅବସ୍ଥା ଦେଖିବାକୁ । ଏମିତି ଯିବାପରେ ତାକୁ ଗୋଟାଏ ପାଣିର ଚବ ଚବ ଶବ୍ଦ ଶୁଣାଗଲା ବେଶ୍ ଦୂରରୁ । ତାର ମନେହେଲା ପାଖରେ କୋଉଠି ପାଣି ନିଶ୍ଚୟ ଅଛି । ଆଉ କିଛିବାଟ ଆଗେଇଯାଇ ଦେଖେ ତ ଗୋଟିଏ ବିରାଟ ଗଡ଼ାଣି ଅଛି ତଳକୁ । ଗଡ଼ିଗଲେ ଟ୍ରେଟ ନାଳଟିଏ ଭଳି ନଈର ଧାରଟିଏ; କିନ୍ତୁ ସେ ନାଳକୁ ଗଡ଼ିବାର ରାସ୍ତା ଭାରି ଅଣଓସାରିଆ । ବର୍ତ୍ତମାନ ତାକୁ କିଛି ଉପାୟ ଚିନ୍ତା କରିବାକୁ ପଡ଼ିବ ଭାବି ସେ ଚାରିଆଡ଼କୁ ଚାହିଁଲା । ହୁଏତ ଆଉ ଟିକେ ପରେ ସେ ଲୋକଟା ଆସି ପହଞ୍ଚିଯିବ । ଏମିତି ଚିନ୍ତା କରୁ କରୁ ହଠାତ୍ ଆଖିରେ ପଡ଼ିଲା ଗୋଟାଏ ବିରାଟ ଖଣ୍ଡ ପଥର । କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଖୁବ୍ ମଲ୍ଲଯୋଦ୍ଧା ବୀର ଅନ୍ତତଃପକ୍ଷେ ଶହେ ଜଣ ଯାହାକୁ ଇଞ୍ଚେ ସୁଦ୍ଧା ଘୁଞ୍ଚେଇ ପାରିବେନି ସେଇଭଳି ଆକାରର ଇଏ ଏକ ବିରାଟକାୟ ପଥର । ସହଜେ ତ ତାରଜନ ଦେହରେ ଶହ ସିଂହର ବଳ; ଆଉ ସିଂହ, ବାଘ, ଗଣ୍ଡା ଆଦି ଜୀବମାନଙ୍କ ସାଙ୍ଗରେ ସେ କେବଳ ଖାଲି ହାତରେ ଲଢ଼ିଆସିଚି । ବିଶେଷ କରି ଏ ଅବସ୍ଥାରେ ତା ଦେହରେ ଆହୁରି ପରାକ୍ରମ ଆସିଗଲା । ପଥରଟାକୁ ଏକା ହୁଙ୍କା ମାରି ଅତି ନିଃଶବ୍ଦରେ ଗଡ଼େଇବାକୁ ଚେଷ୍ଟାକଲା । ପଥରଟା ଗଡ଼ିଲା; କିନ୍ତୁ କାଳେ ଶବ୍ଦ ହୋଇଯିବ ବୋଲି ଏକପ୍ରକାର ଟେକିକରି ନେଇ ପଥରଟାକୁ ସେ ଗଡ଼ାଣି ମୁହଁରେ

ଥୋଇଦେଲା । ଆଉ କୌଣସିମତେ ସେ ଗାଡ଼ି ନେଇ ସେ ବାଟରେ ଯାଇପାରିବନି । ଏତିକି କରିଦେଇ ନିଜକୁ ଲୁଚାଇ ରଖିଲା, ତାରଜନ । ସତକୁ ସତ ସେଇ ବାଟଦେଇ ସେ ଛାୟାମୂର୍ତ୍ତିଟି ଆଗେଇ ଆସିଲା ପରେ ହଠାତ୍ ପଥରଟାକୁ ଦେଖି ଆକାଶରୁ ଛିଡ଼ିଗଲା ଭଳି ସ୍ତମ୍ଭୀଭୂତ ହୋଇଗଲା । ବହୁତ ଦୂରରୁ ଏକ ଗଛ ଉପରେ ଥାଇ ଲକ୍ଷ୍ୟ କରୁଥିଲା ତାରଜନ । ଚାରିଦିଗରୁ ପଥରଟାକୁ ନିରୀକ୍ଷଣ କରିସାରିଲା ପରେ ଲୋକଟା ଭୀଷଣଭାବରେ ରାଗିଉଠିଲା ବୋଧହୁଏ । ତା ପରେ କଣ ଭାବି ଗାଡ଼ିଟାକୁ ସେଠି ଛାଡ଼ିଦେଇ କିଛିବାଟ ଏପାଖ ସେପାଖ ହୋଇ ଖୋଜିବାକୁ ଲାଗିଲା । କିଛି ନ ପାଇ ସେଇଠି ସେ ଗାଡ଼ିଟାକୁ ଛାଡ଼ିଦେଇ ଗଡ଼ାଣିରେ ଭାରି କଷ୍ଟରେ ତଳକୁ ଗଡ଼ିଲା ଏବଂ ତାରି ଭିତରଦେଇ ଆଗେଇବାକୁ ଲାଗିଲା । ପକେଟରୁ ଗୋଟାଏ ଆଲୁଅ କାଢ଼ି ଜାଳିବା ସାଙ୍ଗେ ସାଙ୍ଗେ ଗୋଟିଏ ଗ୍ରେଟ ହୁଲଡ଼ଙ୍ଗା କିଏ ବାହିନେଇ ଆସିଲାଭଳି ଜଣାଗଲା । ତାପରେ ଲୋକଟା ସେପଟକୁ ଗଲା । ସେ ପାଖରେ ଡଙ୍ଗା ଛାଡ଼ି ଆରୋହୀ ଦୁଇଜଣ ଚାଲିଗଲେ ପୁଣି ଜଙ୍ଗଲ ଭିତର ଦେଇ । ତାରଜନ ଏଇ ଅବସରରେ କର୍ମତତ୍ପର ହୋଇଉଠିଲା । ଏକାଖେପାକେ ଯାଇ ସେ ଟଣାଗାଡ଼ି ପାଖରେ ପହଞ୍ଚିଲା । ଦୂରରୁ ଯାହା ସେ ଭାବୁଥିଲା, ଗାଡ଼ିଟା ଖୁବ୍ ଗ୍ରେଟ ବୋଲି ତା ନୁହେଁ, ବେଶ୍ ବଡ଼ ଆକାରର ଗାଡ଼ିଟା । ଖୁବ୍ ସୁନ୍ଦର ବ୍ୟବସ୍ଥା ମଧ୍ୟ ହୋଇଛି ଗାଡ଼ିଟା ଚାଲିବାପାଇଁ ଓ ଅଟକିବାପାଇଁ । ତାରଜନ ଯାହା ଦେଖିଲା, ତା ଅନୁମାନ ସତ୍ୟ । ଏକ ଭୀଷଣକାୟ ଜନ୍ତୁ ସେ ଗାଡ଼ି ଭିତରେ । ଭାଲୁଠାରୁ ଆହୁରି କଳା । ହେଲେ ତାର ଦେହଟା ହବ ଆକାରରେ । ଜାକିଜୁକି ହୋଇ ଶୋଇଥାଏ । ଏଭଳି ଜନ୍ତୁ କାହିଁ ତାର ଦେଖିଲା ଭଳି ମନେ ହେଉନି । ତାର ଇଚ୍ଛା ହେଲା ଜନ୍ତୁଟାକୁ ବାହାର କରି ତାର ଶକ୍ତି ବା ବିଶେଷତ୍ୱ ପରୀକ୍ଷା କରିବ କି ? କାଳେ ସମସ୍ତେ ସଚେତ ହୋଇଯିବେ ଏଇ ଭୟରେ ସେ ଆଉ ବିଶେଷ କିଛି କଲାନି । ବରଂ ଆଉ କାଳବିଳମ୍ବ ନକରି ତାର ଆଉ କିଛିବାଟ ଆଗେଇବା ଉଚିତ ହେବ ଭାବି ଆଗେଇଲା । ସେ ଗଡ଼ାଣି ତଳକୁ ଓହ୍ଲାଇ ଠିକ୍ ତାଙ୍କରି ବାଟରେ ଆଗେଇଲା, ଜନ୍ତୁ ପାଣି ପାଖରେ ପହଞ୍ଚି କଣ କରିବ ଭାବି ଆଉ କିଛି ଠିକ୍ କରିପାରିଲାନି । ସେମିତି ଲାଇଟ୍ ଜଳେଇବା ଅର୍ଥ ହୁଏତ ନିଜ ବେକକୁ ଦଉଡ଼ି ଆଣିବା ଛଡ଼ା ଆଉ କିଛି ନୁହେଁ । ସେଥିପାଇଁ ପାଣିକୁ ଗୋଡ଼ ବଢ଼େଇ ଆଗ ପରୀକ୍ଷା କଲା । ତା ପରେ କିଛି ନ ଭାବି ପାଣିକୁ ଗୋଟିଏ କୁଦା ମାରିଲା । ତା ପାଇଁ ଏ ପାଣି କିଛି ନୁହେଁ । ତେଣୁ ଅଳ୍ପକ୍ଷଣରେ ପହଞ୍ଚିଗଲା ସେପାଖରେ । ଆହୁରି

ଜାଣିବାକୁ ଇଚ୍ଛା ହେଲା ତାର ! ତେଣୁ ଆଗେଇଲା ତାରଜନ । ବେଶ୍ କିଛୁବାଟ ଆଗେଇବା ପରେ ତାର ମନେ ହେଲା ଯେମିତି କାହାର କଥାବାର୍ତ୍ତା ଦୂରରେ ଶୁଣାଯାଉଚି । ସେଇ ଶବ୍ଦକୁ ବାରି ଆଗେଇଲା । କ୍ରମଶଃ ବେଶି ସ୍ପଷ୍ଟ ହେଇ ଆସିଲା ସେଇ ଶବ୍ଦ । ତାରଜନ ଖୁବ୍ ସତର୍କରେ ଆଗୋଉଥାଏ । ଆଗରେ ଦେଖିଲା ଗୋଟାଏ ପାହାଡ଼ ଭଳି ଉଠାଣି । ସେଇ ଉଠାଣି ଉପରକୁ ଉଠିବ କି ନା ବିଚାର କଲାବେଳକୁ ହଠାତ୍ ଦେଖିଲା ସାମନାରୁ ଗୋଟାଏ ଗ୍ରୁଇ ଦ୍ରୁତ ଗତିରେ ତା ଆଡ଼କୁ ମାଡ଼ିଆସୁଚି । ତାରଜନ ବୁଝିଲା ଯେ, ଆଉ ଲୁଚିବା ବେଳ ସରିଯାଇଚି । ଆଉ ଡେରିକଲେ ତାକୁ ପାରିହବନି । ବରଂ ସେ ସଙ୍କେତ ଜଣେଇ ଦେଇପାରେ । ତେଣୁ ମୁହୂର୍ତ୍ତେ ବିଳମ୍ବ ନ କରି ତୀରବେଗରେ ତାରଜନ ତା ଉପରକୁ ଡେଇଁପଡ଼ିଲା ଆଉ କେତେକ ସେକେଣ୍ଡ ଭିତରେ ତାକୁ କାବୁ କରିପକେଇ ତା ମୁହଁରେ ଗୋଟାଏ କନା ବାନ୍ଧିଦେଲା । ହାତହାତ ସବୁ ବାନ୍ଧିଦେଇ ତାକୁ ଖୁବ୍ ଜୋରରେ ଗୋଟାଏ ହାତରେ ଟେଲାଟାଏ ଭଳି ଶୂନ୍ୟକୁ ଏତେ ଜୋରରେ ଫୋପାଡ଼ିଦେଲା ଯେ, ସେଇଟା ଖୁବ୍ ଦୂରକୁ ଚାଲିଯାଇ ଗୋଟାଏ ବିରାଟ ଗଛ ଅଗରେ ଲାଖି ରହି-ଗଲା । ଏଥର ତାରଜନ ଭିତରକୁ ଭିତରକୁ ପଶିଲା । ସେ କୁଦ ତଳକୁ ଗଡ଼ିଦେଖିଲା, ଜାଗାଟା ବେଶ୍ ଆଲୋକିତ ହୋଇଚି ଏବଂ ସେଇ ଆଲୋକ ପାଖରେ ଅନେକ ଲୋକ ବସିଚନ୍ତି । ସମସ୍ତଙ୍କ ଦେହରେ କିମ୍ଭୂତକିମାକାର ପୋଷାକ । କେହି ଜଣା ପଡ଼ୁ ନଥାନ୍ତି । ତାରଜନ୍ ଖୁବ୍ ସନ୍ତର୍ପଣରେ ଆଉ ଟିକେ ଆଗେଇବାର ଚେଷ୍ଟାକଲା । ହଠାତ୍ ତା' ଆଖିରେ ପଡ଼ିଲା, ସେଇ ପାଖାପାଖି କେତୋଟି ବିରାଟ ଗଛ ଅଛି । ଜୀବନବିକଳରେ ସେଇ ପାଖକୁ ଚାଲିଯାଇ ତା'ରି ଉଢ଼ାଳରେ ରହିବା ପରେ ତାକୁ ସବୁ ସ୍ପଷ୍ଟ ଶୁଣାଗଲା । ଆସ୍ତେ ପକେଟରୁ ଅତି ଶକ୍ତିଶାଳୀ ବାଇନାକୁଲାର୍‌ଟିଏ କାଢ଼ି ଧରିଲା । ଅନେକଗୁଡ଼ିଏ ଲୋକ, ସେ ପୂର୍ବ ଦୁ'ଜଣ ମଧ୍ୟ ଆସି ପହଞ୍ଚି ଯାଇଥାନ୍ତି । ମଝିରେ ଜଣେ ଖୁବ୍ ଦୀର୍ଘକାୟ ବ୍ୟକ୍ତି ବସିଥାଏ । ସେତେବେଳକୁ ଏଇ ପୂର୍ବୋକ୍ତ ଗୁମ୍ଫାମୂର୍ତ୍ତିଟି ବୋଧହୁଏ କିଛି ସାରିଥାଏ, ତେଣୁ ସେ କଳପତିଟି ଖାଲି ରାଗରେ ଗର୍ଜ୍ଜନ କରୁଥାଏ । ତାରଜନ୍ ଶୁଣିଲା, ସେ କହୁଚି—

"ତମ ଭଳି ମୂର୍ଖ କେହି ନାହିଁ । ମୁଁ ଜାଣିବାକୁ ଚାହେଁ କିଏ ସେଠି ସେ ପଥର ରଖିଲା ? କେହି ଜାଣିପାରିଲ ନି ? ଆମର ଆଜି ଏତେ ବଡ଼ ପୋଗ୍ରାମ ମାଟି ହୋଇଗଲା ! ଭାଇମାନେ ! ତମେମାନେ ଜାଣିନ, କାହିଁକି ମୁଁ ଆଜି ବ୍ୟସ୍ତ । ଆମର ତିନି ନମ୍ବର କାମରୁ ମୁଁ ମଗେଇଥିଲି ଯାହା, ସେଇଟା କ'ଣ ଜାଣ ? ଭ୍ୟାଙ୍କୋଭର

ବୋଲି ଗୋଟାଏ ବିଚିତ୍ର ପଶୁ ଆଫ୍ରିକାର ନିଘଞ୍ଚ ଜଙ୍ଗଲରେ ଦେଖାଯାଏ । ସେଇଟା ଆକୃତିରେ ଅତି ସାନ ହେଲେ କ'ଣ ହେବ, ତିରିଶ ଫୁଟ ଉଚ୍ଚକୁ ବା ଦୂରକୁ ଡେଇଁ ଆକ୍ରମଣ କରେ । ଆଉ ତାକୁ ଗୋଟାଏ ମଣିଷକୁ ମାରିବାକୁ ମାତ୍ର ଗୋଟିଏ ସେକେଣ୍ଡ ଦରକାର । ମାରିଦେଇସାରିଲା ପରେ ତା' ଦେହରୁ ସମସ୍ତ ମାଂସ ପୋଛି ଖାଇଦିଏ । ଆଜି ଆମର ଗୋଟାଏ ଭଲ ଦିନ । ଗୋଟାଏ ବଡ଼ ଶତ୍ରୁ ଆଜି ଶେଷ ହୋଇଯାଇ ପାରିଚି । ଆଉ ଆଜି ଅସଲ ବନ୍ଦୀଟାକୁ ଶେଷ କରିବାର ପାଳି । କିନ୍ତୁ କିଏ ଏତେ ବଡ଼ ପଥରଟାଏ ସେଠି ରଖିପାରିଲା, ଜାଣିପାରିଲି ନି । ମୁଁ ସମସ୍ତଙ୍କୁ ଆଦେଶ ଦେଉଚି, ତମେମାନେ ଯାଇ ଭ୍ୟାଙ୍କୋଭରକୁ ଆଣି ଆସ ,ଆଉ ଯେକୌଣସିମତେ ଏ ଦୁଇନମ୍ବର କାର୍ଯ୍ୟ ଆଜି ଶେଷ କରାଯାଇ ଏକନମ୍ବର କାମକୁ ଖବରପଠାଯିବ । ଆଜି ଗୋଟାଏ ନୂଆ ଦୃଶ୍ୟ ଦେଖିବ ତମେମାନେ । ଏଇ ଯୋଉ ଲମ୍ବା ପିଞ୍ଜରା ହୋଇଛୁ, ତାରି ଭିତରେ ସେ ଭ୍ୟାଙ୍କୋଭର କେମିତି ଆମର ଶତ୍ରୁଟିକୁ ମାରୁଛୁ ତୁମେ ଦେଖିବ ।''

ଏକଥା ତାରଜନ୍ ଶୁଣିଲା ପରେ ତା'ର ମୁଣ୍ଡ ବୁଲିଗଲା । ତାକୁ ଆଉ ବୁଦ୍ଧି ଦେଖାଗଲା ନାହିଁ । ଯେମିତି ହେଲେ କୌଣସି ଗୋଟାଏ ଅମୂଲ୍ୟ ଜୀବନ ଆଜି ନଷ୍ଟ ହେବା ନିଶ୍ଚିତ । କିନ୍ତୁ କ'ଣ ସେ ଏକା କରିପାରେ ! ଆଉ କ'ଣ ସେ ଦଳପତି ନିର୍ଦ୍ଦେଶ ଦେବା ଆରମ୍ଭ କଲା । କିନ୍ତୁ ଏଇଟା ଯେ ସମସ୍ତେ ସେଠିକି ଯିବାର ପୂର୍ବ ସୂଚନା; ଏକଥା ତାରଜନ୍ ଜାଣିପାରିଲା । କିଛି ଆଉ ଭାବି ନ ପାରି ତୀବ୍ରବେଗରେ ସେ ଫେରିବାକୁ ଆରମ୍ଭ କଲା । ସେ ଅନୁଭବ କଲା ଯେ, ଯେତେ ବେଗରେ ସେ ଦଉଡ଼ୁଛି ଆଉ ହୁଏତ ପୂର୍ବେ କେବେ ଏମିତି ଦଉଡ଼ି ନ ଥିଲା । ଠିକ୍ ସେମିତି ପାଣିରେ ପହଁରି ଆର ପାଖକୁ ଚାଲିଗଲା । ମୁହୂର୍ତ୍ତକ ଭିତରେ ସେଇ ପଶୁଟି ଥିବା ସ୍ଥାନରେ ସେ ପହଞ୍ଚିଗଲା । ସେ ଗାଡ଼ିଟା ସେମିତି ଥୁଆ ହୋଇଥାଏ । ସେ ଚାହିଁଥିଲେ ତାକୁ ଗୁଳି କରିପାରିଥାନ୍ତା; କିନ୍ତୁ କାଳେ ସେ ଶବ୍ଦରେ ସେମାନେ ସତର୍କ ହେବେ । ତା ମୁଣ୍ଡରେ ଗୋଟାଏ ବୁଦ୍ଧି ଢୁକିଲା । ସେ ଗାଡ଼ିର ଦୁଆର ଭଲଭାବରେ ବନ୍ଦ ହୋଇଚି କି ନା ପରୀକ୍ଷା କରିନେଲା । ତା'ପରେ ଗୋଟାଏ ହୁଙ୍କାର ଦେଇ ପଥରଟାକୁ ଘୁଞ୍ଚେଇଦେଲା ଟିକିଏ । ତା'ପରେ ସେ ଗଡ଼ାଣି ତଳକୁ ଖୁବ୍ ଧୀରେ ଗାଡ଼ିଟାକୁ ଗଡ଼େଇଦେଲା । ଗାଡ଼ିଟା ଖୁବ୍ ଉଚ୍ଚରୁ ଖସିପଡ଼ିଲା । ତଳଟା ବାଲି ବୋଲି ବିଶେଷ ଶବ୍ଦ ହେଲାନି, ଠିକ୍ ସେଇଠି ପଡ଼ିରହିଲା । ତାପରେ ସେ ବିରାଟ ପଥର ଖଣ୍ଡକୁ ଜୀବନ ବଳରେ ଘୁଞ୍ଚେଇ ଠିକ୍ ଲକ୍ଷ୍ୟ କରି ସେଇ ଗାଡ଼ି ଉପରକୁ

ଗଡ଼େଇଦେଲା । ଧୁମ୍ କରି ପଥରଟା ପଡ଼ିଲା ସେ ଗାଡ଼ିଟା ଉପରେ । ଖାଲି ତାରଜନ୍ ବୁଝିଦେଲା ଯେ, ସେ ପଥର ଗାଡ଼ିଟାକୁ ଠିକ୍ ଗୋଟିଏ ଗ୍ରେଟ ହିଣ୍ଡେବା ଭଳି ଚେପା କରିଦେଇଛି । ତେଣୁ ସେ ପଶୁର ଅଉ ଅସ୍ତିତ୍ୱ ନ ଥିବ । ଅଧିକ ସମୟ ଡେରି କରିବା ବିପଦ ଭାବି ଅନ୍ଧାର ବଣ ଭିତରେ ପଛକୁ ଫେରିଲା । ଅଣନିଃଶ୍ୱାସୀ ଭାବରେ ଦଉଡ଼ି ଦଉଡ଼ି ସେ ଆସି ପୂର୍ବୋକ୍ତ ରେଷ୍ଟସେଡ଼୍‌ଟି ପାଖରେ ପହଞ୍ଚିଲା । ପଛକୁ ଫେରି ଚାହିଁଲା କେହି ନାହାନ୍ତି । କିନ୍ତୁ ହଠାତ୍ ଅନେକ ଗୁଡ଼ିଏ ଗୁଳିର ଶବ୍ଦ ଖାଲି ଶୁଣାଯିବା ଆରମ୍ଭ ହେଲା । ତାରଜନ୍ ବୁଝିଲା ଯେ, ସେମାନେ ଜଙ୍ଗଲସାରା ଖୋଜିବା ଆରମ୍ଭ କରିଛନ୍ତି । ସାଙ୍ଗେ ସାଙ୍ଗେ ମଟର ସାଇକେଲରେ ଷ୍ଟାର୍ଟ ଦେଲା, ଆଉ ଏକମୁହାଁ ହୋଇ ଫେରିବାକୁ ଲାଗିଲା।

ତାରଜନ୍ ଫେରି ଘରେ ପହଞ୍ଚିଲାବେଳକୁ ପ୍ରାୟ ଭୋର୍ ହୋଇଯାଇଥାଏ । ସେ ପର୍ଯ୍ୟନ୍ତ ଲାବୋରେଟାରୀରେ ମି: ଚୌଧୁରୀ କାର୍ଯ୍ୟ କରୁଥାନ୍ତି । ତାରଜନ୍ ଫେରିବା ଦେଖି ସେ ତାଙ୍କର ପରୀକ୍ଷା ସେଇଠି ରଖି ଚା’ ପାଇଁ ବରାଦ କଲେ । କିଛିକ୍ଷଣ ଭିତରେ ଅଜୟ ମଧ୍ୟ ଆସି ପହଞ୍ଚିଲେ । ଡ୍ରଇଁରୁମ୍‌କୁ ଯାଇ ବସିଲା ପରେ ତାରଜନ୍ ତାର ସମସ୍ତ ଅନୁଭୂତି ବର୍ଣ୍ଣନା କଲା । ସବୁ ଶୁଣିସାରିଲା ପରେ ଚୌଧୁରୀ ଏକପ୍ରକାର କାଠ ପାଲଟି ଯାଇଥାନ୍ତି । କିଛି ସମୟ ପରେ ଏଇ କଥାରୁ ଅଜୟ ପଚାରିଲେ ଯେ କ୍ୟାମ୍ପ ନମ୍ବର ତିନି ମାନେ କ’ଣ ହୋଇପାରେ ? ଚୌଧୁରୀ ତାଙ୍କୁ ବୁଝେଇଲେ—

"କ୍ୟାମ୍ପ ନମ୍ବର ତିନିକୁ ତ ଆପଣମାନେ ଯାଇଥିଲେ ବୋଧହୁଏ । ମନେ ଅଛି, ସେଇ ଯେ ସୁଖେନ୍ଦୁ ବାବୁଙ୍କର ଗାଡ଼ି ନେଇ ସେଦିନ ରାତିରେ ଗଲେ !" ଅଜୟଙ୍କର ମନେ ପଡ଼ିଗଲା । ତା ସାଙ୍ଗେ ସାଙ୍ଗେ ତାରଜନ୍‌ର ମଧ୍ୟ ସ୍ମରଣ ହେଲା, ଭ୍ୟାଙ୍କୋଭରର ମଣିଷ ମାରିବା ପ୍ରଣାଳୀ ସେଦିନ ଫେରିଲାବେଳେ ରାସ୍ତାରେ ଯୋଉ ନାରୀର ଶବଟିକୁ ଦେଖିଲେ ଏମାନେ ।

ଅଳ୍ପକରେ ଡକ୍ଟର ଅମାସ୍‌ଙ୍କ ମୃତ୍ୟୁ ବିଷୟରେ ଅଜୟ ତାରଜନ୍‌କୁ କହିସାରିବା ପରେ ଦୀର୍ଘଶ୍ୱାସ ଛାଡ଼ି ଚୌଧୁରୀ କହିଲେ—

"ଜୀବନର ଗୋଟାଏ ମସ୍ତବଡ଼ ପରାଜୟ ଆମର ହୋଇଛି । ହୁଏତ ଏଭଳି ଏକ ଅନୁଭୂତି କେବେ ହବାର ନ ଥିଲା ।"

ଅଜୟ ପଗ୍ଭରଲେ, "ଆଜ୍ଞା ! କ୍ୟାମ୍ପ ନମ୍ବର ଏକ ତା ହେଲେ କୋଉଟା ?"

ହସିଲେ ଚୌଧୁରୀ । କହିଲେ, "ସେଇଟା ଜାଣିଲେ ହୁଏତ ଏ ସମସ୍ୟାର ସମାଧାନ ହୋଇଯାଇପାରନ୍ତା, ଅଜୟ କିନ୍ତୁ ଠିକ୍ ଜାଣିହେଉନି । ତେବେ ମୋର ଆଶା, ଏ ଯବନିକା ଖୁବ୍ ଶୀଘ୍ର ଅପସରି ଯିବ ।"

ଅଜୟ ପୁଣି ପଗ୍ଭରଲେ—

"ଆଚ୍ଛା, ବର୍ତ୍ତମାନ ତ ଦୁଇଟି ଆଡ୍ଡା ଆମେ ଜାଣିସାରିଚୁଁ । ତାକୁ ଘେରାଉ କରିନେଲେ ତ ସବୁ ଜଣାପଡ଼ିବ ।"

ଏଇ କଥାରେ ଚୌଧୁରୀ ମନା କରି ବୁଝେଇବାକୁ ଚେଷ୍ଟାକଲେ—

"ଆମେ ଏ ପର୍ଯ୍ୟନ୍ତ ଶତ୍ରୁକୁ ଯେତେ ନିର୍ବୋଧ ଆଖିରେ ଦେଖୁଚୁ, ସେ ହୁଏତ ସେତିକି ନିର୍ବୋଧ ନୁହେଁ । ତା' ଛଡ଼ା ତାକୁ ଧରିପକେଇବାକୁ ଚେଷ୍ଟାକରି ତା'ର କେତୋଟି ଅନୁଚରଙ୍କୁ ଧରିବାର ମାନେ କିଛି ହୁଏନା । ଏ ନାଟକର ନାୟକ କିଏ, ସେଇଟା ଜାଣିବା ଦରକାର । ଡକ୍ଟର ଅମାସ୍ ମରିବା ପରେ ଏଇ ସମସ୍ୟାଟା ବହୁ ପରିମାଣରେ ଜଟିଳ ହୋଇଉଠିଚି । ଯେମିତି ମନେହେଉଚି କାହାରି ଭିତରେ କିଛି ଯୋଗସୂତ୍ର ନାହିଁ, ପୁଣି ଯଥେଷ୍ଟ ଅଛି ।"

ଏତିକିରେ ଆପାତତଃ ଆଲୋଚନା ବନ୍ଦ ରଖିବାକୁ ଗ୍ଭହିଁଲେ ବୋଧହୁଏ ମି: ଚୌଧୁରୀ । ସମସ୍ତେ ରାତି ଅନିଦ୍ରା୍ଯୋଗୁଁ ବିଶ୍ରାମ ନେବା ଉଚିତ । ତା ପୂର୍ବରୁ କ'ଣ ଲାବୋରେଟାରୀରେ ଦେଖାଇବେ ବୋଲି ଡାକିନେଲେ ଚୌଧୁରୀ । ଅଜୟ ଓ ତାରକନ ଉଠିଗଲେ ।

ଦୁଇଦିନ ପରର ଘଟଣା; ସକାଳର ଗ୍ଭ' ସାଙ୍ଗରେ ଖବରକାଗଜରେ ଆଖି ବୁଲଉଥିଲେ ଚୌଧୁରୀ । ହଠାତ୍ ଗୋଟିଏ ଖବର ଉପରେ ତାଙ୍କର ଆଖି ଅଟକିଗଲା । କ'ଣ ଭାବି ଅଜୟଙ୍କୁ ଡକେଇ ପଠେଇଲେ । ଅଜୟ ସେତେବେଳକୁ ବିଛଣା ଗ୍ଭଡ଼ି ନ ଥାନ୍ତି । ହଠାତ୍ ଏ ଡାକରା ଶୁଣି ଉଠିଆସିଲେ ।

"ଅଜୟ, ତମେ ଆଜି ବମ୍ବେ ଯିବ । ଅତି ଶୀଘ୍ର ପ୍ରସ୍ତୁତ ହୋଇପଡ଼ ।

ଚୌଧୁରୀଙ୍କର ମୁହଁ ଦେଖି ଅଜୟ ହଠାତ୍ କିଛି ଆଉ ନ ପଗ୍ଭରି ନିଜର ନିତ୍ୟକର୍ମ ଶେଷ କରିବାକୁ ଗ୍ଭଲିଗଲେ । ଏଇ ସମୟରେ ଚୌଧୁରୀ କନ୍‌ଓ୍ୱାରଙ୍କ ସହିତ କ'ଣ ଆଳାପ କଲେ ଟେଲିଫୋନ ଯୋଗେ । କନ୍‌ଓ୍ୱାର ମଧ୍ୟ ସମ୍ମତି ପ୍ରକାଶ

କଲେ । ସବୁ କହିବା ଶେଷରେ କନ୍‌ଓ୍ବାର ଚୌଧୁରୀଙ୍କୁ ଲୋକମାନଙ୍କର ପୋଲିସ ବିଭାଗର ଅବହେଳା ପ୍ରତି କଟୁ ସମାଲୋଚନା କଥା ସ୍ମରଣ କରେଇଦେଲେ । ଅତି ନିର୍ବିକାର ଚିତ୍ତରେ ସେଗୁଡ଼ିକ ଗ୍ରହଣ କରିବା ଛଡ଼ା ଆଉ ଉପାୟ ନାହିଁ ବୋଲି ମଧ୍ୟ ଚୌଧୁରୀ କନ୍‌ଓ୍ବାରଙ୍କୁ କହିଲେ ।

କିଛି ସମୟ ପରେ ଅଜୟ ନିଜର ସମସ୍ତ କାର୍ଯ୍ୟ ଶେଷକରି ଆସିଲେ । ଅଳ୍ପ କିଛି ଆବଶ୍ୟକୀୟ ଜିନିଷ ନିଜର ଗ୍ଲେଟ ଆଟାଚିରେ ସଜାଡ଼ିନେଲେ । ତା'ପରେ ଅଜୟ ଆସି ବସିଲେ ଚୌଧୁରୀଙ୍କ ନିର୍ଦ୍ଦେଶ ଅପେକ୍ଷାରେ । ଚୌଧୁରୀ ଖବରକାଗଜର ଗୋଟିଏ ଅଂଶ ଦେଖାଇ କହିଲେ—

"ଏଇଠି ଗୋଟାଏ ଖବର ବାହାରିଛି, ଦେଖୁଛ ? ତମେ ବମ୍ବେ ଯାଇ ମୋର ସାଙ୍ଗ ମି:ଶ୍ରେତ୍ରାଙ୍କ ସାଙ୍ଗରେ ଦେଖାକରିବ । ତାଙ୍କ ସାଙ୍ଗରେ ମଧ୍ୟ ମୁଁ ବର୍ତ୍ତମାନ ଓ୍ୱାରଲେସରେ କଥାବାର୍ତ୍ତା ହେଇଯିବ, ଯେ କୌଣସି ମତେ ଏଇ ଦ୍ୱିତୀୟ ଜାହାଜଟିକୁ ଦୁ'ତିନି ଦିନ ଡେରି କରେଇଦିଅନ୍ତୁ ବା ସେଥିରେ ଯୋଉ ଯୋଉ ଜିନିଷ ରପ୍ତାନି ହେଉଛି, ସେ ସବୁଥିରୁ ଗୋଟାଏ ଗୋଟାଏ ସାମ୍ପୁଲ ଆଣି ଦିଅନ୍ତୁ;ମୋର ଦରକାର । ପ୍ଲେନ ସମୟ ହେଇଗଲା,ତମେ ଚାଲିଯାଅ । ବିଶେଷ କିଛି କହିବନି । ମୋର ଯାହା କହିବାର କଥା ମୁଁ ତାଙ୍କ ସାଙ୍ଗରେ କଥାବାର୍ତ୍ତା ହେବ ।"

ସେଇ ଅନୁଯାୟୀ ଅଜୟ ଚାଲିଗଲେ । ତାରିଜନି ସେତେବେଳକୁ ତାର ସକାଳର କସରତ ସାରି ନିତ୍ୟକର୍ମ ପରେ ଆସି ବସିଲା । ତାରିଜନକୁ ଦେଖି ଚୌଧୁରୀ କହିଲେ—"ପ୍ରସ୍ତୁତ ହେଇପଡ଼, ଆଜି ଟିକେ ଦୂରକୁ ଯିବାକୁ ପଡ଼ିପାରେ—ତମ ଜାଗାକୁ ।"

"ମୁଁ ତ ସବୁବେଳେ ପ୍ରସ୍ତୁତ ।"

ଚୌଧୁରୀ ଆଉ କିଛି ନିଜର ନିଜର ନିତ୍ୟକର୍ମ ଶେଷ କରିବାକୁ ଉଠିଗଲେ । ଅଳ୍ପ କିଛିକ୍ଷଣ ପରେ ପ୍ରସ୍ତୁତ ହୋଇପଡ଼ି ତାରିଜନକୁ କହିଲେ ଗାଡ଼ି ବାହାର କରିବାକୁ । ଗାଡ଼ିରେ କିଛିବାଟ ଯିବାପରେ ତାରିଜନକୁ ନିର୍ଦ୍ଦେଶ ଦେଲେ କନଓ୍ବାରଙ୍କ କୋଠି ସାମନାରେ ଅଟକିବାକୁ । ଗୋଟିଏ ମିନିଟ୍ ଭିତରେ ଚୌଧୁରୀ କହିବାନୁଯାୟୀ ଗୋଟାଏ ଜିପ୍ ବରାଦ କରିଦେଲେ କନଓ୍ବାର । ବର୍ତ୍ତମାନ ଚୌଧୁରୀ ଗ୍ଲେଟରିୟଙ୍କ ଘରଆଡ଼େ ଆଗେଇଲେ ଏବଂ ତାରିଜନକୁ କହିଲେ କେମିକାଲ ଲାବୋରେଟୋରୀରୁ କେଇଟା ରିପୋର୍ଟ ନେଇ ଯାଇ ଘରେ ଅପେକ୍ଷା

କରିବାକୁ । ସେଇ ଅନୁଯାୟୀ ଉଭୟଙ୍କର ଯାତ୍ରା ଭିନ୍ନ ଭିନ୍ନ ଦିଗକୁ ହେଲା । ଚୌଧୁରୀ କାର ନେଇ ଆଗେଇଲେ ଏବଂ ତାରିଜନ କ୍ଲାପ୍ ଧରି ଆଗେଇଲା ।

କେତେ ସମୟ ପରେ ଚୌଧୁରୀ ଶ୍ରେଷ୍ଠରାୟଙ୍କ ଘରେ ପ୍ରବେଶ କଲେ । ଶୁଣିଲେ ଯେ, ଶ୍ରେଷ୍ଠରାୟ କାର୍ଯ୍ୟବ୍ୟସ୍ତ । ସୁଖେନ୍ଦୁ ଘରେ ନାହାନ୍ତି । ଅଗତ୍ୟା ଅପେକ୍ଷା କରିବାକୁ ପଡ଼ିଲା ଚୌଧୁରୀଙ୍କୁ । ଡ୍ରଇଂରୁମରେ ଅପେକ୍ଷା କରିବା ଭିତରେ ନନ୍ଦିଆକୁ ଦେଖିଲେ । ନନ୍ଦିଆ ଆସି ଗପ କଥା ପଚାରିଲା । ଚୌଧୁରୀ ହଁ ଭରି ତା ସାଙ୍ଗରେ ଆଳାପ କରିବସିଲେ ।

"ଆଚ୍ଛା, ତମ ବାବୁ କୋଉଠି କାଠ କାଟିବା କଣ୍ଟ୍ରାକ୍ଟ ନେଇଛନ୍ତି ।"

ହଠାତ୍ କାହିଁକି ଏ ପ୍ରଶ୍ନ ପାଇଁ ନନ୍ଦିଆ ମୋଟେ ପ୍ରସ୍ତୁତ ନଥିଲା ଭଳି ମନେହେଲା । ଅତି ସହଜଭାବରେ ସେ ଉତ୍ତର ଦେଲା, "କାଇଁ, ମୁଁ ତ ଜାଣିନି, ଆଜ୍ଞା ! ସେ ବିଷୟରେ ବିଶେଷ କିଛି ଆଲୋଚନା ଘରେ ହୁଏନି ତ । ତେଣୁ ଜାଣିବାର ଆଉ ସୁବିଧା ନାହିଁ ।"

ଚୌଧୁରୀ ମଧ୍ୟ କଥାଟା ବୁଝିଗଲେ । ତା'ପରେ ପଚାରିଲେ, "ସୁଖେନ୍ଦୁବାବୁ କେତେବେଳେ ଫେରିବେ ?"

"କହିପାରିବିନି, ଆଜ୍ଞା ! କାଲିଠୁଁ ତ ଯାଇଛନ୍ତି କଣ କହୁଥିଲେ ବାହାରକୁ ଯିବାର ଅଛି । କିନ୍ତୁ କୋଉଠିକି ଯାଇଛନ୍ତି, କହିପାରିବିନି ।"

"ଆଚ୍ଛା, ଶ୍ରେଷ୍ଠରାୟ ସାହେବ ନିଶ୍ଚୟ ଜାଣିଥିବେ ଯେ କୋଉଠି ତାଙ୍କର କାଠ କାଟିବାର ବ୍ୟବସ୍ଥା ଚାଲିଛି, ନୁହେଁ ?

"କେଜାଣି ଆଜ୍ଞା, ଜାଣିଥିବେ । ଅତି ଅଳ୍ପକେ ନନ୍ଦିଆ ଉତ୍ତର ଦେଲା । ତା ପରେ କିଛି ସମୟ ନୀରବ ରହି ଚୌଧୁରୀ ପଚାରିଲେ, "କେତେ ସମୟ ଧରି ପୂଜା କରନ୍ତି ଶ୍ରେଷ୍ଠରାୟ ?" ନନ୍ଦିଆ କହିଲା, "ଅତି କମରେ ଘଣ୍ଟାକରୁ କମ ନୁହେଁ, ଆଉ ସେ ସାଙ୍ଗେ ସାଙ୍ଗେ ଅଫିସ କାମକୁ ଯାଆନ୍ତି । ତେଣୁ କିଛି ଦୃଷ୍ଟିରୁ ଚୌଧୁରୀ ବସିବାକୁ ବାଧ୍ୟ ବୋଲି ପ୍ରକାଶ କଲେ ।

ନନ୍ଦିଆ ଘରର ବହୁଦିନର ବିଶ୍ୱାସୀ ଚାକର, ପ୍ରଭୁଭକ୍ତ । ତେଣୁ ଶୁଭେନ୍ଦୁଙ୍କର ଫେରାର ହେବା ଦିନଠାରୁ ସେ ଏକ ପ୍ରକାର ମ୍ରିୟମାଣ ହୋଇପଡ଼ିଛି । ଆଗ୍ରହ ସମ୍ଭାଳି ନ ପାରି ସେ ପଚାରିଲା ଚୌଧୁରୀଙ୍କୁ—"ଆଜ୍ଞା, ସାନ ସାହେବ ଆଉ କେବେ ଫେରିବେ ?"

ସେମିତ ଗମ୍ଭୀର ହୋଇ ଚୌଧୁରୀ ଉତ୍ତର ଦେଲେ—

"ତମେ କ'ଣ କେବେ ଆଉ ଆଶା ରଖିଚ ସେ ଫେରିବେ ବୋଲି ?"

"କଣ କହିଲେ ଆଜ୍ଞା ?"

"କିଛି ଏଥିରେ କହିବାର ନାହିଁ, ନନ୍ଦଆ ! ଏଇଟା ଗୋଟାଏ ନଗ୍ନ ସତ କଥା, ଏତେଦିନ ଧରି ଯେଉଁ ଶତ୍ରୁ ତାଙ୍କୁ ହରଣଚାଲି କରିନେଇଚି, ସେ କଣ ଆଉ ତାଙ୍କୁ କେବେହେଲେ ଏ ପର୍ଯ୍ୟନ୍ତ ଜୀଆଇଁ ରଖିଥିବ ?"

"ଏଁ, ଆପଣ କଣ କହୁଚନ୍ତି, ଆଜ୍ଞା", ଏତିକ କହିଲାପରେ ନନ୍ଦଆର ମୁଣ୍ଡ କଣ ହେଇଗଲା, ଆଖି ବୁଜି ହେଇଗଲା ଭଳି ଲାଗିଲା । ସେ ଟୋପାଏ ପାଣି ପିଇ ସଯତ ହେଇ ଆସିବାକୁ ଭିତରକୁ ଚାଲିଗଲା । କେଇଟି ମୁହୂର୍ତ୍ତ ପରେ ଫେରିଆସି କହିଲା—

"ଏ ପର୍ଯ୍ୟନ୍ତ ବୁଢ଼ା ସାହେବ ବାହାରି ନାହାନ୍ତି ନ ହେଲେ ତାଙ୍କୁ କହି ଆଆନ୍ତି ।"

ଚୌଧୁରୀ ଏଇ କଥାରେ ନନ୍ଦଆକୁ ମନା କଲେ—

"ନା ନନ୍ଦଆ, ତମେ ସେ କଥା କୁହନି ଗ୍ରେଟରେସ୍ ସାହେବଙ୍କୁ । କାହିଁକି ନା, ସେ ହାର୍ଟଫେଲ କରିପାରନ୍ତି । ଆଚ୍ଛା, କୁହତ, ସେ ତାଙ୍କର ବାପା ଭାଇ ବୋଲି ଅଧୈର୍ଯ୍ୟ ହୋଇପାରନ୍ତି । କିନ୍ତୁ ତମେ ଓ ମୁଁ, ଆମେ ପର ଲୋକ ହିସାବରେ ବାହାରୁ କଣ ଖାବପାରୁଚୁ ? ନିଶ୍ଚିତ କଥା ଯେ—ସେମାନେ ଆଉ ଜୀବନରେ ନାହାନ୍ତି । ତା ଛଡ଼ା, ଯିଏ ତାଙ୍କୁ ନେଇଛି, ଆଜଯାକେ ମାରି ନ ଥିବ କାହିଁକି ? ତଥାପି ଏ କାର୍ଯ୍ୟ କରିବାକୁ ପଡ଼ୁଚି କେବଳ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଆଉ ଗ୍ରେଟରେସ୍ଙ୍କ ମନ ବୁଝେଇବାକୁ ।"

"ଏଇଟା କ'ଣ ତା' ହେଲେ ପୁଲିସ ବିଭାଗର ମତ ?"

"କହୋ, ପୁଲିସ ବିଭାଗର ଆଉ କ'ଣ ? ମୁଁ ତ ସେଇ ରିପୋର୍ଟ ଦେଇସାରିଚି ଯେ ଆଉ ଖୋଜିବାର କିଛି ମାନେ ହୁଏନା ।"

ପୁଣି ନନ୍ଦଆ ତା ଅଳ୍ପ ବୁଦ୍ଧିରେ ପଚାରିଲା—

"ଆଜ୍ଞା, ପୁଲିସ କ'ଣ କିଛି କରିପାରନ୍ତା ନାହିଁ ଚେଷ୍ଟା କଲେ ?" ହସିଲେ ଚୌଧୁରୀ ଏଇ କଥାରେ । ତାଙ୍କୁ କେମିତିଆ ନାପସନ୍ଦ ଲାଗିଲା କଥାଟା । କହିଲେ—

"ଆମେ ନିଜେ ପୁଲିସ ଲୋକ ବୋଲି ଗର୍ବ ଅନୁଭବ କରୁ । କିନ୍ତୁ ଯୋଉ ଶତ୍ରୁ ଆମ ସମସ୍ତଙ୍କର ଉପସ୍ଥିତିକୁ ଫାଙ୍କି ଦେଇ ଆଖି ସାମନାରେ ଡକ୍ଟର ଅମାସଙ୍କୁ

ଖୁନ୍ କଲୁ, ତାର ପୁଲିସ କଣ କରିପାରିବ ? ସେଥିପାଇଁ ମୋର ବ୍ୟକ୍ତିଗତ ମତ ହେଲା, ମୁଁ ଆଉ ସେଥିରେ ପଶିବାକୁ ଚାହେଁନା । କାରଣ, ଅତି ମାରାତ୍ମକ ଏଇ ବର୍ତ୍ତମାନର ପରିସ୍ଥିତି । ଖାଲି ଏ ଚାକିରି ଛାଡ଼ିଦେବି, ଆଉ କଣ୍ଟ୍ରାକ୍ଟରି କରିବି । ସୁରେନ୍ଦ୍ରବାବୁଙ୍କ ସାଙ୍ଗରେ ଟିକେ ଦେଖା ହେଲେ ସେଇ ସମ୍ବନ୍ଧରେ ଆଲୋଚନା କରିବି ।"

"ଖୁବ ଭଲ ହବ, ଆଜ୍ଞା, ଆପଣ ବାବୁଙ୍କଠଉଁ ଗୋଟାଏ ମାଇନସ୍ ନେଇ କିଛି କରୁନାହାନ୍ତି, ଆଜ୍ଞା !"

"ଏ ବିଷୟରେ ତମେ କିନ୍ତୁ କିଛି ବୁଢ଼ାବାବୁଙ୍କୁ କହିବନି । ତମେ ସୁରେନ୍ଦ୍ରବାବୁଙ୍କର ବିଶ୍ୱସ୍ତ ବୋଲି ମୁଁ ତମକୁ କହିଲି ।"

ନିତିଆ ମୁଣ୍ଡ କୁଣ୍ଡେଇ କୃତକୃତ୍ୟ ହେଲା । ନିତିଆକୁ ପୁଣି ପଚାରିଲେ ଚୌଧୁରୀ ପୂଜା ସରିଲାଣି କି ବୋଲି । କିନ୍ତୁ ନିତିଆ ମନାକଲା ; ଆଉ ଚା' ଆଣିବାକୁ ଭିତରକୁ ଗଲା ।

ଏଇ ସମୟରେ ହଠାତ୍ ଆସି ପହଞ୍ଚିଗଲେ ସୁଖେନ୍ଦୁ । ତାଙ୍କୁ ଦେଖି ଅତିମାତ୍ରାରେ ଖୁସି ହୋଇଗଲେ ମି: ଚୌଧୁରୀ । ଅଳ୍ପ କେତେକ ସାଧାରଣ ଆଲୋଚନା ପରେ ଚୌଧୁରୀ ତାଙ୍କ ବ୍ୟବସାୟ ମନୋବୃତ୍ତି ପ୍ରକାଶ କଲେ । ଆଜି ସେଇ କାଠ କଣ୍ଟ୍ରାକ୍ଟରି ଦେଖିବାକୁ ଚାହିଁଲେ । ସୁଖେନ୍ଦୁ ମଧ୍ୟ ଏଇ କଥାରେ ରାଜି ହୋଇଗଲେ । ଚୌଧୁରୀ ଜଙ୍ଗଲ ଦେଖିବାକୁ ଯିବେ । ସେଇ ଅନୁଯାୟୀ କଥାବାର୍ତ୍ତା ଓ ସମୟ ନିର୍ଦ୍ଧାରିତ ହୋଇଗଲା । ସୁଖେନ୍ଦୁ କଥାଛଳରେ ସ୍ପଷ୍ଟ କରିଦେଲେ ଯେ, ସେ ରାସ୍ତାରେ କାର ଯିବା ଅସମ୍ଭବ । ତେଣୁ ଜିପ୍ ପଠେଇବେ ବୋଲି ସେ କହିବାରେ ଚୌଧୁରୀ ବାଧାଦେଲେ ଓ ନିଜେ ଜିପ୍ ଆଣି ସେ ଯିବେ ବୋଲି କହିଲେ ।

"କିନ୍ତୁ ଆପଣ ସେ ଜିପର ନମ୍ବରଟା ମତେ କୁହନ୍ତୁ । ସେଇ ଅନୁଯାୟୀ ମୁଁ ପାସ ଅର୍ଡ଼ର କରେଇଥିବି । ନ ହେଲେ ଚେକଗେଟରେ ଆପଣଙ୍କୁ ଛାଡ଼ିବ ନାହିଁ—" କହିଲେ ସୁଖେନ୍ଦୁ ।

ଚୌଧୁରୀ ତାରକନ ନେଇଯାଇଥିବା ଜିପ୍ ନମ୍ବରଟିକୁ କହିଦେଲେ । ସୁଖେନ୍ଦୁ ତାକୁ ନୋଟ କରିନେଇ ପ୍ରସ୍ତାବ କଲେ, ଠିକ ଦିନ ୩ଟା ବେଳକୁ ସେଠି ପହଞ୍ଚିବାକୁ । କାରଣ ସେଠାକାର ସବୁଆଡ଼ ବୁଲି ରାତିରେ ଭୋଜନ ଖାଇ

ଫେରିବେ । ଚୌଧୁରୀ ମଧ୍ୟ ରାଜି ହୋଇଗଲେ ପ୍ରସ୍ତାବରେ । ତା'ପରେ ସୁଖେନ୍ଦୁ ଚୌଧୁରୀଙ୍କଠାରୁ ବିଦାୟ ନେଇ ଭିତରକୁ ଗଲେ ନିଜର ନିତ୍ୟକର୍ମ ଶେଷ କରିବାକୁ । ଅଜ୍ଞାବହ ନିତିଆ ମଧ୍ୟ ସୁଖେନ୍ଦୁଙ୍କ ସାଙ୍ଗରେ ଗଲା ଭିତରକୁ । କିଛି ସମୟ ପରେ ଗ୍ରେଟରାୟ ଆସିଲେ । ଚୌଧୁରୀଙ୍କୁ ଦେଖି ଖୁସି ହୋଇଗଲେ ।

"ଆପଣଙ୍କର ମୋ ସକାଶେ ଆଜି ଜଲଦି ପୂଜା ସରିଗଲା ?'' କହିଲେ ଚୌଧୁରୀ ।

''କାହିଁ, ନା ତ

''ହୁଁ, ମତେ ନିତିଆ କହିଲା ଆପଣ ବର୍ତ୍ତମାନ ପୂଜାକୁ ଯାଇଚନ୍ତି ଆଉ ଅଧ ଘଣ୍ଟାଏ ବସିବେ ବୋଲି ।"

''ଆଶ୍ଚର୍ଯ୍ୟ କଥା ! କେବେ ତ ମୁଁ ଘଣ୍ଟାଏ ପୂଜା କରିନି । ମୂର୍ଖଗୁଡ଼ାଙ୍କର କଣ ବୁଦ୍ଧିସୁଦ୍ଧି ଅଛି । ମୁଁ ବରଂ ଏପାଖ ସେପାଖ ହଉଚି ଭିତରେ—ରୀ ଜଳଖିଆର ଫର୍ମାସି କରୁଚି । କିନ୍ତୁ ଆପଣ କେତେବେଳେ ଆସିଲେ ମୁଁ ଜାଣିନି ।"

ଏଇ କଥା ଶୁଣିବା ପରେ ମନେ ମନେ ଟିକେ ଖୁସି ହେଲେ ଚୌଧୁରୀ । କାରଣ ସେ ଠିକ୍ ଏଇଆ ହୋଇଥିବ ବୋଲି ଆଶା କରୁଥିଲେ । କିଛି ଆଉ ସାମାନ୍ୟ ଆଲାପ ପରେ ବିଦାୟ ନେଇ ଉଠିଲେ ସେଠୁ ।

ଫେରିବା ବାଟରେ କିଛି ଦୂର ଆସିବା ପରେ ଟେଲିଫୋନ ଏକ୍ସଚେଞ୍ଜ ଭିତରକୁ ଗଲେ ଚୌଧୁରୀ ଏବଂ କ'ଣ ଖଣ୍ଡେ ଗ୍ରେଟ କାଗଜ ଧରି ଫେରିଆସିଲେ । ଯାଇ ପହଞ୍ଚିଲେ ନିଜ କ୍ୱାର୍ଟରରେ । ସେତେବେଳକୁ ତାରଜନ ଅପେକ୍ଷା କରୁଥାଏ । ଚୌଧୁରୀ ସାଙ୍ଗେ ସାଙ୍ଗେ ତାରଜନକୁ ଅପରାହ୍ଣର କାର୍ଯ୍ୟକ୍ରମ ସଂକ୍ଷେପରେ କହି ସେଇ ଅନୁଯାୟୀ ପ୍ରସ୍ତୁତ ରହିବାକୁ ଆଲୋଚନା କରିବା ଆରମ୍ଭ କଲେ । କିଛି ସମୟ ପରେ ଓ୍ୱାରଲେସରେ ବମ୍ବେ ସାଙ୍ଗରେ ଯାହା କଥାବାର୍ତ୍ତା କରିବା କଥା, ସେତକ ସାରିଦେଇ ମଧ୍ୟାହ୍ନ-ଭୋଜନ ପରେ ଜିପଗାଡ଼ି ଧରି ଚୌଧୁରୀ ଓ ତାରଜନ ଯାତ୍ରା ଆରମ୍ଭ କଲେ । ପ୍ରାୟ ଦୁଇଘଣ୍ଟା ଲାଗିବ ଯିବାକୁ । କାରଣ ମଝିରେ ବିରାଟ ବଡ଼ ଘାଟ ରୋଡ଼ଟା । ତିନିଟା ବେଳେ ଯାଇ ପହଞ୍ଚିବାକୁ ପଡ଼ିବ । ତାରଜନ ଗାଡ଼ିରେ ଷ୍ଟାର୍ଟ ଦେଲା ।

ପ୍ରାୟ ତିନିଟା ସୁଦ୍ଧା ସେମାନେ ସେଇ ନିଘଞ୍ଚ ଜଙ୍ଗଲ ପାଖାପାଖି ପହଞ୍ଚିଗଲେ । ସେଇ ଜଙ୍ଗଲର ମୋଡ଼ ପାଖରେ ବାଟରେ ଗୋଟାଏ ଚେକ୍‌ଗେଟ । ଗାଡ଼ି ନମ୍ବର

ଦେଖି ଖୋଲିଦେଲି ଜଗୁଆଳି । ଗାଡ଼ି ଭିତରକୁ ଗଲି । କିଛିବାଟ ଗଲାପରେ ଭିତରୁ କଳ ଚାଲୁଥିବାର ଶବ୍ଦ ବାରି ସେଇ ଆଡ଼କୁ ଆଗେଇଲେ । ଆଗରେ ଦେଖାଗଲା ଲୋକମାନେ କାମ କରୁଥିବାର । ଦୂରରୁ ସୁଖେନ୍ଦୁ ଏ ଦୁହିଁଙ୍କୁ ଦେଖି ପାଖେଇ ନେବାକୁ ଆସିଲେ । ତାପରେ ତାଙ୍କୁ ନେଇ ବିଦେଶୀୟ ସାହେବଙ୍କ ସାଙ୍ଗରେ ପରିଚୟ କରାଇ କହିଲେ—

"ଏଇ ମହାଶୟ ନେଇଚନ୍ତି ଏ ପୂରା ଜଙ୍ଗଲର ଅର୍ଡ଼ର । ଆମେ ତାଙ୍କୁ କେବଳ ସାହାଯ୍ୟ କରୁଛୁ । ଭାରତୀୟ କାଠର ଏକ ବିଶେଷତ୍ୱ ସେ ଲକ୍ଷ୍ୟ କରିଛନ୍ତି । ଫେଣ୍ଡ ପ୍ରଚୁର ପରିମାଣରେ ସେ କାଠ ସେ ବିଦେଶକୁ ନେବାକୁ ଚାହାନ୍ତି ।"

ଚୌଧୁରୀ ମଧ୍ୟ ସାହେବବନ୍ଧୁଙ୍କ ସହିତ ପରିଚୟର ଆଦାନପ୍ରଦାନ ପରେ ଖୁବ୍ ବେଶି ଘନିଷ୍ଠ ହୋଇଉଠିଲେ ଏବଂ ନିଜେ ସେ ସମସ୍ତ ସ୍ଥାନ ବୁଲାଇ ଦେଖାଇଲେ । ଚୌଧୁରୀ ଆଶ୍ଚର୍ଯ୍ୟ ହେଲେ ଯେ, ଏତେ ନିଘଞ୍ଚଜଙ୍ଗଲ ଭିତରେ ଏତେଗୁଡ଼ାଏ ମେସିନ ଆସି ରହିପାରିଚି ଏବଂ ଏଡ଼େ ବଡ଼ ଗୋଟାଏ ଯୋଜନା କାର୍ଯ୍ୟ ଆରମ୍ଭ ହୋଇପାରିଚି । ସେ ମେସିନଗୁଡ଼ିକ ମଧ୍ୟରୁ ଅଧିକାଂଶ ଡ଼ିଜେଲ-ଚାଳିତ ଭଳି ଜଣାଗଲା । ଭିନ୍ନ ଭିନ୍ନ କାଠକଟା ମେସିନ ସବୁ ଦେଖି ଚୌଧୁରୀ ବହୁ ପରିମାଣରେ ଆନନ୍ଦିତ ହେଲେ । ହୁଏତ ଏତେ ପ୍ରକାରର ମେସିନ ସେ କେବେ ଜୀବନରେ ଦେଖି ନ ଥିଲେ ବୋଲି ସବୁ ମେସିନକୁ ଭଲଭାବରେ ଦେଖୁଥାନ୍ତି । ପରିଶେଷରେ ଗୋଟାଏ ବଡ଼ ମେସିନ ସେଠି ଥୁଆ ହୋଇଥାଏ, ଯାହାକୁ ଦେଖି ସେଇଟାର କାର୍ଯ୍ୟ କଣ ବୋଲି ପଚାରିଲେ ।

ସୁଖେନ୍ଦୁ ଓ ତାଙ୍କ ବିଦେଶୀ ବନ୍ଧୁ ଦୁହେଁ ମିଶି ଚୌଧୁରୀଙ୍କୁ ବୁଝେଇଲେ ଯେ, ସେ ମେସିନଟା ବଡ଼ ବଡ଼ କାଠ ଲଗରେ ଉପର କରି ନମ୍ବର ଲେଖିବାକୁ । କେଜାଣି କାହିଁକି ସେଇ ଯନ୍ତ୍ରଟିକୁ ଚୌଧୁରୀ ବେଶି ପରିମାଣରେ ଲକ୍ଷ୍ୟ କଲେ । ତା ପରେ ସେ ସେଠାକାର ଷ୍ଟୋର ଦେଖି ଆଶ୍ଚର୍ଯ୍ୟ ହେଲେ । ବିରାଟ ବଡ଼ ବଡ଼ ଶାଳ ପିଆଶାଳ ପ୍ରଭୃତି ଗଛ ପର୍ବତ ଉଚ୍ଚର ଏକ ସାଇଜ ହୋଇ କଟାହୋଇ ଗଦା ହୋଇଚି । ସେଗୁଡ଼ିକ ସବୁ ବାହାରକୁ ପଠାଯିବ ଜାହାଜରେ । ତାରିଜନ ମଧ୍ୟ ନିଜକୁ ବିଶ୍ୱାସ କରିପାରିଲେନି, କାଠ କାଟିବା ପାଇଁ ଏତେ ଯନ୍ତ୍ର ଅଛି ? ବଣ ଜଙ୍ଗଲରେ ବଢ଼ିଲା ଜୀବ ସେ । ହେଲେ ତାର ଇଚ୍ଛା ହେଉଥାଏ ସେ କାଠଗୁଡ଼ାକ ଧରି ଫୋପଡ଼ା କଚଡ଼ା କରିବ । କିନ୍ତୁ ଭଦ୍ରତା ଦୃଷ୍ଟିରୁ କିଛି କରିପାରୁ ନ ଥାଏ ।

ଇଆଡ଼େ 'ଚୌଧୁରୀ ଘର ମନୋଯୋଗସହକାରେ ସବୁ ଦେଖିଲାବେଳକୁ ତାରଜନର ମନେପଡ଼ିଗଲା କେମିତି ଶାଳପିଆଶାଳ ଗଛଗୁଡ଼ାକ ଉପାଡ଼ିଧରି ସେ ବାଡ଼ି ଭଳି ବୁଲାଏ । ବର୍ତ୍ତମାନ ଆଉ ସେଇ ବଳ ଅଛି କି ନା ଏଇଆ ଖୁବ ପରୀକ୍ଷା କରିବାକୁ ତାରଜନ ଆସି ସେଇ କାଠଗୁଡ଼ାକ ଜମା ହୋଇଥିବା ଜାଗାରେ ଠିଆହୋଇ ଗୋଟାଏ ଖୁବ୍ ବଡ଼ ମୋଟାକାଠ ଉଠାଇବାକୁ ଚେଷ୍ଟା କଲା । କିନ୍ତୁ, ସେ ଆଶ୍ଚର୍ଯ୍ୟ ହେଲା ଯେ, ଏତେ ସହଜରେ ଏତେ ବଡ଼ କାଠଟା କେମିତି ଉଠିଗଲା । କ'ଣ ଭାବି ତାକୁ ଠିକ୍ ଗ୍ରେଟ ହାତବାଡ଼ି ଭଳି ଖୁବ୍ ଜୋରରେ ବୁଲେଇ ବହୁତ ଦୂରକୁ ଫିଙ୍ଗିଦେଲା । ସେଇଟା କୁଆଡ଼େ ଯେ ଯାଇ ପଡ଼ିଲା ତା'ର କିଛି ପତ୍ତା ନାହିଁ । କିନ୍ତୁ ସେ ଲକ୍ଷ୍ୟ କଲା ଯେ, ଜଣେ କେହି ପଛରୁ ଖୁବ୍ ଜୋରରେ ଧାଇଁ ଆସୁଥିଲା ତାକୁ ମନା କରିବାକୁ, ସେ କାଠ ଫୋପାଡ଼ିବା ପାଇଁ । କିନ୍ତୁ ସେ ଆସିବ ଆଗରୁ ତାରଜନ ଫୋପାଡ଼ି ସାରିଥିଲା ।

ସବୁ ବୁଲିସାରିଲାବେଳକୁ ପ୍ରାୟ ସନ୍ଧ୍ୟା ହୋଇଯାଇଥାଏ । ରାତି ଭୋଜନର ଆୟୋଜନ ହେଲା । ଠିକ୍ ତା ପୂର୍ବରୁ କଣ ଏମିତି କଥା ପଡ଼ୁ ପଡ଼ୁ ତାରଜନର ବଳ କଥା ପଡ଼ିଲା । ଚୌଧୁରୀ ରଗେଇବାପାଇଁ ଚଢ଼େଇ କହିଦେଲେ ତାରଜନର ପ୍ରକୃତରେ ବିଶେଷ ଜୋର ନାହିଁ । କେବେ ଅଭ୍ୟାସରେ ଥିଲା । ହଠାତ୍ ତାରଜନ ଫୁତ୍କାର ଗୁଡ଼ା ଉଠିଲା କହିଲେ ଚଳେ । ତାକୁ ଆଉ ଟିକେ ମତେଇ-ଦବାକୁ ଚୌଧୁରୀ କହିଲେ—

"କଣ ତମେ ଏମିତି ଯୋଉସବୁ କାଠ କଟା ହୋଇ ଅଛି ତାକୁ ଉଠାଇପାରୁଚ ?"

ତାରଜନ ଏଇ କଥାରେ ହୋ-ହୋ ହୋଇ ହସିଉଠି କହିଲା ତାର କିଛି ସମୟ ପୂର୍ବର ଘଟଣା—

"ଗୋଟାଏ ଗଛ ଫୋପାଡ଼ିଦେଲି ଯେ ଯାଇ ମାଇଲିଏ ବାଟରେ ପଡ଼ିଛି କି କଣ ?"

ଏକଥା କିନ୍ତୁ ଚୌଧୁରୀ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି । ସତେ କଣ ମାଇଲିଏ ଚାଲିଯିବ ? ଏଇ ଜିଦ୍ ଉପରେ ଉଭୟ ଚାଲିଗଲେ କେତେ ବାଟରେ ସେ ଗଛ ପଡ଼ିଚି ଦେଖିବାକୁ । ସାଙ୍ଗରେ ମଧ୍ୟ ଆଉ ଜଣେ ଦେଖିବାକୁ ବାହାରିଲା— ସେ ହେଲା କିଡ଼ଥା । ସେଦିନ ଚୌଧୁରୀ ଆସିବେ ବୋଲି ସେ ମଧ୍ୟ ତାଙ୍କର ତଦାରଖ କରିବାକୁ ଘରୁ ଚାଲିଆସିଚି । ତିନହେଁ ଯାଉ ଯାଉ ତାରଜନକୁ କଣ

ଇସାରା ଦେଲେ ଚୌଧୁରୀ, ତାରଜନ ବୁଝିଲା । ହଠାତ୍ ଗୋଟିଏ ଜାଗାରେ ଆଖିରେ କଣ ପୋକ ପଶିଲା ବୋଲି ଚୌଧୁରୀ ବସିପଡ଼ିଲେ । ନିଛଥା ପୋକ ଦେଖିବାର ଉପକ୍ରମ କଲା । ଏହି ଅବସରରେ ତାରଜନ ଗୋଟାଏ ଗଛ ଉପରକୁ ଚଢ଼ିଯିବା ବାହାନାରେ ଯାଇ ପକେଟରୁ ଖୁବ୍ ଶକ୍ତିଶାଳୀ ଦୁର୍ବିନରେ ଦେଖିପକେଇଲା ଯେ, ଦୂରରେ ସେ କାଠ ଗଛଟିକୁ ଆଉ ଦୁଇତିନି ଜଣ ବୋହିନେଇ ଯାଉଛନ୍ତି । ସେଇଟା ପଡ଼ି ଦୁଇଫାଳ ହୋଇଯାଇଛି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା; ସେ ଦେଖିଲା ଯେ ସେ କାଠ ଗଣ୍ଡିଟାର ଭିତରଟା ଏକବାରେ ଫମ୍ପା । ତା ନ ହେଲେ ଏତେ ହାଲୁକା ହୋଇ ନ ଥାନ୍ତା, ବା ଏମିତି ଭାଙ୍ଗିଯାଇ ନ ଥାନ୍ତା ତିନି ଗଡ଼ ହୋଇ । ସାଙ୍ଗେ ସାଙ୍ଗେ ଦୁର୍ବିନ ପୁଣି ପକେଟରେ ରଖି ସେ ଓହ୍ଲେଇ ଆସିଲା । ସେତେବେଳକୁ ପ୍ରାୟତଃ ଚୌଧୁରୀ ଆଶ୍ୱସ୍ତ ହୋଇଥାନ୍ତି । ପୁଣି ସମସ୍ତେ ଆଗେଇଲେ, କିନ୍ତୁ ବିଶେଷ କିଛି ଫଳ ହେଲାନି । ସେଇଟା କୋଉଠି ପଡ଼ିଛି ବା କଣ ହୋଇଛି, ତାର ସନ୍ଧ କେହି ପାଇଲେନି; ତିନିହେଁ ଫେରିଲେ ।

ରାତିର ଭୋଜନ ପରେ ତାରଜନ ଆଉ ଚୌଧୁରୀ ବିଦାୟ ନେଇ ଗାଡ଼ିରେ ବସିଲେ । ପୁଣି ଗାଡ଼ି ଷ୍ଟାର୍ଟ କଲା ତାରଜନ । କିଛି ବାଟ ଆସିବା ପରେ ସେଇ ଘାଟରୋଡ଼, ଅତି ବିପଦସଙ୍କୁଳ ରାସ୍ତାଟା, ଭୀଷଣ ଗଡ଼ାଣି, ଟିକେ ଏପାଖ ସେପାଖ ହେଲେ ଗାଡ଼ି ଯାଇଁ କେତେ ହଜାର ଫୁଟ ତଳେ ସମାଧି ପାଇବ । କିଛିବାଟ ଗଲାପରେ ହଠାତ୍ ତାରଜନ ଶୁଣିପାରିଲା, ପଛଆଡ଼ୁ ଆଉ ଗୋଟାଏ କଣ ଆସିବାର ଶବ୍ଦ । ସେ ଶବ୍ଦରୁ ତାରଜନ ବୁଝିଲା ଯେ, ବେଶି କିଛି ଦୂରରେ ଥିଲେ ମଧ୍ୟ ଭୀଷଣ ଗତିରେ ଗାଡ଼ିଟା ଆସୁଛି ଏବଂ ନିଶ୍ଚୟ ଭାବରେ ତାହା ଏକ ବଡ଼ ଗାଡ଼ି । ଉଭୟଙ୍କ ମୁଣ୍ଡକୁ କୌଣସି ବୁଦ୍ଧି ଦେଖାଗଲାନି, କଣ ଉଦ୍ଦେଶ୍ୟ ହୋଇପାରେ ତାର । ହୁଏତ ଏମିତି କି ଧରିନିଆଯାଇପାରନ୍ତା ଯେ, କୌଣସି ଟ୍ରକ ମାଲ ବୋଝେଇକରି ଫେରୁଛି । କିନ୍ତୁ ଏତେ ଦ୍ରୁତଗତିରେ ଏ ରାସ୍ତାରେ ଯିବା ସମ୍ଭବ ନୁହେଁ । ହଠାତ୍ କିଛି ନ ପାଇ ତାରଜନ ଆହୁରି ବେଗ ବଢ଼ାଇଲା ନିଜ ଗାଡ଼ିର; କିନ୍ତୁ ଗାଡ଼ିର ବେଗ ବଢ଼ାଇବା ସମ୍ଭବ ନୁହେଁ । ତଥାପି ଯେତେ ସମ୍ଭବ ସେ ଆଗେଇଲା । ତାପରେ କିଛିବାଟ ସିଧା ଗଡ଼ାଣି ରାସ୍ତାଟି ଯେଉଁ ଜାଗାରେ ଷ୍ଟିଅରିଂ ଆଉ ଧରିବା ଦରକାର ପଡ଼େ ନାହିଁ । ଏକବାରେ ନାକସିଧା ରାସ୍ତା । ତାର କିଛିବାଟ ଆଗରୁ ସେ ଚୌଧୁରୀଙ୍କୁ ନିର୍ଦ୍ଦେଶ ଦେଲା ଗାଡ଼ିରୁ ଓହ୍ଲାଇଯାଇ

ଆତ୍ମଗୋପନ କରିବାକୁ । ସେଇଆ ହେଲା । ଚୌଧୁରୀ ଗୋଟାଏ ଗୁଆଁରେ ଯାଇ କୋଉଠି ଜଙ୍ଗଲ ଭିତରେ ଲୁଚିଗଲେ । ତା ପରେ ପୁଣି କିଛି ବାଟ ଗାଡ଼ି ଷ୍ଟାର୍ଟ କରି ତାରଜନ ଆଗେଇଲା ପରେ ତାର ମୁଣ୍ଡକୁ ଗୋଟାଏ ବୁଦ୍ଧି ଦିଶିଲା । ସେଇ ନାକସିଧା ଗଡ଼ାଣି ରାସ୍ତା ପାଖରେ ପହଞ୍ଚିବା ମାତ୍ରେ ତାକୁ ଜଣାଗଲା ଯେ ଅତି ପାଖରେ ସେ ଗାଡ଼ିଟା । ସାଙ୍ଗେ ସାଙ୍ଗେ ବାହାରୁ ଖଣ୍ଡେ ପଥର ଆଣି ଗାଡ଼ି ଷ୍ଟାର୍ଟ କରି ଏକସିଲେଟର ଉପରେ ଅତି ଅଳ୍ପ ଚାପ ଦେଲାଭଳି ରଖିଦେଲା । ଗାଡ଼ିକୁ ଫାଷ୍ଟ ଗିଅରରେ ରଖିଦେଇ ଅତି କମ୍ ସ୍ପିଡ୍‌ରେ ଗାଡ଼ିକୁ ଗଡ଼େଇବା ଆରମ୍ଭ କଲା । ପକେଟରୁ ଗୋଟାଏ ଦଉଡ଼ି ବାହାର କରି ଷ୍ଟିଅରିଂଟାକୁ ଜିପର ବାଡ଼ରେ ବାନ୍ଧିଦେଲା, ଯେମିତି ଷ୍ଟିଅରିଂ ଆଉ ମୋଟେ ବୁଲି ଯିବନି କି ଗାଡ଼ି ମୋଟେ ମୋଡ଼ି ହେବନି । ସେ ଶୁଣିପାରିଲା, ପଛଗାଡ଼ି ଆସିଯାଇଚି ଖୁବ୍ ପାଖକୁ । ଜିପଟା ଗଡ଼ିବା ମାତ୍ରେ ଜୀବନ ବିକଳରେ ଗାଡ଼ି ବାହାରକୁ ଆସି ଗୋଟାଏ ଗ୍ରେଟବୁଦା ଦେଖି ତାରି ଉପରକୁ ଡେଇଁପଡ଼ିଲା । ଖୁବ୍ ଶୀଘ୍ର ନିଜକୁ ଆୟତ୍ତ କରି ସେ ଗୋଟାଏ ଗଛ ଉପରକୁ ଚଢ଼ିଗଲା । ଆଉ ବାଇନୋକୁଲାରରେ ଦେଖିଲା—

ଜିପ୍‌ଟା ଠିକ୍ ସେଇ ଅନୁଯାୟୀ ଆସ୍ତେ ଆସ୍ତେ ଗଡ଼ି ଚାଲିଚି । ହଠାତ୍ ଆଖିପିଛୁଳାକେ ପଛଗାଡ଼ି ଆସି ପହଞ୍ଚି ତାରଜନକୁ ଟପିଗଲା, ଆଉ ସେ ଗାଡ଼ି ଗଡ଼ୁଥିବାର ଦେଖି ଭୀଷଣ ବେଗରେ ଗତି ବଢ଼ାଇଲା । ଏଭଳି ଦୃଶ୍ୟ ଦେଖି ତାରଜନର ଲୁମ ଟାଙ୍କରି ଉଠିଲା । ପଛ ଗାଡ଼ିଟା ଗୋଟାଏ ଡମ୍ପରଟାଏ । ଭୀଷଣ ଆକାରର ଗାଡ଼ିଟା ଆଖିପିଛୁଳାକେ ଗଡ଼ିଗଲା । ଆଉ ଚାହୁଁ ଚାହୁଁ ତାରଜନ ଦେଖିଲା, ଗାଡ଼ିଟା ଯାଇ ଜିପଟାକୁ ଏକ ଧକ୍କା ମାରିଲା ଯେ ଜିପଟା ପୁରାପୁରି ଚେପାହେଇ ସିଧା କଡ଼ର ସେ ଗଭୀର ଗହ୍ୱରକୁ ଖସିପଡ଼ିଲା । ନିଜର ଅବସ୍ଥା କଥା ତାରଜନ ବର୍ତ୍ତମାନ କଳ୍ପନା କରୁଥିଲା । ଜିପଟା ନିଶ୍ଚୟ ଚୂନା ହେଇଯାଇଥିବ । ଆଉ କିଛି ବାଟ ଗଲାପରେ ଡମ୍ପରଟା ପୁଣି ପଛକୁ ଗିଅର ଦେଇ ଫେରିଆସିଲା । ଏତେ ଦୁଃଖ ଭିତରେ ବି ତାରଜନ ଟିକେ ହସିଲା—ଦୁଇଟା ବଡ଼ ଶିକାରୀଙ୍କୁ ନିଶ୍ଚିହ୍ନ କରିଦେଇଥିବା ଗର୍ବରେ ଗର୍ବିତ ହେଇ କେଡ଼େ ଖୁସିରେ ଦସ୍ୟୁଦଳର ଅସ୍ତ୍ରଟା ଫେରୁଚି । ତାର ହଠାତ୍ ରାଗ ହେଲା ଆଉ ଇଚ୍ଛା ହେଲା, ଗୋଟାଏ ଖେପାରେ ଯାଇ ସେଇ ଡମ୍ପର ଉପରେ ବସିପଡ଼ି କେଇଜଣ ସେଥିରେ ଅଛନ୍ତି ତାଙ୍କୁ ଗୋଟିଏ ଗୋଟିଏ ଚଟକଣା ମାରି ତାଙ୍କର ଶକ୍ତି ପରୀକ୍ଷା କରନ୍ତା । ଅବଶ୍ୟ ଏକା ଥିଲେ ସେ ହୁଏ ତ ତାହା କରିପାରିଥାନ୍ତା; କିନ୍ତୁ ଚୌଧୁରୀ ଅଛନ୍ତି । ଆଉ

ବର୍ତ୍ତମାନ ବୁଦ୍ଧିର ପରୀକ୍ଷା ଚାଲିଥିଲାବେଳେ ଶକ୍ତିର ପରୀକ୍ଷା କରିବାର ସମୟ ଆସିନି ।

ଏଣେ ଚୌଧୁରୀ ମଧ୍ୟ ବ୍ୟସ୍ତ ହୋଇଉଠିଲେଣି । କାରଣ ତାଙ୍କୁ ଛାଡ଼ିଦେଇ ଆଗକୁ ଯାଇଚି ତାରଜନ । ବିଶାଳକାୟ ଗାଡ଼ିଟାକୁ ମଧ୍ୟ ସେ ଦେଖିଲେ ଏବଂ କିଛି ସମୟ ପରେ ଗୋଟାଏ ଧକ୍କା ଦବାର ଶବ୍ଦ ନିସ୍ତବ୍ଧ ବଣଭୂଇଁକୁ ଯେତେବେଳେ ଥରାଇଦେଲା, ସେତେବେଳେ କିଛି ବୁଝି ନ ପାରି ଚୌଧୁରୀ ଶିହରି ଉଠିଥିଲେ । ତା'ପରେ ଡମ୍ପରଟା ଯେତେବେଳେ ଫେରି ଚାଲିଗଲା, ସେତେବେଳେ ସେ ଆହୁରି ବିସ୍ମିତ ହୋଇପଡ଼ିଲେ । ତାରଜନ ସକାଶେ ବଡ଼ ଚିନ୍ତିତ ହୋଇପଡ଼ିଲେ ଚୌଧୁରୀ । ଅତି ସନ୍ତର୍ପଣରେ ଆସ୍ତେ ଆସ୍ତେ ସେ ଜଙ୍ଗଲ ଆଢ଼ୁଆଳରୁ ବାହାରି ଆଗେଇବାରେ ଲାଗିଲେ ।

ଚାରିଆଡ଼ ଘୋଷଣ ଅନ୍ଧାର । ମୁହଁକୁ ମୁହଁ ଦିଶୁନି । ସେଇ ଅନ୍ଧାର ଭିତରେ କିଛି ବାଟ ଆଗେଇବା ପରେ ହଠାତ୍ ତାଙ୍କର ମନେହେଲା, ଯେମିତି ଆକାଶ ଛିଣ୍ଡି ପଡ଼ିଲା ନିଜ ଉପରେ । ତାଙ୍କର ଏତେ ଟିକିଏ ବି ଧାରଣା ନ ଥିଲା ଯେ, ତାଙ୍କର କାର୍ଯ୍ୟକଳାପ ଆଉ କାଳେ କିଏ ଲକ୍ଷ୍ୟ କରୁଥାଇପାରେ । ସେ ଏପରି ଭାବରେ କାବୁ ହୋଇ ଯାଇଥିଲେ ଯେ, ମୁହଁ ଖୋଲିବାର ଉପାୟ ନ ଥିଲା । ଉପରକୁ ଅନେଇବାର ଜୋ' ନଥାଏ କିଏ ତାଙ୍କୁ ଧରିଲା ବୋଲି; କିନ୍ତୁ ଟିକେ ପରେ ହାତଟା ଆସ୍ତେ ଆସ୍ତେ କୋହଳ ହୋଇଗଲା । ଚୌଧୁରୀ ମୁକ୍ତ ପାଇବା ମାତ୍ରେ ଚାହିଁ ଦେଖନ୍ତି ତ ତାରଜନର କାବୁ ଭିତରେ ସେ ଆବଦ୍ଧ ହୋଇଥିଲେ । ଫେଁକରି ହସିପକେଇଲେ ସେ, ତାରଜନ ମଧ୍ୟ ନିଜର ଭୁଲ ବୁଝିପାରିଲା । ତା'ପରେ ଉଭୟ ସେଇ ଜାଗାଟାକୁ ଚାରିଆଡ଼ୁ ପରୀକ୍ଷା କରି ଦେଖିନେଲେ, କିଏ କୋଉଠି ଅଛି କି ନା । ତା'ପରେ ତାରଜନ ପଚାରିଲା—

"ବର୍ତ୍ତମାନ ଫେରିବା, ନା ଏଇଠି ରହିବା ?"

ବେଳେବେଳେ ଏମିତି ହସେଇ ମଜା କରିବାପାଇଁ ତାରଜନ ନିତାନ୍ତ ବୋକାଙ୍କ ଭଳି ପ୍ରଶ୍ନ ପଚାରେ । ଚୌଧୁରୀ ବୁଝିଲେ ମଧ୍ୟ କଥାଟା ଯେ ନିତାନ୍ତ ଅଛା ନୁହେଁ, ଏକଥା ଜାଣିଲେ । କାରଣ କାହିଁ ଦେଢ଼ଶହ ମାଇଲ ଦୂରରେ ଘର, ଆଉ ନିଜର ଯାନ ଖଣ୍ଡିକ ଧୂଳିସାତ୍ ହୋଇଯାଇଚି । ଯଦି ବର୍ତ୍ତମାନ ଶତ୍ରୁମାନେ ଦେଖନ୍ତି ଯେ, ତାଙ୍କର ଉପସ୍ଥିତ ଲକ୍ଷ୍ୟ ଏପର୍ଯ୍ୟନ୍ତ ଜୀବିତ ରହିଛନ୍ତି, ତା'ହେଲେ

ସିଧା ଗୁଳିକରି ମାରିବା ଛଡ଼ା ଆଉ କିଛି କରିବେନି । ତେଣୁ କିଣ କରାଯାଇପାରେ ସେ ବିଷୟରେ ଚୌଧୁରୀ ମଧ୍ୟ ଚିନ୍ତା କରିବା ଆରମ୍ଭ କଲେ ।

ଏପର୍ଯ୍ୟନ୍ତ ତାରକନ ଚିନ୍ତା କରୁଥିଲା ଯେ, କାହିଁକି ସେମାନଙ୍କୁ ମାରିବାକୁ ପଠାହୋଇଥିଲା । ତା ହେଲେ କିଣ ସୁଚେନ୍ଦ୍ର ଗ୍ରେଟ ରାୟ ନିଜେ ଏ ବ୍ୟବସ୍ଥା କରିଥିଲେ ? କିନ୍ତୁ ପରମୁହୂର୍ତ୍ତରେ ସେ ବୋଧ ଦେଲା ନିଜକୁ ଯେ, ଡ଼ମ୍ପରଟା ହୁଏତ କୁଆଡ଼େ ଯିବାର ଥିଲା । ବାଟରେ ସାଇଡ୍ ନ ପାଇବାରୁ ଡ଼ମ୍ପରଟା ଜିପ୍ ଉପରେ ମାଡ଼ିଯିବାକୁ ବାଧ୍ୟ ହେଲା । ଆଉ ସେଇ ଭୟରେ ସେ ପଛ କ୍ୟାମ୍ପକୁ ଫେରିଆସିଲା । ଅନେକ ଗୁଡ଼ାଏ ଏମିତି ଅଡ଼ୁଆ କଥା ମଧ୍ୟ ଚୌଧୁରୀଙ୍କ ମସ୍ତିଷ୍କରେ ଆହୁରି ଘୂରେଇହେବା ଆରମ୍ଭ ହେଲା । କିଛି ସମୟ ପରେ ସେ ପୁଣି ସେଇ କ୍ୟାମ୍ପ ଆଡ଼କୁ ଯିବାକୁ ନିର୍ଦ୍ଦେଶ ଦେଲେ ତାରକନଙ୍କୁ । ଯେମିତି ଜଙ୍ଗଲରେ ଲୁଚି ଲୁଚି ଉଭୟ ଆଗେଇଲେ । ଅଳ୍ପ କେତେ ବାଟ ଆଗେଇବା ପରେ କାହାର କଣ୍ଠସ୍ୱର ସେମାନେ ବାରିପାରିଲେ । ଚୌଧୁରୀଙ୍କ ନିର୍ଦ୍ଦେଶରେ ଏମାନେ କଡ଼ର ସେଇ ଜଙ୍ଗଲ ଭିତରକୁ ଆହୁରି ସନ୍ତର୍ପଣରେ ଓହ୍ଲେଇଗଲେ । ଆହୁରି ତଳକୁ ଆହୁରି ତଳକୁ ଓହ୍ଲେଇ ଯାଉଥାନ୍ତି ଉଭୟ ଯେତିକି, ସେ ପଞ୍ଚାକ ଲୋକ କଥାବାର୍ତ୍ତା ହୋଇ ପାଖେଇ ଆସୁଥାନ୍ତି । କାରଣ ଏକାଠି ନ ବଞ୍ଚିଲେ ଆଉ ରକ୍ଷା ନାହିଁ । ଏମିତି ଯାଇ ଯାଇ ପ୍ରାୟ ପଚିଶଫୁଟ ତଳକୁ ଓହ୍ଲେଇଗଲେ ସେମାନେ । ତାଙ୍କର ଅନୁମାନ ସତ୍ୟ ହେଲା । ଲୋକ ପଞ୍ଚାକ କିଣ କଥାବାର୍ତ୍ତା ହୋଇ ବେଶ୍ କିଛିବାଟ ଆଗେଇଲେ । ତା ପରେ ତାରକନ କାନରେ ପଡ଼ିଲା ତଳଆଡ଼ୁ କିଣ ଗୋଟାଏ ଶବ୍ଦ । ତାର ମନେହେଲା କୌଣସି ପଶୁ ବା ଚଢ଼େଇ ଏମିତି ଗୋଟାଏ ଶବ୍ଦ କରୁଚି । ଟିକେ ଦେଖିଆସିବ ବୋଲି ଭାବି ଚୌଧୁରୀଙ୍କୁ କିଛି ନ ଜଣେଇ ଆଉ ଟିକେ ତଳକୁ ଖସିଲା । ତାପରେ ଶବ୍ଦଟା ସ୍ପଷ୍ଟ ହୋଇଗଲା । ଗୋଟାଏ ଗ୍ରେଟ ପାହାଡ଼ ଝରଣାର ଧାର ବୋଧହୁଏ ବୋହୁଯାଇଚି । ଆଉ ଟିକେ ତଳକୁ ଗଡ଼ିଯାଇ ସେ ଭାବିଲା, ସେ ପାଣିରୁ ଟୋପାଏ ପିଇଦେଇଆସିବ; କିନ୍ତୁ ଯାଇ ହାତ ମାରି ଦେଖେ ତ ସେଗୁଡ଼ାକ ଗରମ ପାଣି । ମାଟି ଭିତରୁ ଗରମ ପାଣି ବାହାରୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲା । ତା ପରେ ସେ ପାଣିର ଆରମ୍ଭଟା ଦେଖିବାକୁ ଟିକେ ଆଗେଇଯାଇ ହାତ ମାରି ଦେଖିଲା ଗ୍ରେଟ ଲୁହାର ପାଇପ୍ ଭିତରୁ ସେ ପାଣି ବାହାରିଯାଉଚି । ସାଙ୍ଗେ ସାଙ୍ଗେ ଉପରକୁ ଉଠି ପଚୌଧୁରୀଙ୍କୁ ମଧ୍ୟ ସେଇ ଖବର ଦେବାରେ ଚୌଧୁରୀ ସୁନାମୁଣ୍ଡା ପାଇଲା ଭଳି ଖୁସି ହୋଇଗଲେ ।

“ମୋର ଅନୁମାନ ତା ହେଲେ ସତ ହବାକୁ ଯାଉଚ, ତାରଜନ ! ତମେ ମତେ ଏତେବେଳକେ ପ୍ରକୃତ ଜନ୍ମଘର ସନ୍ଧାନ ଦେଲ ।”

ଉଭୟ ପୁଣି ତଳକୁ ଖସିଆସି ସେଇ ସ୍ଥାନଟିକୁ ପରୀକ୍ଷା କଲେ । ସେଇଠି କାନ ଦେଇ ଚୌଧୁରୀ କଣ ଶୁଣିବା ପରେ ଉପରକୁ ଉଠିଲେ । ତାରଜନ କିନ୍ତୁ ଭଲରେ ଫେରିଆସିଲାବାଲା ନୁହଁ । ଅଣ୍ଡାଳି ଅଣ୍ଡାଳି ସେଇ ପାଇପ୍ ସାଇଜର ପଥର ଖଣ୍ଡେ ଗୋଟେଇ ତା ମୁହଁରେ ଖୁବ୍ ଜୋରରେ ଗୁଞ୍ଜିଦେଲା, ଯେମିତକ ପାଣି ସେଠି ଆଉ ବାହାରିଯାଇପାରିବନ । ଚୌଧୁରୀ ସେତେବେଳକୁ ଉପରକୁ ଉଠିବା ଆରମ୍ଭ କଲେଣି । ମନରେ ତାଙ୍କର ସେଇ ଗୋଟିଏ ଚିନ୍ତା' କଣ ଏଇ କାଠକଟା ମେସିନ, ଆଉ ସେଥିରେ ସୁଖେନ୍ଦୁଙ୍କର ଭୂମିକା କଣ ?

ଉଭୟ ପୁଣି ଜୀବନକୁ ପାଣି ଛଡ଼େଇ ଯିବାକୁ ଆରମ୍ଭ କଲେ ସେଇ କାଠକଳ ଆଡ଼କୁ । ଏଥର ଜଙ୍ଗଲ ଭିତରେ ପଶି ଲୁଚି ଲୁଚି ଯିବାକୁ ହେଲା, ଯେମିତକ ଚେକଗେଟର ଗାର୍ଡ଼ ଆଖିରେ ନ ପଡ଼ନ୍ତି । ମନରେ ଅନେକ-ଗୁଡ଼ାଏ ଚିନ୍ତା ଘେର ଖାଉଥାଏ । ଏତେ ବଡ଼ କାଠ ବିଦେଶକୁ ଯିବା, କାଠଟାର ଓଜନ ଏତେ କମ, ତା ପରେ ଏଇ ପାଣିର ଧାର, ସେ ସବୁରେ ସୁଖେନ୍ଦୁଙ୍କର ସମ୍ପର୍କ—ସେ ଯୋଗସୂତ୍ର ସ୍ଥାପନ କରିପାରୁ ନ ଥାନ୍ତି । ଏମିତି ଭାବୁ ଭାବୁ ସେ ଦେଖିଲେ ଯେ, ଏକବାରେ ପାଖେଇଆସିଲେଣି ସେ ଜାଗାର; କିନ୍ତୁ ପାଖକୁ ଯିବାର ସୁବିଧା ନାହିଁ । ଚୌଧୁରୀ ବର୍ତ୍ତମାନ କେତୋଟି ଉପଦେଶ ତାରଜନକୁ ଦେଇ ତାକୁ ସେଇଠି ଅପେକ୍ଷା କରିବାକୁ କହିଲେ; ଆଉ କହିଲେ ଯେ, ଯଦି ଅଧଘଣ୍ଟାକ ଭିତରେ ସେ ନିଜେ ଫେରି ନ ଆସନ୍ତି, ତା ହେଲେ ତାରଜନର ଜାଣିବା ଦରକାର ସେ ବିପଦରେ ପଡ଼ିଲେ ବୋଲି । ଏତିକି ବୁଝେଇଦେଇ ଚୌଧୁରୀ ଅଦୃଶ୍ୟ ହୋଇଗଲେ । ତାରଜନ୍ ସେଇଠି ଅପେକ୍ଷା କଲା । ହଠାତ୍ ତା'ର ମୁଣ୍ଡରେ ପଶିଲା ଯେ, ସେମାନଙ୍କର ଶୀଘ୍ର ଏ ଜାଗା ଛାଡ଼ିବା ଦରକାର । କିନ୍ତୁ ଗାଡ଼ି ତ ନାହିଁ । ତେଣୁ କିଛି ଗୋଟାଏ ବନ୍ଦୋବସ୍ତ କରି ରଖିବାକୁ ପଡ଼ିବ । ହେଲେ ତାକୁ କିଛି ବୁଦ୍ଧି ଦେଖାଯାଉ ନ ଥାଏ । ଏତିକିବେଳେ ସେ ଦେଖିଲା, ଜଣେ କିଏ ଉପରୁ ସେଇ ଫାର୍ମରୁ ମଟର ସାଇକେଲ୍‌ରେ ଆସିବାପାଇଁ ମଟର ସାଇକେଲ ଷ୍ଟାର୍ଟ କରୁଛି । ଆଉ କିଛି ବିଚାର ନ କରି ତାରଜନ ସାମାନ୍ୟ ଆଗକୁ ଦଉଡ଼ିଯାଇ ଗୋଟାଏ ଗଛକୁ ଧରି ଖୁବ୍ ଜୋର୍‌ରେ ଝୁଙ୍କାରିଟାଏ ମାରିଲା । ସାଙ୍ଗେ ସାଙ୍ଗେ ଗଛଟା ଉପୁଡ଼ି ପଡ଼ିଲା । ସିଧା ଆଣି

Deb's Library Corner

ଗଛଟାକୁ ରାସ୍ତା ମଝିରେ ଶୁଆଇଦେଇ ଲୁଚିଗଲା ସେଇ ଜଙ୍ଗଲ ଭିତରେ । କିଛିକ୍ଷଣ ପରେ ଲୋକଟା ଆସି ବ୍ରେକ୍ କଷିଲା । ଦେଖିଲା ଯେ ଗଛଟା ଶୋଇଯାଇଛି ମଝିରେ । ଚାରିଆଡ଼କୁ ଚାହିଁ ସେ ଲୋକଟା କ୍ଷଣେ ଭାବିଲା, ଗଛଟା ଏମିତି କେମିତି ରହିପାରେ । କ'ଣ ଭାବି ଗଛଟାକୁ ଟିକେ ଘୁଞ୍ଚେଇଦେବ ବୋଲି ଚେଷ୍ଟା କଲାବେଳେ ତାରଜନ ତା' ଉପରକୁ ଡେଇଁପଡ଼ିଲା । ସେ କିଛି ଜାଣିବା ଆଗରୁ ଅତି ଅନାୟାସରେ କାବୁ କରିନେଲା ତାରଜନ୍ ତାକୁ । ତା' ମୁହଁ ହାତ ବାନ୍ଧି ପକେଇଲା ଏବଂ ସେଇ ଗଛ ଡାଳରେ କେହି ନ ଦେଖିଲା ଭଳି ପୁଟୁଳା ରଖିଲା ପରି ଟେକାକରି ଥୋଇଦେଲା । ତା' ପରେ ପୁଣି ଆସି ଭାବିଲା, ଗାଡ଼ିଟା ସିନା ହେଲା; କିନ୍ତୁ ଯିବ କେମିତି ବାହାରକୁ ! ଚେକ୍ ଗେଟ୍ ପାଖରେ ଜଣାଆଳା ଜାଣିବ । ତେଣୁ ମଟର ସାଇକେଲଟାକୁ ଟେକି କାନ୍ଧରେ ରଖି ସେଇ ଜଙ୍ଗଲ ଭିତରେ ଚାଲିବାକୁ ଲାଗିଲା । ଯେମିତି କେହି ଜାଣି ନ ପାରିବେ, ସେମିତି ଯାଇ ଚେକ୍ ଗେଟ୍ ଟପି ବେଶ୍ କିଛି ଦୂରରେ ଗାଡ଼ିଟାକୁ ଲୁଚେଇ ଥୋଇଦେଇ ଆସିଲା । ତା' ପରେ ପୁଣି ସେ ଲୋକଟାକୁ ନେଇ ଗାଡ଼ି ପାଖରେ ରଖିଲା । ଘଣ୍ଟା ଦେଖିଲା, ପ୍ରାୟ ପଚିଶ ମିନଟ୍ ହୋଇଗଲା । ଚୌଧୁରୀ ଆସିଯାଇପାରନ୍ତି । ତେଣୁ ପୂର୍ବ ସ୍ଥାନରେ ଯାଇ ଲୁଚିରହିଲା ତାଙ୍କ ଅପେକ୍ଷାରେ । ଠିକ୍ ଅଧଘଣ୍ଟାକର ସାମାନ୍ୟ ଆଗରୁ ଚୌଧୁରୀ ସେଠି ପହଞ୍ଚିଲେ । ଅତି ସାବଧାନତା ସହକାରେ ତାକୁ ଅଳ୍ପକେ ବୁଝେଇ କହିଲେ ଯେ, ତାଙ୍କର ଯିବା ସଫଳ ହୋଇଛି । ବର୍ତ୍ତମାନ ତାଙ୍କ ମୁଣ୍ଡରେ କେବଳ ଗୋଟିଏ ଚିନ୍ତା ଯିବେ କେମିତି । ଅନ୍ତତଃ ବେଶ୍ କିଛିବାଟ ଏମାନଙ୍କର ଆୟତ୍ତରୁ ଚାଲି ନ ଗଲେ ଯଥେଷ୍ଟ ଅସୁବିଧା ହେବାର ସମ୍ଭାବନା ଅଛି । ଏମିତି ଭାବୁ ଭାବୁ ସେମାନେ ସେଇ ଜଙ୍ଗଲ ଭିତରେ ଚେକ୍ ଗେଟ୍ ଟପି ସେ ମଟର ସାଇକେଲ ଥିବା ଜାଗାରେ ପହଞ୍ଚିଗଲେ । ମଟର ସାଇକେଲ ଦେଖି ଚୌଧୁରୀ ଏକାବେଳକେ ହତବୁଦ୍ଧି ହୋଇପଡ଼ିଲେ । ତାରଜନ୍ ଅଳ୍ପକେ ବୁଝାଇଦେବାରେ ତା'ର ବୁଦ୍ଧିକୁ ପ୍ରଶଂସା ନ କରି ରହିପାରିଲେନି ଚୌଧୁରୀ । କିନ୍ତୁ ଲୋକଟା କଥା କ'ଣ କରିବେ ବୋଲି ପଚାରିଲେ ଚୌଧୁରୀ । ଆଉ କିଛି ବୁଦ୍ଧି ନ ପାଇ ପକେଟରୁ ଗୋଟିଏ ଗ୍ରେନେଡ଼ ଶିଶି ବାହାର କରି ତା' ନାକ ପାଖରେ ଧରିଲେ । ତା'ର ଚେତା ବୁଡ଼ିଗଲା । ସାଙ୍ଗେ ସାଙ୍ଗେ ତାରଜନ ଗୋଟାଏ ପୁଟୁଳା ଭଳି ତାକୁ ନିଜ ପିଠିରେ ବାନ୍ଧିଦେଲା । ତା'ପରେ ଉଭୟେ ବାହାରିଲେ ; କିନ୍ତୁ ମଟର ସାଇକେଲଟା ଷ୍ଟାର୍ଟ କରିବାମାତ୍ରେ କିଏ ଜାଣିପାରିବେ ବୋଲି ଗାଡ଼ି ଷ୍ଟାର୍ଟ ନ କରି ନିଉଟ୍ରାଲ ରଖି ଦୁହେଁ ଯାକ

ବସିଲା ପରେ ତାରଜନ ଗାଡ଼ି ଗଡ଼େଇଦେଲା । ଗଡ଼ାଣି ଅନୁଯାୟୀ ପାହାଡ଼ ଉପରୁ ଗାଡ଼ି ବେଶ୍ କିଛି ବାଟ ଗଡ଼ିଆସିଲା ପରେ ତାରଜନ୍ ଗାଡ଼ି ଛୁଟାଇଲା ।

ପ୍ରାୟ ତିରିଶ ମାଇଲ ଖଣ୍ଡେ ଗଲେ ଗଲେ ଦୁହେଁ । ଯେତେବେଳେ ଚୌଧୁରୀ ନିଃସନ୍ଦେହ ହେଲେ ଯେ, ଆଉ କେହି ଧରିପାରିବେ ନାହିଁ, ସେତେବେଳେ ଗାଡ଼ି ଅଟକେଇ ପେଟ୍ରୋଲ ଅଛି କି ନା ପରୀକ୍ଷା କରିନେଲେ । ଦେଖିଲେ ଯେ ପେଟ୍ରୋଲ ଯଥେଷ୍ଟ ଅଛି । ତେଣୁ ଆଉ କାଳବିଳମ୍ବ ନ କରି ଗାଡ଼ି ଛୁଟାଇଲେ । ତାରଜନ୍‌ର ଗାଡ଼ି ଚଳେଇବା ଭିତରେ ଚୌଧୁରୀ ନିଶ୍ଚିତ ହେଉଥିଲେ ଯେ, ଆଉ ହୁଏତ ଏ ବୃହତ୍ ଜାଲ ଭେଦ କରିବାକୁ କଷ୍ଟ ନ ଲାଗିପାରେ । କିନ୍ତୁ, ଘଟଣା କ୍ରମଶଃ ଯେ ଆହୁରି ଜଟିଳ ହେଇଆସୁଛି, ଏ କଥା ମଧ୍ୟ ବିଶ୍ୱାସ କରିବାରେ ତାଙ୍କର ଦ୍ୱିଧା ନ ଥିଲା । ଘରେ ପହଞ୍ଚିଲାବେଳକୁ ଫରଚ ହେଇ ନ ଥାଏ । ଗୋଟିଏ ମଟର ସାଇକେଲରେ ଏହିପରି ଅସମ୍ଭବ-ଭାବରେ ତିନିଜଣ ଆସିବା ଦେଖି କାଳେ କିଏ କ'ଣ ଭାବିପାରେ ସେଥିପାଇଁ ସକାଳ ହବା ଆଗରୁ ଘରେ ପହଞ୍ଚିବା ପାଇଁ ତାରଜନ୍ ଖୁବ୍ ଜୋରରେ ମଟର ସାଇକେଲ ଛୁଟାଇଥିଲା । ଅତି ସୁରୁଖୁରୁରେ ଘରେ ପହଞ୍ଚିସାରିବା ପରେ ଉଭୟ ନିଃଶ୍ୱାସ ମାଇଲେ ।

ସେତେବେଳେ ସୁଦ୍ଧା ସେ ଲୋକଟାର ଚେତା ଫେରି ନ ଥାଏ । ତା' ବିଷୟରେ ଆବଶ୍ୟକୀୟ ଉପଦେଶ ଦେଇ ଉଭୟ ନିଜର ନିତ୍ୟକର୍ମ ସମାପନ କରିବା ଉଦ୍ଦେଶ୍ୟରେ ବାହାରିଲେ ।

ସେଇଦିନ ସନ୍ଧ୍ୟାବେଳେ ଅଜୟଙ୍କର ଓ୍ୱାରଲେସ୍ ବାର୍ତ୍ତା ପାଇ କେମିତି କେଜାଣି ଆହୁରି ଚିନ୍ତିତ ହୋଇଉଠିଛନ୍ତି ଚୌଧୁରୀ । ତେବେ କ'ଣ ତାଙ୍କର ଅନୁମାନ ମିଥ୍ୟା ହେଇପାରେ ! ପୁଣି ପର ମୁହୂର୍ତ୍ତରେ ନିଜକୁ ସାନ୍ତ୍ୱନା ଦେଇଆନ୍ତି । ଆଗରେ ତାଙ୍କର ଅନେକଗୁଡ଼ିଏ ଫଟୋ ଧରି ତାରଜନ ଠିଆ ହେଇଛି । ଟେବୁଲ ଉପରେ କେଇଖଣ୍ଡ ରିପୋର୍ଟ । ଏସବୁ ଥିବା ସତ୍ତ୍ୱେ ଅଧଘଣ୍ଟାକ ତଳେ ଡନଓ୍ୱାରଙ୍କ ଟେଲିଫୋନ୍ ତାଙ୍କୁ କେମିତି କେଜାଣି ବିଚଳିତ କରିଦେଇଛି । ଲୋକମାନେ ଦିନକୁ ଦିନ ଅସ୍ଥିର ହେଇପଡ଼ିବାରେ ଲାଗିଛନ୍ତି । ବିଶେଷ କରି ଡାକ୍ତରଙ୍କ ରିପୋର୍ଟରୁ ପ୍ରକାଶ ଯେ, ବୃଦ୍ଧ ଗ୍ରେଟରସ୍ ତାଙ୍କର ପୁତ୍ର ଓ ବଧୂ ଚିନ୍ତାରେ ଦିନକୁ ଦିନ କ୍ଷୀଣ ହେଇଆସୁଚନ୍ତି । ଆଉ ତାଙ୍କର ସ୍ୱାସ୍ଥ୍ୟ ଯେଭଳି

ସବରେ ଷଷ୍ଠ ହୋଇ ଚାଲିଛି, ଯଦି ଖୁବ୍ ଶୀଘ୍ର ସେ କିଛି ଗୋଟାଏ ନ ଜାଣନ୍ତି, ତା' ହେଲେ ହୁଏତ ତାଙ୍କୁ ବଞ୍ଚାଇରଖିବା ଅସମ୍ଭବ ହୋଇପଡ଼ିବ ।

ଏମିତି ଅନେକ ଅଡୁଆ ଖିଅ ଧରି ଛନ୍ଦି ହେଉଥିବାବେଳେ ହଠାତ୍ ଗ୍ରେସ ସିଗ୍‌ନାଲ୍ ଲାଇଟ୍ ଜଳିଉଠିଲା । ଆଖିପିଛୁଳାକେ ସେ ସବୁ ଜିନିଷପତ୍ର ଧରି ଚାରିଜଣ ସେ ସ୍ଥାନରୁ ଅପସରିଗଲେ । କିଛିକ୍ଷଣ ପରେ ଆସି ପହଞ୍ଚିଲେ ସୁଖେନ୍ଦୁ । ସୁଖେନ୍ଦୁଙ୍କୁ ଦେଖିବାମାତ୍ରେ ଅତି ଆଗ୍ରହରେ ଚୌଧୁରୀ କରମର୍ଦ୍ଦନ କରି କହିଲେ—

"କାଲିକାର ଗୋଟିଏ ମସ୍ତବଡ଼ ଦୁର୍ଘଟଣା ବିଷୟ ଆପଣ ଜାଣି ନାହାନ୍ତି, ସୁଖେନ୍ଦୁବାବୁ ! ମୁଁ କହିବାକୁ ବର୍ତ୍ତମାନ ଯାଉଥାନ୍ତି ।"

ସୁଖେନ୍ଦୁ ମଧ୍ୟ ସେହିପରି ବିସ୍ମୟ ପ୍ରକାଶ କରି କହିଲେ—"ମି: ଚୌଧୁରୀ, କାଲି ମୁଁ ଯାହା ଖବର ପାଇଛି, ସେଥିରେ ଆପଣମାନେ ଯେ ବଞ୍ଚିଥିବେ, ମୁଁ ସେ ବିଶ୍ୱାସ କରୁ ନ ଥିଲି । ସେଥିପାଇଁ ନିଜେ ଆଖିରେ ଦେଖିଯିବାକୁ ଆସିଲି । ତେବେ ଆପଣ କଥାଟା କୁହନ୍ତୁ, ମୁଁ ତା' ପରେ କହିବି ।"

ତା' ପରେ ଚୌଧୁରୀ ଆରମ୍ଭ କଲେ—

"ଆମେ ତ ଖାଇକରି ଆପଣଙ୍କଠାରୁ ବିଦାୟ ନେଇ ଆସିଲୁ । । ତା'ପରେ କିଛିବାଟ ଆସିଛୁ କି ନା, ହଠାତ୍ ଆମ ଆଗରେ ଗୋଟାଏ ଚିତାବାଘ ଚାଲିଗଲା । ଖାଲି ମୋର ନୁହେଁ, ମୋ ସାଙ୍ଗରେ ଥିବା ସେ ବନ୍ଧୁଙ୍କର ମଧ୍ୟ ଶିକାର କରିବା ଗୋଟାଏ ବିରାଟ ଝୁଙ୍କ । ତେଣୁ ଆଉ କିଛି ନ ବିଚାରି ସାଙ୍ଗେ ସାଙ୍ଗେ ଗାଡ଼ିରୁ ଡେଇଁଲୁ । ଷ୍ଟାର୍ଟ ବନ୍ଦ କଲୁ ନାହିଁ କିମ୍ବା ଲାଇଟ ଲିଭେଇଲୁନି, କାରଣ ଦେଖାଯିବ ବୋଲି ଟିକେ । ଏମିତି ଗୋଡ଼େଇ କିଛିବାଟ ଆଗେଇଯାଇଛୁ, ତା'ପରେ ବାଘଟା ବହୁତ ଉଚ୍ଚକୁ କୁଦାଟାଏ ମାରି ସେ କୁଦ ଆର ପାଖକୁ ଚାଲିଗଲା । ଆମେ ମଧ୍ୟ ଆଉ କିଛିବାଟ ଆଗେଇଯାଇ ତାକୁ ଗୋଡ଼େଇ ପାରିଥାନ୍ତୁ; କିନ୍ତୁ ଏତିକିବେଳେ ଗୋଟାଏ ଜୋର ଶବ୍ଦ ଶୁଣାଗଲା । କ'ଣ ଗୋଟାଏ ବାଡ଼େଇ ହବାର ଶବ୍ଦ ଶୁଣି ଆମେ ଫେରିବୁ ବୋଲି ଭାବିଲୁ । ଯେତେବେଳେ ଆଉ ବାଟ ମିଳିଲାନି, କେମିତି କେଜାଣି ଯୁଆଡ଼େ ଗଲୁ ବୁଲିଲୁ ଖାଲି । ଏତେ ଅସୁବିଧା ହୋଇ ନ ଥାନ୍ତା ଯଦି ସେ ଗାଡ଼ିର ଆଲୁଅଟା ଦେଖାଯାଉଥାନ୍ତା; କିନ୍ତୁ ଗାଡ଼ିର ଆଲୁଅଟା ଲକ୍ଷ୍ୟ କରି ଯେତେବେଳେ ଖୋଜୁଚୁ ରାସ୍ତା, ଆମର ଆଉ ବୁଦ୍ଧି ହେଲାନି ଯେ ଆଲୁଅଟା ଲିଭିଯାଇଥାଇପାରେ ।

"ତା'ପରେ ଆସି ଯେତେ ଖୋଜିଲୁ ଆଉ ଗାଡ଼ିଟା ପାଇଲୁନି ।" ଏପାଖ ସେପାଖ ଅନ୍ଧାରରେ ଦଉଡ଼ି ଦେଖିଲୁ ଯେ ଗାଡ଼ିଟା ଧୁଷୁଡ଼ି ଯାଇଚି; ହୁଏତ କ'ଣ ଗୋଟିଏ ଧକ୍କା ବାଜି ଜିପ୍‌ଟା ପାଖର ସେଇ ଅତଳଗହ୍ୱରକୁ ଖସିପଡ଼ିଚି । କେମିତି ହେଲା କିନ୍ତୁ ଆମେ କେହି ବୁଝି ପାରିନୁ ଏ ଯାଏ । କିନ୍ତୁ ମୋର ଏତିକି ମନେଅଛି ଯେ,ଆମେ ଷ୍ଟାର୍ଟ ବନ୍ଦ କରିଥିଲୁ । କଣ ହୋଇଥାଇପାରେ ବୁଝିହେଉନି । ସରକାରୀ ଗାଡ଼ି ସେଇଟା, କେମିତି ରିପୋର୍ଟ କରିବ ଠିକ୍ କରିପାରିନି । ପୁଣି ସେଇଠୁ ଆଉ ନ ଫେରି ଆଉ ଥୋଡ଼ାଏ ବାଟ ଚାଲିଆସି ଗୋଟାଏ ଟ୍ରକ୍ ଯାଉଥିଲା, ତାରି ଆଶ୍ରାରେ ଆସିଲୁ ।"

ଏକଦମ୍‌ରେ ଏତିକି କହି ଚୌଧୁରୀ ନିଃଶ୍ୱାସ ମାରିଲେ । ସୁଖେନ୍ଦୁ ତା, ପରେ କହିବା ଆରମ୍ଭ କଲେ—

"ମୁଁ ଯେ ଆପଣଙ୍କୁ ଜୀବିତ ଅବସ୍ଥାରେ ଦେଖିବି, ଆଉ ଏ ଆଶା କରି ନ ଥିଲି । ଜାହିଁକି ନା, ଯେଉଁବେଳେ ଆପଣ ଆସିଲେ, ତା'ପରେ ଆମର ଗୋଟାଏ ଓଜନଦାର ଟିମ୍ବର ଲରି ନେଇ ଆସିଲା । ସେମାନେ ତ ଧୀର ଧୀର ଡ୍ରାଇଭ୍ କରନ୍ତି କିଛି ବାଟ ଆସିଲା ପରେ ସେ କୁଆଡ଼େ ଆପଣଙ୍କ ଗାଡ଼ିଟା ଆଗରେ ଯାଉଥିବାର ଦେଖିଲା । ପାଖେଇ ଆସିଲା ପରେ ହଠାତ୍ ସେମାନେ କୁଆଡ଼େ ଦେଖିଲେ ଯେ, ଗାଡ଼ିଟା ଠିକ୍ ଯାଉଚି କି ନା ଜାଣିହେଉନି । ତା'ପରେ ହଠାତ୍ ବ୍ରେକ୍ କଷିଲା-ବେଳକୁ ବ୍ରେକ୍ ଛାଡ଼ିଗଲା ଆଉ ଗଡ଼ାଣିଟା ଗଡ଼ିଲାବେଳକୁ ଜିପ୍‌ରେ ପିଟି ହୋଇ ଜିପ୍ ଆଗକୁ ଗଡ଼ିଯାଇ ସେ ଅତଳଗହ୍ୱରକୁ ଖସିପଡ଼ିଲା । ତା'ପରେ ସେ ଡ୍ରାଇଭରର ନିଶା ଛୁଟିଗଲା । ସେମାନେ ଆପଣ ଖାଇକରି ଚାଲିଆସିବା ପରେ ତ ଖୁବ୍ ମଦ ପିଇଥିଲେ । ଆଉ ନ ଆଗେଇ ଫେରିଯାଇ ଯେତେବେଳେ ଏ କଥା ଆମ ପାଖରେ ପହଞ୍ଚିଲା, ସେ ଯେ କି ଅବସ୍ଥା ଆମର ତା କହିପାରିବିନି । ସାଙ୍ଗେ ସାଙ୍ଗେ ଲୋକ ପଠାଗଲା ସେ ଜଙ୍ଗଲଟାକୁ ଖୋଜିବାକୁ ; କିନ୍ତୁ କିଛି ଲାଭ ହେଲାନି । ମୁଁ ଏକବାରେ ନିରାଶ ହୋଇଗଲି ପରେ କେମିତି ଏ ଖବର ପୋଲିସକୁ ଜଣେଇବି ଏ ଚିନ୍ତା କରୁଚି । ଏଇ ସମୟରେ ମୋର ଜାହିଁକି ମନ କହିଲା ଯେ, ଆପଣଙ୍କର କିଛି ହୋଇନି । ମୁଁ ସେଇଠୁ ଫେରି ଏଠି ଆସି ଖବର ନେଇ ଦେଖେ ଯେ ଆପଣ ଖୁବ୍ ଭଲରେ ବଞ୍ଚିଯାଇଛନ୍ତି । ସେ କଥା ମୁଁ ଜଣେଇଦେବା ପରେ ସେ ବାଣ୍ଡ୍ରୀଲ୍ଡ଼ ସାହେବ ଗୋଟାଏ ବଡ଼ ଡିନରର ଆୟୋଜନ କରୁଚି କେବଳ ଆପଣଙ୍କ ପାଇଁ । ତା ଛଡ଼ା ସେଇଟା ଯେ ହେତୁ ସରକାରୀ ଜିପ୍, ତେଣୁ ସାଙ୍ଗେ ସାଙ୍ଗେ ନୂଆ ଜିପ୍

ଗୋଟାଏ ସରକାରଙ୍କୁ ଦେଇ କେମିତି ଖୁବ୍ ଅଳ୍ପରେ କଥାଟା ଛିଣ୍ଡିଯିବ ତା'ର ବନ୍ଦୋବସ୍ତ ଠିକେ କରିବେ ।"

ଏତିକି କହି ସୁଖେନ୍ଦୁ ଚୁପ ହେଲେ । ଆଉ ଅନ୍ୟାନ୍ୟ ବିଷୟରେ ପଦେ ଦି'ପଦ କଥାବାର୍ତ୍ତା କରି ସୁଖେନ୍ଦୁ ବିଦାୟ ନେଲେ । ଗଲାବେଳେ ତାଙ୍କୁ ଚୌଧୁରୀ ଭରସା ଦେଲେ ଯେ, କୌଣସିମତେ ସେ ଏଇ ଅସୁବିଧାଟାକୁ ଛୁଡ଼େଇଦବାର ଚେଷ୍ଟା କରିବେ । ସୁଖେନ୍ଦୁ ଗଲା ପରେ ଚାରଜନ ଆସି ପହଞ୍ଚିଲା ସେଠି । ଅଳ୍ପ ହସି ଚୌଧୁରୀ କହିଲେ ତାଙ୍କୁ—

"ଏଥର ଆମର କାଲି ଧରିଆଣିଥିବା ଜନ୍ତୁଟିକୁ ଆଣ । ତା' ଠାରୁ କିଛି କଥା ଆଦାୟ କରିବାକୁ ଚେଷ୍ଟା କରିବା ।"

ଚାରଜନ୍ ବୁଝିଲା—ଗଲା କାଲିର ସେଇ ଯେଉଁ ମଟର ସାଇକେଲ ଚଢ଼ାଳି ଜଣକୁ ଧରି ଆଣିଥିଲା, ତାକୁଇ ଆଣିବାକୁ କହୁଛନ୍ତି । ତାକୁ ଏପର୍ଯ୍ୟନ୍ତ କିଛି ପଚାରି ନାହାନ୍ତି ; କାରଣ ସେ ଏ ପର୍ଯ୍ୟନ୍ତ ପ୍ରାୟ ନିଶାରେ ବେଳେବେଳେ ଅଚେତ ହୋଇପଡ଼ୁଥିଲା । ବର୍ତ୍ତମାନ ତା'ର ନିଶା କଟିଯାଇଥିବ ଆଶା କରି ଡକାଇଲେ । ଚାରଜନ ସେଇ ଘରକୁ ଯାଇ ଯାହା ଦେଖିଲା, ତାର ଆଉ ପାଦ ଚାଲିଲା ନାହିଁ । ଦେଖିଲା ବେଳକୁ ସେ ଲୋକଟିର କପାଳ ଭେଦ କରିଛି ଗୁଳି । ତାଜା ରକ୍ତର ଝଲକା ବାହାରି ପଡ଼ିଛି ଚଟାଣଉପରେ । ସେ ଶୋଇଯାଇଛି ମୁହଁ ମାଡ଼ି ।

ଦଉଡ଼ିଯାଇ ଚୌଧୁରୀଙ୍କୁ ଖବର ଦେଲା ଚାରଜନ । ଚୌଧୁରୀ ଆସି ଦେଖିସାରିଲା ପରେ ଏକପ୍ରକାର କାଠ ପାଲଟି ଗଲେ । ସଦ୍ୟ ରକ୍ତଗୁଡ଼ାକ ଦେଖି ମନେହେଲା ଏଇ କେଇଟି ମୁହୂର୍ତ୍ତ ତଳେ ଯେମିତି କିଏ ଏହା କରିଦେଇ ଯାଇଛି । ବହୁ ଯତ୍ନର ସହିତ ଶବଟିକୁ ପରୀକ୍ଷା କଲେ ଚୌଧୁରୀ । କିନ୍ତୁ ତାଙ୍କର ତଥାପି ବିଶ୍ୱାସ ହେଉ ନ ଥାଏ ଯେ, ଏପରି ଗୋଟାକ ପରେ ଗୋଟାଏ ପରାଜୟ ସେ ବରଣ କରି ଚାଲିଥିବେ । ତାଙ୍କର ଘରୁ ତାଙ୍କରି ଉପସ୍ଥିତିରେ କିଏ ମାରି ଚାଲିଗଲା, ଜଣାପଡ଼ିଲାନି । କିଛି ସୂତ୍ର ଆଦାୟ କରିବେ ବୋଲି ସେ ଯେଉଁ ପରିମାଣରେ ଆଶାୟୀ ହୋଇଉଠିଥିଲେ, ଶତ୍ରୁ ସେତିକି ଶେଷ କରିଦେଇ ଚାଲିଯାଇଛି । କିନ୍ତୁ ସବୁଠାରୁ ବଡ଼ କଥା ହେଲା ଯେ, କେମିତି ଏହା ସମ୍ଭବ ହେଲା ? ତା'ହେଲେ କଣ ସେ ସୁଖେନ୍ଦୁଙ୍କ ସହିତ କଥାବାର୍ତ୍ତା ହେଉଥିବା ଭିତରେ ଏ କାମଟା ଶେଷ ହୋଇପାରିଛି ?

କ୍ରମେ ତାଙ୍କର ସନ୍ଦେହ ଆଙ୍କୁର ଘନୀଭୂତ ହୋଇଆସିଲା । ମନେ ହେଲା, ସେ ଯେମିତ ଶତ ଅନିଚ୍ଛାସତ୍ତ୍ୱେ ଗୋଟାଏ ନିତାନ୍ତ ଅସମ୍ଭବ କଥାକୁ ବିଶ୍ୱାସ କରିବାକୁ ବାଧ ହେଉଛନ୍ତି । ଆଉ କାଳବିଳମ୍ବ ନ କରି ସମସ୍ତ ରକମର ଆନୁଷଙ୍ଗିକ କାର୍ଯ୍ୟ ଶେଷ କରି ପୋଲିସକୁ ଖବର ଦେଇ ଲାସ୍ ଉଠେଇବାର ବନ୍ଦୋବସ୍ତ କଲେ । ଲାସ୍‌କୁ ଉଠେଇନେଲାବେଳେ ଦେଖାଗଲା ଯେ ଗୋଟିଏ ଚିଠି ସେଠି ପଡ଼ିଛି । ଚୌଧୁରୀ ଆଉ ସମୟ ନ ଦେଇ ସାଙ୍ଗେ ସାଙ୍ଗେ ଖୋଲି ବସିଲେ ଚିଠିଟା । ଲେଖାଅଛି—

"ମି: ଚୌଧୁରୀ,

ଅଉ ନ ଆଗେଇବାକୁ ଶେଷ ଅନୁରୋଧ । ଏଇଟା ଆପଣ ଆଦେଶ ବୋଲି ମଧ୍ୟ ଧରିନେଇପାରନ୍ତି ।"

ଏତିକ ମାତ୍ର ଲେଖାଯାଇ ତଳେ ସେଇ 'ବିଚିତ୍ର ଖବର ମୋହରଟା । ଚୌଧୁରୀ ଭୟ ନ ପାଇଲେ ବି କେମିତି କେଜାଣି ତାଙ୍କର ମୁଣ୍ଡ ଘୂରିଗଲା । ଶତ୍ରୁ ଯେ ନିଶ୍ଚିତ ଭାବରେ ଯଥେଷ୍ଟ ବୁଦ୍ଧିମାନ, ଏଥିରେ ସନ୍ଦେହ ନାହିଁ । କ'ଣ ଭାବି ସେ ତାରଜନଙ୍କୁ ପଚାରିଲେ—

'ଆଚ୍ଛା, ମୁଁ ଯେତେବେଳେ ଗପ କରୁଥିଲି, ତମେ ସେତେବେଳେ କୋଉଠି ଥିଲ ?''

'ମୁଁ ଲାବୋରେଟାରୀରେ ଥିଲି', ବୋଲି ଉତ୍ତର ଦେଲା ତାରଜନ । ତାପରେ ଆଉ କିଛି ନ କହି ଚୌଧୁରୀ ନୀରବ ରହିଲେ । ହଠାତ୍ କ'ଣ ମନେକରି ଘଣ୍ଟା ଦେଖନ୍ତି ତ ରାତି ଦଶଟା ବାଜିବାକୁ ପନ୍ଦରମିନିଟ୍ ବାକି । ସାଙ୍ଗେ ସାଙ୍ଗେ ତାରଜନଙ୍କୁ କହିଲେ ପ୍ରସ୍ତୁତ ହୋଇପଡ଼ିବାକୁ, ନିଜେ ଆବଶ୍ୟକୀୟ ଜିନିଷପତ୍ର ଧରି ଅତି ଅଳ୍ପ ସମୟ ଭିତରେ ପ୍ରସ୍ତୁତ ହୋଇପଡ଼ିଲେ । ତାରଜନଙ୍କୁ ଗାଡ଼ିରେ ପେଟ୍ରୋଲ ଭର୍ତ୍ତିକରି ଚେକ୍‌ଅପ କରିବାକୁ କହି ନିଜେ ଟେଲିଫୋନ ସଯୋଗ କଲେ ମି: ଜନଓ୍ୱାରଙ୍କ ସହିତ ।

ଚୌଧୁରୀ କ୍ୱାଟର ଗ୍ରୁଡ଼ି ବାହାରିବାବେଳକୁ ରାତି ଦଶଟା । ତାରଜନଙ୍କୁ ଯିବାପାଇଁ ନିର୍ଦ୍ଦେଶ ଦବାକୁ ଯାଇ କହିଲେ—

"କ୍ୟାମ୍ପ ନମ୍ବର ଦୁଇ ଆଡ଼େ ଯିବା ।"

ତାରଜନ ହଠାତ୍ ବୁଝିପାରିଲାନି । ତାକୁ ବୁଝାଇଦେଲେ ଚୌଧୁରୀ ଯେ, ଦ୍ୱିଯାଉଠିକି ସେ ଆଉ ଅଜୟ ଉଭୟ ନେଇ ଚାଲିଯାଇଥିଲେ ସୁଖେନ୍ଦୁଙ୍କ

ଗାଡ଼ିକୁ । ତାରଜନର ଏତେବେଳକେ ମନେପଡ଼ିଲା ଆଉ ମନେପଡ଼ିଗଲା ସେଦିନର ସେ ଦୃଶ୍ୟ । କି ବିରାଟ ଆକାରର ସେ ପଶୁ । ଏଭଳି ଜୀବ ସେ କେବେ ଦେଖିବାର ସୁଯୋଗ ପାଇନି । ଗୋଟାଏ ବିରାଟ ଗଛଭଳି ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସେ ଘୁଞ୍ଚିଯାଉଥାଏ । ସେଦିନଠାରୁ ଚୌଧୁରୀ ଚିନ୍ତା କରୁଥିଲେ, ସେପରି ଏକ ଜନ୍ତୁକୁ ଦୂରରୁ ଦେଖିବେ ବୋଲି ଏତେଗୁଡ଼ାଏ ବାଟ ଯିବାପାଇଁ ସେଥିଲାଗି ବାହାରିଚନ୍ତି । ତାରଜନ ଗତି ବଢ଼ାଇଲା ଗାଡ଼ିର ।

ସେଇ ପୂର୍ବୋକ୍ତ ରେଷ୍ଟସେଡ୍ ପାଖରେ ପହଞ୍ଚିଲାବେଳକୁ ରାତି ପ୍ରାୟ ସାଢ଼େ ବାରଟା । ନିଘଞ୍ଚ ଜଙ୍ଗଲ ଆଖି ଆଗରେ । ଚାରିଆଡ଼େ କଟି କଟି ଅନ୍ଧାର । ଚଉକିଦାରକୁ ଡାକି ଗାଡ଼ିଟାକୁ ଭିତରେ ରଖିଦେଲେ । ତା' ପରେ ବିଶ୍ରାମ ନେବାର ଉପକ୍ରମ କଲେ ସେ ଦୁହେଁ । ସେମାନଙ୍କୁ ରହିବାର ଜାଗା ଦେଖେଇଦେଇ ଚଉକିଦାର ଚାଲିଯାଉଥିଲା, କ'ଣ ଚିନ୍ତା କରି ଚୌଧୁରୀ ତାରଜନକୁ ଇସାରା ଦେଲେ ତାକୁ ଡାକିବାକୁ ।

ଲୋକଟା ଆସିଲା । ଚୌଧୁରୀ ତାକୁ ମହମବତୀ ଜାଳିବାକୁ ଦିଆସିଲି ଅଛି କି ନା ବୋଲି ପଚାରିଲେ । ଲୋକଟି ହଁ ଭରିଲା । ସେଇ ଦିଆସିଲି ଦବା ଭିତରେ ତାକୁ ମାମୁଲି ଆଉ ଗୋଟିଏ ଦୁଇଟି କଥା ପଚାରିଲେ ଏବଂ ଇଆଡ଼େ ଇଲେକ୍ଟ୍ରିକ୍ ଆସିନାହିଁ ବୋଲି ବୁଝିଲେ । ଏହି ସ୍ଥାନଟିର ପ୍ରାୟ ପଚିଶ ମାଇଲ ଦୂରରୁ ସିଆଡ଼କୁ ବିଦ୍ୟୁତ୍ ସରବରାହ ଅଛି । ଦୁଇ ତିନିଥର ଦିଆସିଲି ଲିଭିଗଲା ପରେ ପୁଣି ମହମବତୀ ଜଳିଲା । ତା'ପରେ ଚୌଧୁରୀ ଖଣ୍ଡେ ସିଗାରେଟ ଖାଇବାକୁ ମନ ବଳାଇଲେ । ଦି'ଥର ଅତି ଜୋରରେ ଟାଣିଦେବା ମାତ୍ରେ ଦେଖାଗଲା ଚୌକିଦାରଟିର ଆଖି ବୁଜିହୋଇଆସୁଛି । ପୁରାପୁରି ଢଳିପଡ଼ିବା ଆଗରୁ ଧରି ପକେଇଲା ତାରଜନ । ତା'ପରେ ଧୀରେ ଧୀରେ ଶୁଆଇଦେଲା ସେ ଜଗୁଆଳଟିକୁ । ଅଳ୍ପକେ ଇସାରା ଦେଲେ ଚୌଧୁରୀ । ସେଇ ଅନୁଯାୟୀ ତାରଜନ ଚୌକିଦାର ଘରଆଡ଼େ ମୁହାଁଇଲା । ମୁହଁକୁ ମୁହଁ ଦିଶୁନି । ଚାରିଆଡ଼ୁ ସତେ ଯେମିତି ଖାଲି ଅନ୍ଧାର ମାଡ଼ିଆସିଲା ଭଳି ଲାଗୁଚି । ପ୍ରଥମେ ଚୌକିଦାରର ଘରପାଖରେ ତାରଜନ୍ ଜାଣି ପାରିଲା, ସବୁ ଶୂନଶାନ୍ ଖାଲି ସେଇଠୁ ଲାଇଟ୍ ଜଳୁଛି । ଘର ଖାଲି । ଜଙ୍ଗଲ ଭିତରେ ବୋଧେ ଜନ୍ତୁପକ୍ଷ ଖେଳାମେଳା ହୋଇ ଜମା ହୋଇ ପଡ଼ିଚି । ବିଶେଷ କିଛି ଆଉ ଦର୍ଶନୀୟ ଜିନିଷ ନ ପାଇ ଭାବିଲା ଯେ, ଏମିତି ଗୋଟାଏ ସନ୍ଦେହ କରିବାର କିଛି ଆବଶ୍ୟକତା ନ ଥିଲା ।

ହଠାତ୍ ସବୁ ଜିନିଷପତ୍ର ନିରୀକ୍ଷଣ କରି ଦେଖି ଦେଖି ତାରିଜନ୍ ଗୋଟିଏ ଛୋଟିଆ ପିସ୍ତଲ ଭଙ୍ଗା ଟିଣ ସୁଟ୍‌କେଶ ଭିତରୁ ଦେଖି ପକାଇଲା । ତା'ପରେ ତା'ର କୌତୂହଳ ବଢ଼ିଲା । ଏଭଳି ଗୋଟାଏ ଚୌକିଦାରର ଘରେ ଗୋଟାଏ ପିସ୍ତଲ ରହିବାର ଆବଶ୍ୟକତା କ'ଣ ? ହୁଏତ ହୋଇପାରେ—ଜଙ୍ଗଲରେ ରହିବାଦ୍ୱାରା ସବୁବେଳେ ଆତ୍ମରକ୍ଷା ପାଇଁ କିଛି ଗୋଟାଏ ଦରକାର । କିନ୍ତୁ ଏଭଳି ସମୟରେ ତାରିଜନକୁ ସେଇଟା ଅପ୍ରାକୃତିକ ମନେହେଲା । ପୁଣି ଆଗ୍ରହର ଦ୍ୱିଗୁଣ ଉତ୍ସାହରେ ସେ ଖୋଜି ଚାଲିଲା । ମଇଳା କୋତରା ଲୁଗା କେଇଖଣ୍ଡକୁ ଟାଣି ଓଟାରିପକେଇଲା ବେଳେ ଗୋଟାଏ କ'ଣ ହାତକୁ ଚିମୁଟି ଦେଲାଭଳି ଲାଗିଲା । ପ୍ରଥମେ କିଛି ବୁଝି-ପାରିନି ତାରିଜନ, ତା'ପରେ ଭାବିଲା ଯେ, କୌଣସି ବଣୁଆ ପୋକ ବା ବିଛା କାମୁଡ଼ି ଦେଇଥାଇପାରେ । କିନ୍ତୁ ସେ ଲୁଗାଗୁଡ଼ାକ କାଢ଼ି ଦେଲା ପରେ ତା' ଆଖିରେ ପଡ଼ିଲା ଦୁ'ଖଣ୍ଡ ଛୋଟ ଛୋଟ ତାର କାନ୍ଥରୁ ବାହାରିଛି । କାନ୍ଥରୁ ଦୁ'ଟା ତାର୍ ବାହାରିବାର କାରଣ କ'ଣ ହୋଇପାରେ, ଏଇଆ ଭାବି ତା'ର ପୋକ କାମୁଡ଼ାଟାକୁ ଏହା ସାଙ୍ଗରେ ସଂଯୋଗ କରିବସିଲା ସେ । ପୁଣି କ'ଣ ଭାବି ତାର ଦିଟାକୁ ସଂଯୋଗ କରି ସେ ଦେଖିଲା ଯେ ଇଲେକଟ୍ରିକ ଭଳି ସ୍ପାର୍କ ହେଉଛି । ଏଥର ସେ ନିଶ୍ଚିତ ହୋଇଗଲା ଯେ, ଏଠି ନିଶ୍ଚୟ କିଛି ବିଦ୍ୟୁତଶକ୍ତିର କାରୁକାର୍ଯ୍ୟ ରହିଛି ଗୁପ୍ତଭାବରେ । ଚୌଧୁରୀଙ୍କୁ ନେଇ ସେ ଖୁବ୍ ଶୁଭ ସମ୍ବାଦଟାଏ ଦେବ ବୋଲି ବିହ୍ୱଳ ହୋଇପଡ଼ିବା ସଙ୍ଗେ ସଙ୍ଗେ ତାଙ୍କର ଅନୁମାନକୁ ତାରିଫ୍ ନ କରି ରହିପାରିଲାନି ।

ସେତେବେଳକୁ ତାରିଜନ ବୁଝି ପାରି ନ ଥାଏ ଯେ, ଏଇ ତାର ଦୁ'ଟାକୁ ସଂଯୋଗ କରିବା ଫଳରେ ସେ କେତେ ବଡ଼ ଭୁଲଟାଏ କରିପକେଇଛି ଯାହା ଫଳରେ କି ତା' ଜୀବନରେ ଏକ ବିରାଟ ଚକ୍ରାନ୍ତ ରୂପ ନେଉଛି । ଆଉ କିଛିଟା ମାତ୍ର ଅନୁସନ୍ଧାନ କରି ସେ କିଛି ବିଶେଷ ଜାଣିବାଭଳି ନ ପାଇଲାରୁ ବାହାରକୁ ଚାଲିଆସିବାକୁ ବସିଥିଲା, ହଠାତ୍ ଦୂରରୁ କେଇଜଣ କୁଦା ମାରି ଦଉଡ଼ି ଆସିବା ଭଳି ଜଣାଗଲା । କିଛି ଆଉ ବୁଝିପାରିଲାନି ତାରିଜନ୍ । କ'ଣ କରିବ କିଛି ଠିକ୍ କରିପାରିଲା ନାହିଁ । ଏତେବଡ଼ ବୋକାମି ସେ କରିବ ବୋଲି ତା'ର ଧାରଣା ନ ଥିଲା । ଆଉ କିଛି ଉପାୟ ନ ପାଇ ସେ ଘରର ମହମବତୀଟା ଲିଭାଇ ଦେଇ ଗୋଟାଏ ଫାଳର କବାଟ ବନ୍ଦ କରିଦେଲା, ଆଉ ଗୋଟିଏ ପାଖ କେବଳ ଖୋଲା ରଖି ତା'ର କଡ଼ରେ ଠିଆ ହୋଇ ରହିଲା ଅନ୍ଧାରରେ । ସେ କେଇଜଣ ଆସି

ଦୁଆର ମୁହଁରେ ଠିଆହୋଇ କେତେ ପ୍ରକାରର କ'ଣ ସଙ୍କେତ ଦେଲେ । ତାରଜନ ମନରେ ଭାବୁଥିଲା, ସେ ସଙ୍କେତର କିଛି ଗୋଟାଏ ପ୍ରତ୍ୟୁତ୍ତର ଦେବ ବୋଲି । କିନ୍ତୁ ପରମୁହୂର୍ତ୍ତରେ ଭାବିଲା କାଳେ ଯଦି ଭୁଲ ହୋଇଯିବ, ତା'ହେଲେ ଅବସ୍ଥା ଆହୁରି ଖରାପ । ବରଂ ଏମିତି ରହିବାକୁ ସେ ଉଚିତ ମନେକଲା ।

ଦସ୍ୟୁଦଳ ନିଶ୍ଚିତ ହୋଇଗଲେ ଯେ, ଘର ଭିତରେ ନିଶ୍ଚୟ ତାଙ୍କ ଲୋକ ନାହିଁ ; ନିଶ୍ଚୟ ଅନ୍ୟକେହି ଅଛି । ତେଣୁ ସେ ଘର ଭିତରେ ପ୍ରବେଶ କରିବାକୁ ଆରମ୍ଭ କଲେ । ଯେହେତୁ ଗୋଟାଏ ଫାଳ କବାଟ ଦିଆ ହୋଇଥାଏ, କେବଳ ଜଣ ଜଣ କରି ତା ଭିତରକୁ ପଶିହେବ । ସେମାନେ ପଶିବାର ଉପକ୍ରମ କରିବା ମାତ୍ରେ ତାରଜନ୍ ପକେଟରୁ ଗୋଟିଏ ଗ୍ଲୋଟ ଶିଶି ଆଉ ରୁମାଲଟିଏ ଧରି ରଖିଲା ହାତରେ । ଜଣେ ଠିକ୍ ସେ କବାଟ ଭିତର ଦେଇ ଭିତରକୁ ପଶିବା ମାତ୍ରେ ସେଇ ଅନ୍ଧାର ଭିତରେ ସେ ଆଲୋକ ଜାଳିବା ଆଗରୁ ତା ମୁହଁରେ ହାତ ପକେଇ ସେ ରୁମାଲ ମିଶା ପାଟି ବନ୍ଦ କରିଦେଲା ତାରଜନ୍ । ତେଣୁ ମାତ୍ର ୫ ସେକେଣ୍ଡ ଭିତରେ ସେ ଟଳିପଡ଼ିଲା । ତା ପରେ ଆଉ ଜଣେ ପଶିଆସିବା ମାତ୍ରେ ଠିକ୍ ସେଇଭଳି ତାକୁ ଧରି ବେହୋସ କରିଦେଲା । ଏମିତି ପ୍ରାୟ ସାତଜଣ ଖଣ୍ଡେ ପଶିଆସିଲେ । ଆଉ ସେମାନଙ୍କ ଫେରିବାର କୌଣସି ଶବ୍ଦ ନ ଶୁଣି ସେ ଦଳର ନେତା ଯିଏ ସେ ବାହାରେ ଠିଆ ହୋଇ ବ୍ୟସ୍ତ ହୋଇଉଠିଲା । ତା'ପରେ କ'ଣ କେମିତି ସଙ୍କେତ ଦେଲା । କିନ୍ତୁ କିଛି ପ୍ରତ୍ୟୁତ୍ତର ନ ପାଇ ସେ ରାଗରେ ଗର୍ଜିଉଠିଲା—

"ଭିତରେ କିଏ ଅଛ, ବାହାରି ଆସ, ନ ହେଲେ କୁକୁର ପରି ଗୁଳି କରି ମାରିବି ।" ତାରଜନ ସେଇ ଝରକା ଜାଲା ବାଟେ ଚାହିଁ ଦେଖିଲା, ଆଉ ଦୁଇଜଣ ବିଶାଳକାୟ ପୁରୁଷ ଠିଆ ହୋଇ ଜଗିଛନ୍ତି, ହାତରେ ପିସ୍ତଲ । ସେମାନଙ୍କର ଆଉ ଭିତରକୁ ପଶିବାର କୌଣସି ଆଶା ନ ଦେଖି ତାରଜନ ଅନ୍ୟ ଏକ ଉପାୟ ଚିନ୍ତା କରିବାକୁ ଲାଗିଲା । କିଛିକ୍ଷଣ ପରେ ଆଉଥରେ ସେମିତି ସେ ଲୋକଟା ଗର୍ଜ୍ଜନ କଲା । କିନ୍ତୁ ପ୍ରତ୍ୟୁତ୍ତର ନ ପାଇବାରୁ ଭିତରକୁ ପ୍ରବେଶ କରିବାକୁ ସେ ନିଷ୍ପତ୍ତି କଲା । ଯେତେହେଲେ ବି ତାରଜନର ରକ୍ତ ନିଶ୍ଚୟ କିଛି ଉପାଦାନରେ ତିଆରି । ଯେ କୌଣସି ଲୋକ ହୁଏତ ଧୈର୍ଯ୍ୟର ପ୍ରକାଶ କରିଥାନ୍ତା; କିନ୍ତୁ ଏଇ କୁକୁର ଶବ୍ଦଟା ଶୁଣିସାରିଲା ପରେ ତାର ରକ୍ତରେ ନିଆଁ ଲାଗିଯାଇଥାଏ । ଯେତେହେଲେ ସେ ବଣର ସିଂହ ବାଘ ସାଙ୍ଗରେ ଲଢ଼ି ସେଇ ଉପାଦାନରେ ତିଆରି ହୋଇଛି ।

ଜିଭଟାକୁ କାଳରେ ଭର୍ତ୍ତି କରି ସେ ଆଉଥରେ ସେଇ ଜାଳାବାଟେ ଗୁହିଁ ଦେଖିଲା,
ଜଣେ ଅନ୍ୟ ଜଣକୁ କହୁଛି—

"ଗୁରୁ ! ଏଥର ଭିତରକୁ ମୁଁ ଯାଉଛି । ଆପଣ ଥାଆନ୍ତୁ ।" ଅନ୍ୟ ଲୋକଟା ଏକ ବିଶାଳ ବପୁ ନେଇ ଠିଆ ହୋଇଥାଏ । ସେ ଉତ୍ତର ଦେଲା—

"ନା, ତୁ ଟର୍ଚ୍ଚ ମାରି ଆଉ ତୋ ପିସ୍ତଲଟା ଦେ । ମୁଁ ହାତା ପିସ୍ତଲ ଧରି ଗୁଲୁଛି । ତୁ ଆଲୁଅ ଦେଖା । ତାକୁ କୁକୁର ଭଳି ଆଜି ମାରିବି, ତାପରେ ଦେଖିବି ସେ କେତେବଡ଼ ସାହସୀ !"

ସତକୁ ସତ ତାରଜନ୍ ଦେଖିଲା, ସେ ଦୁହେଁ ସେହିପରି ଧରି ଆଗେଇବା ଉପରେ । ତାରଜନ୍ ଭାବିଲା ସେ ଆଉ କାଳବିଳମ୍ବ ନ କରିବା ଉଚିତ । କୁକୁର ଭଳି ମାରିବାକୁ ପଡ଼ିବ ସେ ଦୁହିଁଙ୍କୁ, ଯାହା ସେ ତାରଜନକୁ କହୁଛି । ଏଇଆ ଭାବି ତାରଜନ୍ ଦେଖିଲା ସେଇ କାଚର ଝରକା ସିଧାରେ ଦୁହେଁ ଠିଆ ହେଇଛନ୍ତି । ଶତ ସିଂହର ବଳ ନେଇ ଗୋଟାଏ ଧକ୍କା ମାରିଲା ସେ ଝରକାକୁ । ବିସ୍ଫୋଟ ଖଣ୍ଡେ ପଥର ଭଳି, ଖାଲି ଝରକାଟା ନୁହେଁ, କାଚଟା ଯାଇ ଛେଚିହୋଇଗଲା ସେଇ ପିସ୍ତଲ ଧରିଥିବା ଲୋକ ଉପରେ । ଏକ ଅସ୍ପଷ୍ଟ ଆର୍ତ୍ତନାଦ କରି ସେ ପଡ଼ିଗଲା । ତା' ଉପରେ କାଚରୁ ବିସ୍ଫୋଟ ଖଣ୍ଡେ । ଆର ଲୋକଟା ଉପରେ ମଧ୍ୟ କାଚର ଖଣ୍ଡେ ଛିଟିକି ଯାଇ ପଡ଼ିଲା ସତ; କିନ୍ତୁ ସେ ଖସିଗଲା ତା ତଳୁ । ହେଲେ ତାରଜନ ସେଥିପାଇଁ ମୋଟେ ବ୍ୟସ୍ତ ହେଲାନି; କାରଣ ସେ ଲୋକଟା ହାତରେ ପିସ୍ତଲ ନ ଥାଏ । ନିଜ ପାଖରେ ମଧ୍ୟ ପିସ୍ତଲ ଅଛି ବୋଲି ତାରଜନ ଭୁଲିଗଲା । ଏକା ଝୋପାକେ ଯାଇ ଠିକ୍ ଗ୍ରେଟ କୁକୁଡ଼ାକୁ ଆଡି ଭଳି ଗୋଟାଏ ଗୋଡ଼ରୁ ଟେକି ତାକୁ ଧରି ପକେଇଲା । ଆଉ ଆର ହାତରେ କାଚ ତଳୁ ଆର ଲୋକଟାକୁ ଉଠେଇ ଆଣିଲା । ସେତେବେଳକୁ ସେ ଲୋକଟା ମଲା ଅବସ୍ଥାକୁ ଗୁଲିଆସିଥାଏ । ଦୁଇଜଣଙ୍କୁ ଗୋଟାକ ଉପରେ ଗୋଟାଏ କଚାଡ଼ିବାକୁ ଆରମ୍ଭ କଲା ସେ । ଏଇ ସମୟରେ କାଚ ପଡ଼ିବା ଶବ୍ଦ ଶୁଣି ଦୂରରୁ ଚୌଧୁରୀ ଆସି ଦେଖନ୍ତି ତ ଏଇ ଅବସ୍ଥା । କୌଣସିମତେ ତାରଜନକୁ ଅଟକେଇବାରୁ ତାର ରାଗ ଦମନ କରି ସେ ଅଳ୍ପକେ ସବୁକଥା କହିଗଲା ।

ଅତି ଶୀଘ୍ର ସେ ଲୋକଗୁଡ଼ାଙ୍କର ବେହୋସ ଦେହକୁ ବଙ୍ଗଳାର ଗୋଟିଏ ରୁମରେ ପକେଇ ଅତି ଭଲଭାବରେ ନିବୁଜ କରି କବାଟ ବନ୍ଦ କରି ତାଲା ଦେଇଦେଲେ ଏବଂ ଯାଇ ସେ ତାର ଦୁଇଟିକୁ ପରୀକ୍ଷା କରିସାରିବା ପରେ

ଚୌଧୁରୀଙ୍କ ମୁହଁରେ ହସ ଖେଳିଗଲା । ଉଭୟ ଜଙ୍ଗଲର ସେଇ ଭିତର ଆଡ଼କୁ ଆଗେଇଲେ ।

ଚାରଜଣ ସେଇ ପୂର୍ବ ପରିଚିତ ସ୍ଥାନକୁ ନେଇଗଲା । ଦୂରରୁ ଦେଖିଲେ ଉଭୟ । ସେଇ ମସ୍ତବଡ଼ ଆକୃତିର ଜୀବ ଠିକ୍ ଗଛ ଉଛର ଠିଆ ହୋଇଛି । ଘୁରିପଟଯାକ ଘେରି ବସିଥାନ୍ତି ପ୍ରାୟ ପଚିଶ ଜଣ ଖଣ୍ଡେ ଅନୁଚର । କିଛି ଗୋଟାଏ ସ୍ୱରରେ ଭାଷଣ ଦେଉଛି ଭଳି ଜଣାପଡ଼ୁଥାଏ ! ଆଉ ପାଖକୁ ଯିବାଟା ବିପଦ ଭାବି ଦୁହେଁ ଗୋଟାଏ ଘଞ୍ଚ ବୁଦା ଆଢ଼ୁଆଳରେ ନିଜକୁ ଲୁଚାଇ ରଖିଲେ । ଚୌଧୁରୀ ବ୍ରେଷ୍ଟ ବାଇନୋକୁଲାରଟି କାଢ଼ି ନିରୀକ୍ଷଣ କରି କ'ଣ ଦେଖିବାକୁ ଲାଗିଲେ । ତା'ପରେ ସରୁ ତାରଟିଏ କାଢ଼ି ଗୋଟିଏ ଗୋଡ଼ ବାନ୍ଧି ସାମାନ୍ୟ ଦୂରକୁ ଛୁଟିଦେଇ ତା'ର ସ୍ପିକରଟିକୁ କାନ ପାଖରେ ଧରିବାରୁ ଦୂରରେ ହେଉଥିବା ସମସ୍ତ କଥାବାର୍ତ୍ତା ଶୁଣାଗଲା ସ୍ପଷ୍ଟଭାବେ ।

ପ୍ରଥମେ ସେ ଆଶ୍ଚର୍ଯ୍ୟ ହୋଇପଡ଼ିଲେ ଯେ, ସେଇ ଅଦ୍ଭୁତ ବିରାଟକାୟ ଜୀବଟା ମଧ୍ୟ ମନୁଷ୍ୟ ଭାଷାରେ କଥା କହୁଛି । ସେ କହୁଥାଏ—

'ମୁଁ ଜାଣେ, ତମେମାନେ ସମସ୍ତେ ଗୋଟାଏ ଗୋଟାଏ ଅପଦାର୍ଥ । ମୁଁ ତମ କାହାକୁ ଛାଡ଼ିବିନି । ଦି'ଟା ଲୋକ ଗୋଟାଏ ଜିପ୍‌ରେ ଯାଉଥିଲେ, ତାଙ୍କୁ ମାରିପାରିଲନି; ସେ ବଞ୍ଚିଗଲେ । ଭ୍ୟାଂକୋଭର ଭଳି ଗୋଟାଏ ଅସ୍ତ୍ରକୁ ଆମରି କିଏ ମାରିଦେଲା, ତମେ ତା ଜାଣିପାରିଲନି । ବର୍ତ୍ତମାନ ଯୋଉ ବେଲ୍ ବାଜିଲା ଡାକବଙ୍ଗଳାରୁ, ଏତେଜଣ ଗଲେ, କେହି ଏ ପର୍ଯ୍ୟନ୍ତ ସିଗ୍‌ନାଲ୍ ବେଲ୍ ଦେଲେ ନାହିଁ । କ'ଣ ହେଲା ବି ସେଠି ବୁଝିହେଲା ନାହିଁ । ମୁଁ ଚାହେଁ, ତମ ସମସ୍ତଙ୍କୁ ତଣ୍ଟି ଚିପି ମାରିବି ।'

ଏଇ କଥା ଉପରେ ସେଠି ବସିଥିବା ଜଣେ ଲୋକ କହିଲା, 'ସର୍ଦ୍ଦାର, ମତେ ଟିକିଏ ଏଇ ବଙ୍ଗଳା ପାଖରୁ ଆସିବାକୁ ଦିଅନ୍ତୁ । ମୁଁ ଯାଇ ସାଙ୍ଗେ ସାଙ୍ଗେ ସିଗ୍‌ନାଲ୍ ।'

'ବେଶ୍ ତମେ ଯାଅ, ଦେଖ, ସେମାନେ କ'ଣ କରୁଛନ୍ତି । ଯଦି ବେଶୀ କିଛି ବିପଦ ହୋଇଥାଏ, ତା'ହେଲେ ଦି'ଟା ବେଲ୍ ଦେବ । ଯଦି ସବୁ ସୁବିଧାରେ ଥିବ, ତା' ହେଲେ ଗୋଟାଏ ବେଲ୍ ଦବ । ତା' ପରେ ସେମାନେ ଆସିଲେ ତାଙ୍କର ବିଚାର କରାଯିବ ।'

ଏଇ କଥା ପରେ ଲୋକଟା ଉଠିଲା । ଚୌଧୁରୀ ତାରଜନଙ୍କୁ ଇସାରା ଦେବା ମାତ୍ରେ ସେ ମଧ୍ୟ ଲୁଚି ଲୁଚି ଚାଲିଗଲା । ସେ ଯିବା ପରେ ଚୌଧୁରୀ ଶୁଣିଲେ; ସେଇ ଜୀବଟା ପୁଣି ଚିତ୍କାରକରୁଚି—

‘ସାତ ନମ୍ବର କାହିଁ ?’

ତା କଥା ଅନୁଯାୟୀ, ସାତ ନମ୍ବର ଯାହାର, ସେଇ ଭିତରୁ ଜଣେ ଉଠି ଠିଆ ହେଲା ।

‘ତମେ ସେଦିନ ଭ୍ୟାନ୍‌ହୋଲ୍‌ରକୁ ନେଇପାରିଲନି ସେ କ୍ୟାମ୍ପକୁ । ସେଥିପାଇଁ ତକୁ କିଏ ମାରିଦେଲା, ଜଣାପଡ଼ିଲାନି ।’ ଏତିକି କହି ସେ ଜୀବଟା ସେଇଆଡ଼କୁ ଆଗେଇଆସିଲା । ତା’ର ବିଶାଳକାୟ ହାତରେ ଠିକ୍ ଫୁଲଟିଏ ଭଳି ସେ ସାତ ନମ୍ବରକୁ ଟେକି ଧରିଲା । ଖାଲି ବିଲେଇ ଶବ୍ଦ କଲାଭଳି ଚେଁ କରି ଶବ୍ଦଟା ହେଲା । ତା’ପରେ ଚୌଧୁରୀ ଦେଖିଲେ, ଲୋକଟା ଛିଟିକି ଆସି ପ୍ରାୟ ତାଙ୍କ ଲୁଚିବା ଜାଗାରୁ ଦଶ ହାତ ଦୂରରେ ପଡ଼ିଲା । ସେ ବିଶ୍ୱାସ କରିପାରିଲେନି ଯେ, ଗୋଟାଏ ମଣିଷକୁ ଟେକା ଭଳି କୌଣସି ଗୋଟାଏ ଶକ୍ତି ଏମିତି ଫିଙ୍ଗିଦେଇପାରେ । କେବଳ ତାରଜନ୍ ଉପରେ ତାଙ୍କର ଭରସା ଥିଲା । କିନ୍ତୁ ଏ କ୍ଷେତ୍ରରେ ତାରଜନ ଯେ ଆଉ କିଛି ତା’ଠାରୁ ଅଧିକ କରିପାରିବ, ତାହା ସେ ବିଶ୍ୱାସ କଲେ ନାହିଁ । ବେଶ୍ କିଛିକ୍ଷଣ ଗଲା ପରେ ବି ଦେଖିଲେ ସେ ଲୋକଟା ହଲ୍‌ଚଲ୍ ହଉନି । ଆସ୍ତେ ଆସ୍ତେ ସାହସ କରି ତା ପାଖକୁ ଆଗେଇଲେ । ହାତରେ ଥିବା ରୁମାଲ୍‌ଟାରେ କେତେ ବୁନ୍ଦା ଗୋଟାଏ ଶିଶିରୁ ଢାଳି ଧରି ପାଖକୁ ଗଲେ । କିନ୍ତୁ ଲୋକଟାର ହୋସ୍ ଥିଲାଭଳି ଜଣାପଡ଼ିଲାନି । ଯାଇ ପାଖରେ ଦେଖନ୍ତି ତ ଲୋକଟା ମରିଯାଇଚି । ସେଇ ଅନ୍ଧାର ଭିତରେ କିଛିକ୍ଷଣ ପରୀକ୍ଷା ପରେ ମିଃ ଚୌଧୁରୀଙ୍କ ମୁହଁରେ ସାମାନ୍ୟ ହସ ଫୁଟିଉଠିଲା । ସତେ ଯେମିତି ଗୋଟାଏ ମସ୍ତବଡ଼ ମୂଲ୍ୟବାନ ପଦାର୍ଥ ସେ ପାଇଚନ୍ତି । ଠିକ୍ ଏତିକିବେଳେ ସେ ଅନୁଭବ କଲେ ଯେ, ସତେ ଯେମିତି ଇଲେକ୍‌ଟ୍ରିକ ବଜର୍ ଭଳି ଥରଟାଏ କ’ଣ ଶବ୍ଦ ହେଲା । ସେ ବିରାଟକାୟ ଜୀବଟି ଘୋଷଣା କଲା ଯେ, ତାଙ୍କର ଆଉ ଚିନ୍ତା କରିବାର ନାହିଁ । ବଙ୍ଗଳା ପାଖରୁ ଭଲ ଖବର ଆସିଚି ଏବଂ ସେ ଯିଏ ଯାଇଥିଲା, ସାତ ନମ୍ବରକୁ ପ୍ରମୋସନ ଦିଆଯିବ । ପୁଣି ତା’ର ଗୁରୁଗମ୍ଭୀର ସ୍ୱର ତାଙ୍କୁ ଶୁଣାଗଲା—

'ଶୁଣ ! ପଅରଦିନ ଆମର ତିନିଟାଯାକ କ୍ୟାମ୍ପର ଏକାଠି ବୈଠକ ହେବ । ମାଲିକ କହୁଛି ଯେ ଗୋଟାଏ ଗ୍ରେଟ ଭୋଜି ହେବ । କାହିଁକି,ଜାଣ ? ସେଇଦିନ ଗୋଟାଏ ସବୁଠାରୁ ଭଲ ଦୃଶ୍ୟ ସେ ଆମକୁ ଦେଖେଇବ । କିନ୍ତୁ ଦେଖ, କାଲିଠାରୁ ଆମର କାମ ବହୁତ କମିଯାଇଛି । ଆଜି ରାତିସାରା ମାଲ ଯୋଗାଡ଼ କରିବାକୁ ପଡ଼ିବ । କାଲି ଦିନ ଆଉ ରାତି, ଯେତେ କାଠ ଆଉ ଚିଜ ଯୋଗାଡ଼ କରାଯାଇପାରେ । ପଅରଦିନ ଆମର ବୈଠକଟା ଏଇ କ୍ୟାମ୍ପରେ ବସିବ । ସମସ୍ତେ ଏଠିକି ଆସିବେ । କିନ୍ତୁ ତା ଆଗରୁ ଆମର ଯୋଗାଡ଼ କରିଥିବା ଜିନିଷ ନେଇ ଫ୍ୟାକ୍ଟରୀରେ ଦେଇଆସିବାକୁ ପଡ଼ିବ ।'

କଥାଟା କେମିତି ସରିଆସିଲା ଭଳି ଲାଗିଲା ଚୌଧୁରୀଙ୍କୁ । ହୁଏତ ଆଉ ଅଳ୍ପ ସମୟ ଭିତରେ ସେ ଆସର ସରିଯିବ । କାରଣ ତା'ର ଶେଷ ଆଦେଶ ଶୁଣାଗଲା—'ସାତ ନମ୍ବରଟାକୁ ନେଇଯାଇ ଭ୍ୟାନୋଭର ନମ୍ବର ଦୁଇ ଆଗରେ ପକେଇଦିଅ ।'

ଚୌଧୁରୀ ଆଉ ଡେରି କରିବାକୁ ଚାହିଁଲେନି, ହୁଏତ ସେ ନିଜେ ମଧ୍ୟ ଭ୍ୟାନୋଭର ଆଗରେ ପଡ଼ିପାରନ୍ତି । ସେଭଳି ଅଦ୍ଭୁତ ଜୀବକୁ ସେ ଦେଖି ନ ଥିଲେ ମଧ୍ୟ ତାରଜନଠୁଁ ତା'ର ପ୍ରକୃତି ସମ୍ବନ୍ଧରେ ଶୁଣିଚନ୍ତି । ଜୀବନବିକଳରେ ଖୁବ୍ ସନ୍ତର୍ପଣରେ ଦଉଡ଼ି ପଳେଇଗଲେ । ଯାଇ ବଙ୍ଗଳା ପାଖରେ ପହଞ୍ଚିଲା-ବେଳକୁ ଦେଖିଲେ ନିର୍ଦ୍ଦିଷ୍ଟ ସ୍ଥାନରେ ତାରଜନ୍ ତାଙ୍କୁ ଅପେକ୍ଷା କରିଛି । ଚୌଧୁରୀ ଅଳ୍ପକେ ଇସବ୍ ଦେଲମାନେ ଗାଡ଼ି ବାହାର କଲା ତାରଜନ୍ । ଚୌଧୁରୀ ପଚାରିଲେ—

"ଏତେଗୁଡ଼ାଏ ଲୋକଙ୍କୁ ସେଠି ପକେଇ ଦିଆଯାଇଛି ବେହୋସ କରି । ସେମାନେ ଯେତେବେଳେ ଜାଣିବେ ଯେ, ଏଭଳି କିଏ ତାଙ୍କ ପଛରେ ଲାଗିଛି, ତା'ହେଲେ ବେଶୀ ସଜାଗ ହୋଇଯିବେ । ତା'ଛଡ଼ା ଏତେ ଲୋକଙ୍କୁ ବି ତ ନବା ସମ୍ଭବ ନୁହେଁ ।"

ତାରଜନ ଉତ୍ତର ଦେଲା—

"ସେଇ ବଙ୍ଗଳାର ଗୋଟାଏ ଘର ଭିତରେ ସମସ୍ତଙ୍କୁ ପକେଇ ତାଙ୍କୁ ଆଉ ଟିକେ ହାଇ ଡୋଜ୍ ଦେଇଦେଇଛି, ଯେମିତିକି ଆସନ୍ତାକାଲି ସନ୍ଧ୍ୟା ପର୍ଯ୍ୟନ୍ତ ଚେତା ଫେରିବନି । ତା' ଛଡ଼ା ଏଇ ବଙ୍ଗଳାର ଗୋଟିଏ ରୁମରେ ଦେଖିଲି ଅନେକଗୁଡ଼ାଏ ମଦବୋତଲ ଥୁଆ ହୋଇଛି । ତାକୁ ସବୁ ଆଣି ସବୁଥିରେ ଟିକେ

ଟିକେ ରଖିଦେଇ ସେଠି ଖୋଲି ଥୋଇଦେଇଛ, ଆଉ ତାଙ୍କ ମୁହଁ ପୋଷାକ ସବୁ ଉପରେ ଢାଙ୍କିଦେଇଛ ।”

ତା'ର ଏଇ ବୁଦ୍ଧିକୁ ଚୌଧୁରୀ ପ୍ରଶଂସା ନ କରି ରହିପାରିଲେନି । ସେତେବେଳକୁ ଗାଡ଼ି ଷ୍ଟାର୍ଟ ହୋଇସାରିଥାଏ ।

ଘରେ ଆସି ପହଞ୍ଚିଲାବେଳକୁ ପ୍ରାୟ ସକାଳ ସାତଟା ବାଜିଯାଇଥାଏ । ସେତେବେଳକୁ ଅଜୟ ବମ୍ବେରୁ ଫେରି ବିଶ୍ରାମ କରୁଥାନ୍ତି । ଚୌଧୁରୀ ଓ ତାରଜନ ଆତୁର ବ୍ୟଗ୍ର ହୋଇପଡ଼ି ନିଜର ନିତ୍ୟକର୍ମ ସାରିବାକୁ ବାହାରିଗଲେ ।

ବୃଦ୍ଧ ଗ୍ରେଟରାୟଙ୍କର ଅବସ୍ଥା ଦିନକୁ ଦିନ କ୍ରମଶଃ ବେଶୀ ଖରାପ ଆଡ଼କୁ ଗତି କରିବା ଆରମ୍ଭ କରିଛି । ଡାକ୍ତର ମଧ୍ୟ ତାଙ୍କୁ ସଚେତବାଣୀ ଶୁଣେଇଛନ୍ତି, ଆଉ ତାଙ୍କର ପ୍ରଧାନ କର୍ତ୍ତବ୍ୟ ମଧ୍ୟ କଣ ହେବା ଉଚିତ ସେ କଥା କହିସାରିଛନ୍ତି । ତେଣୁ ଗ୍ରେଟରାୟ ଗତ ରାତିରେ ମନସ୍ଥ କରିଛନ୍ତି, ଆଜି ସେ ଦାୟିତ୍ୱ ମୁଣ୍ଡରୁ ଓହ୍ଲାଇଦେବେ । ସେଥିପାଇଁ ସକାଳୁ ବାରିଷ୍ଟର ମିହିରବାବୁଙ୍କ ନିକଟକୁ ସେ ଖବର ପଠେଇଛନ୍ତି । ସେ ମଧ୍ୟ ବର୍ତ୍ତମାନ ଆସି ପହଞ୍ଚିବେ । ତାଙ୍କରି ଅପେକ୍ଷାରେ ବସିଛନ୍ତି ବୃଦ୍ଧ ଗ୍ରେଟରାୟ ।

କେତେକ୍ଷଣ ପରେ ବାରିଷ୍ଟର ମିହିରବାବୁ ଆସି ପହଞ୍ଚିଗଲେ । ସୁଶ୍ରୀ ତରୁଣ ନ ହେଲେ ବି ତାରୁଣ୍ୟ ଅତିକ୍ରମ କରିଯାଇନି ପୂରା ଭାବରେ । ତାଙ୍କର ପ୍ରାଥମିକ ଚର୍ଚ୍ଚା ପରେ ଗ୍ରେଟରାୟ ଆରମ୍ଭ କଲେ ତାଙ୍କର କାର୍ଯ୍ୟ, ଯାହାକୁ ସଂକ୍ଷେପରେ ଏତିକି କୁହାଯାଇପାରେ—

ବୃଦ୍ଧ ଗ୍ରେଟରାୟଙ୍କର ଅତୁଳ ବିଭବର ପରିଣାମ, ବଂଶର ଶେଷ ଆଶା ଶୁଭେନ୍ଦୁଙ୍କର ଅଘଟଣ ପରେ କ'ଣ ହେବ ? ସେ ବର୍ତ୍ତମାନ କେବଳ ସେଇଥିପାଇଁ ପ୍ରକାରାନ୍ତରରେ ବେଶି ବିବ୍ରତ ହୋଇପଡ଼ିଛନ୍ତି । ତାଙ୍କର ପ୍ରାଇଭେଟ୍ ଡକ୍ଟର ତାଙ୍କୁ ଉପଦେଶ ଦେଇଛନ୍ତି ଯେ ଯେତେ ଶୀଘ୍ର ସେ ସେଇ ଦାୟିତ୍ୱରୁ ମୁକ୍ତ ନ ହେଉଛନ୍ତି, ହୁଏତ ତାଙ୍କର ଅବସ୍ଥା ବେଶୀ ଖରାପ ଆଡ଼କୁ ଗତି କରିବା ସ୍ୱାଭାବିକ । ଆଜି ଯେ ସେଇଥିପାଇଁ ମିହିରବାବୁଙ୍କୁ ଡାକିଛନ୍ତି ସମସ୍ତ କାଗଜପତ୍ର, ଉଇଲ, ଦଲିଲ ହସ୍ତାନ୍ତର କରିବେ ସୁଖେନ୍ଦୁଙ୍କୁ । ଯଦିଓ ସେ ସଂସାର କରିନାହାନ୍ତି ତଥାପି ବୃଦ୍ଧଙ୍କର ଇଚ୍ଛା ଯେ ତାଙ୍କ ଅନ୍ତେ ସେ ସମ୍ପତ୍ତି ଯାହା କରନ୍ତୁ, କିନ୍ତୁ ବଞ୍ଚିଥିବା ଅବସ୍ଥାରେ ତ ଆଉ କାହାକୁ ଦେଇଯାଇପାରିବେନି । ଆଜି ସେ ଦାୟିତ୍ୱରୁ ମୁକ୍ତ ହୋଇସାରିଲେ

ପରେ ସେ ସ୍ୱଚ୍ଛନ୍ଦ କିଛୁଦିନ ଭାରତର ବିଭିନ୍ନ ସ୍ଥାନରେ ବୁଲିବେ, ତୀର୍ଥ କରିବେ ଓ ତା ସଙ୍ଗେ ସଙ୍ଗେ ନିଜର ଶେଷ ଜୀବନକୁ କଟିବ। ଏଇଭଳି ବ୍ୟସ୍ତ ରହିପାରିଲେ ଶୁଭେନ୍ଦୁଙ୍କୁ ସେ ଭୁଲିପାରିବେ । ତାଙ୍କର ଏଇ ଉଦ୍ଦେଶ୍ୟ ସେ କନଓ୍ୱାରଙ୍କୁ ମଧ୍ୟ ଟେଲିଫୋନ୍ ଯୋଗେ ଜଣେଇଦେଇଥିଲେ ।

ସେ ଯାହାହେଉ, ମିହାରବାବୁ ସବୁ ବୃତି ଯଥାବିଧି ଆଲୋଚନା ଆରମ୍ଭ କଲେ । କାଗଜପତ୍ରରେ ଯାହା ଲେଖାଲେଖି ହେବା କଥା ପ୍ରାୟ ଲେଖା ହୋଇଗଲା । ସେଗୁଡ଼ିକ ଖାଲି ରେଜିଷ୍ଟ୍ରି ଦସ୍ତଖତ କରିସାରିଲେ ମିହାରବାବୁ ନେଇଯିବେ । ହଠାତ୍ ଏଇ ସମୟରେ ମିହାରବାବୁଙ୍କ ଘରୁ ଟେଲିଫୋନ ଆସିଲା, ତାଙ୍କର ସାନପୁଅ କୋଠା ସିଡ଼ିରୁ ଖସିପଡ଼ିଛି, ତାକୁ ଡାକ୍ତରଖାନା ନବାକୁ ଗାଡ଼ି ଦରକାର । ମିହାରବାବୁ ଆଉ କାଳବିଳମ୍ବ ନ କରି ସେ କାଗଜପତ୍ର ସେଇଠି ଛାଡ଼ିଦେଇ ବିଦାୟ ନେଇ ଚାଲିଆସିଲେ ।

ଇଆଡ଼େ ଶୁଭେନ୍ଦୁ ମଧ୍ୟ ବିବ୍ରତ । ଏକେ ତ ବାପା ଘର ଛାଡ଼ି ଚାଲି ଯିବେ । ତା' ଛଡ଼ା ଏତେଗୁଡ଼ାଏ କାମ ସେ କେବଳ କର୍ତ୍ତବ୍ୟ ଦୃଷ୍ଟିରୁ କରୁଥିଲେ । ଏସବୁର ଦାୟିତ୍ୱ ନବାକୁ ସେ ମୋଟେ ଚାହାନ୍ତି ନାହିଁ । ତେଣୁ ତାଙ୍କ ନାଁରେ ଏସବୁ ସମ୍ପତ୍ତି ହବାକୁ ସେ ଅତି ଦୃଢ଼ତାର ସହିତ ବିରୋଧ କରୁଥିଲେ । କିନ୍ତୁ କିଛି ଫଳ ହେଲାନି । ବୃଦ୍ଧଙ୍କର ଯୁକ୍ତି ପାଖରେ ଶୁଭେନ୍ଦୁଙ୍କର ଦୃଢ଼ତା ହାରି ମାନିଲା । ଯେମିତି ହେଲେ ବି ସେ ଘର ଛାଡ଼ି ତୀର୍ଥ କରିବାକୁ ଯିବେ । ତେଣୁ ତାଙ୍କ ପାଇଁ ଗୋଟାଏ ଗାଡ଼ି ଓ ଡ୍ରାଇଭର ତଥା ଜଣେ ଚାକର ଛଡ଼ା ଅନ୍ୟାନ୍ୟ ଆନୁଷଙ୍ଗିକ ବନ୍ଦୋବସ୍ତ ପାଇଁ ଶୁଭେନ୍ଦୁ ଲାଗିପଡ଼ିଛନ୍ତି ।

× × × ×

ସକାଳୁ କନଓ୍ୱାରଙ୍କ ଘରେ ଏକ ପ୍ରାତଃକାଳୀନ ଜରୁରୀ ବୈଠକ ବସିଥିଲା କହିଲେ ଚଳେ । ଚୌଧୁରୀ, ଅଜୟ, ତାରିଜନ ଓ କନଓ୍ୱାର କେବଳ ଉପସ୍ଥିତ ଥିଲେ ସେଠି । ଦୀର୍ଘ ଦୁଇ ଘଣ୍ଟାର ଏକ ବିଶଦ ଆଲୋଚନା ପରେ ଚୌଧୁରୀ ଯେଉଁ ଅନୁଯାୟୀ କହିଲେ, ସେଇ ଅନୁଯାୟୀ ସମସ୍ତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ କନଓ୍ୱାର ଦୃଢ଼ ପ୍ରତିଶ୍ରୁତି ଦେଲେ । ବୈଠକ ସେତିକିରେ ଶେଷ ହେଲା, ଆଉ ସମସ୍ତେ ଉଠିଲେ ନିଜ ନିଜର ଗୁରୁଦାୟିତ୍ୱ ନେଇ । ସବୁଠାରୁ ବଡ଼ ଦାୟିତ୍ୱ କନଓ୍ୱାରଙ୍କ ଉପରେ ନ୍ୟସ୍ତ କରାଯାଇଛି । ଆଜି ତାଙ୍କର ଚାକିରି ଜୀବନର ସବୁଠାରୁ ମନେ ରଖିବା ପରୀକ୍ଷାର ଦିନ । ହୁଏତ ଆଜିର ଅଭିଯାନ ଯଦି ସଫଳ ହୁଏ

ତା'ହେଲେ ସେ ସମସ୍ତ ଗୌରବଟିକା ନେଇ ତାଙ୍କର ଭବିଷ୍ୟତ ଜୀବନରେ ନିଜକୁ ପ୍ରତିପାଦିତ କରିପାରିବେ ।

ସେଇଦିନ ଅପରାହ୍ନ ତିନିଟା ସୁଦ୍ଧା ତାରକନାଥ, ଚୌଧୁରୀ ଓ ଅଜୟ ପ୍ରସ୍ତୁତ ହୋଇପଡ଼ିଲେ । ଆଜି ସେମାନଙ୍କର ମଧ୍ୟ ଏକ ଚରମ ପରୀକ୍ଷା ଦିନ । ଏତିକିବେଳେ କନଓ୍ୱାରଙ୍କ ଗାଡ଼ି ଆସି ତାଙ୍କ ଘରେ ଲାଗିଲା । ଅଳ୍ପକେ ସେ ତାଙ୍କର କାର୍ଯ୍ୟର ସୂଚନା ଦେଇଦେଲେ । ତା'ପରେ ଚୌଧୁରୀ ଉପଦେଶ ଦେଲେ, କନଓ୍ୱାରଙ୍କୁ ଆଗରୁ ଯାଇ ସେଇ ବ୍ୟବସ୍ଥା ସବୁ ଦେଖିନବାକୁ । ସେଇ ଅନୁଯାୟୀ କନଓ୍ୱାର ଚାଲିଗଲେ । କେତୋଟି ଉପଦେଶ ଦେଇସାରିବା ପରେ ଚୌଧୁରୀ ମଧ୍ୟ ମଟର ସାଇକେଲଖଣ୍ଡିକ ଧରି ବାହାରିଗଲେ ସେଇ ପୂର୍ବବର୍ଣ୍ଣିତ କ୍ୟାମ୍ପ ନମ୍ବର ଦୁଇକୁ, ଯୋଉଠି ଭ୍ୟାନ୍‌ଡୋଭରକୁ ମାରିଆସିଥିଲା ତାରକନାଥ । କ୍ୟାମ୍ପ ନମ୍ବର ତିନିରେ, ଯୋଉଠି ସଭା ହେବ, ସେଠିକୁ ତାରକନାଥ ଆଉ ଅଜୟ ଚାଲିଲେ ।

ଚୌଧୁରୀ ଖୁବ୍ ବେଗରେ ମଟର ସାଇକେଲ ଛୁଟାଇ ଚାଲିଥାନ୍ତି । ମନରେ ଉତ୍କଣ୍ଠା ନେଇ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ସାତଟା । ମଟର ସାଇକେଲଟିକୁ ସେଇପରି ଏକ ଜଙ୍ଗଲରେ ଲୁଚାଇ ଦେଇସାରିଲା ପରେ ଖୁବ୍ ସନ୍ତର୍ପଣରେ ସେଠୁ ବାହାରିଲେ । ସେଇ ନଦୀର ଧାରେ ଧାରେ ଟପି ସେ ଯିବାକୁ ଇଚ୍ଛା କରୁଛନ୍ତି, ଏଇ ସମୟରେ ଦେଖିଲେ ପାଖରୁ କୋଉଠୁ ଟ୍ରକ୍ ଷ୍ଟାର୍ଟ କରିବାର ଶବ୍ଦ ହେଲା । ଟିକେ ପାଖକୁ ଯାଇ ଦେଖନ୍ତି ତ ତିନିଟା ଟ୍ରକ୍ ଯିବା ଉଦ୍ଦେଶ୍ୟରେ ଏବଂ ସେଥିରେ ବେଶ୍ କିଛି ଜିନିଷ ଲଦାହୋଇଥିଲା ଭଳି ଜଣାପଡ଼ୁଚି । ତା ଛଡ଼ା ପ୍ରାୟ ପାଞ୍ଚ ଜଣ ଲୋକ ସେଠି ଜମାହୋଇଥାନ୍ତି । ଚୌଧୁରୀ ବର୍ତ୍ତମାନ କଣ କରିବେ ଠିକ୍ କରିପାରିଲେନି । ହୁଏତ ଖୁବ୍ ଶୀଘ୍ର ସେ ଧରାପଡ଼ିଯାଇପାରନ୍ତି । ତେଣୁ ଅତି ସନ୍ତର୍ପଣରେ ସେ ଲୋକଗୁଡ଼ିକଙ୍କର କଥା ବାର୍ତ୍ତାରୁ ବୁଝିଲେ, ସେମାନେ ଫ୍ୟାକ୍‌ଟରୀକୁ ଯାଉଛନ୍ତି । ସେଠି ମାଲ ଦେଇସାରିଲା ପରେ ବୈଠକକୁ ଯିବେ । ଦିନଟାଯାକ ଆଜି ବହୁତ ପରିଶ୍ରମ କରି ସେତକ ସଂଗ୍ରହ କରି ସାରିବା ପରେ ଯଥେଷ୍ଟ ପରିମାଣରେ ମଦ୍ୟପିଇ ମଉଜ ଉଦ୍ଦେଶ୍ୟରେ ବାହାରିଚନ୍ତି । ଏତିକିବେଳେ ଜଣକର କଣ୍ଠସ୍ୱର ଶୁଣାଗଲା—

'ଏଥର ଯିବା, ଆଉ କେଇଁରହିଲେ କି ନା ?'

ଆଉ ଜଣେ କହିଲା, 'କେବଳ ସାତଜଣ ରହିଚନ୍ତି କ୍ୟାମ୍ପ ଜଗିବାକୁ । ବାକି ସବୁ ଆସିଗଲେ ।'

'ତା' ହେଲେ ଚାଲ, ଏଗୁଡ଼ାକ ସବୁ ଫ୍ୟାକ୍ଟରୀରେ ପକେଇଦେଇ ସେଠୁ ଚାଲିଯିବା । ଆମେ ପହଞ୍ଚିସାରିଲା ପରେ ସର୍ଦ୍ଦାର ବି ଫ୍ୟାକ୍ଟରୀ ପାଖରେ ଅପେକ୍ଷା କରିଥିବ ଯିବାକୁ ।'

ଚୌଧୁରୀ ଭାବିଲେ, ଅତି ସହଜରେ ଏଇ କ୍ୟାମ୍ପଟିକୁ ଆକ୍ରମଣ କରିହେବ ବର୍ତ୍ତମାନ । ମାତ୍ର ସାତଜଣ ଗାର୍ଡ ରହିଛନ୍ତି; ତାଙ୍କୁ ଆୟତ୍ତ କରିବାକୁ ମାତ୍ର କେତେ ସମୟ ? ଏଇ କଥା ଭାବି ସେ ଆଗ ମଟର ସାଇକେଲ ପାଖକୁ ଆସିଲେ । କାରଣ କିଛି ଦୂରରେ ତାଙ୍କ ନିର୍ଦ୍ଦେଶରେ ପୋଲିସ ଜଗୁଆଳି ରହିଛନ୍ତି, ତାଙ୍କୁ ଖବର ଦେବାକୁ ପଡ଼ିବ । ଆସି ଯାହା ଦେଖିଲେ ତାଙ୍କ ମଥା ଘୂରିଗଲା । ତାଙ୍କର ରଖିବା ସ୍ଥାନରେ ମଟର ସାଇକେଲଟି ନାହିଁ । ପ୍ରଥମେ ହତବାକ୍ ହୋଇ ସେ ଟିକେ ଖୋଜିବା ଆରମ୍ଭ କଲେ । କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର । ପଛଆଡ଼ୁ ଗୋଟିଏ ଗୁରୁଗମ୍ଭୀର ସ୍ୱର ଶୁଣାଗଲା, 'ଆଉ ତମ ବୁଦ୍ଧିର ପରାକାଷ୍ଠା ଦେଖାଅ ନା, ବନ୍ଧୁ ! ଏଥର ହାତ ଟେକ ।' ଚୌଧୁରୀ ଚମକି ପଡ଼ି ଚାହିଁଲାବେଳକୁ ଦୁଇଟା ପିସ୍ତଲ ତାଙ୍କ ଆଡ଼କୁ ଅନେଇ ରହିଛି । ଚୌଧୁରୀ ଏଠି ପ୍ରତିବାଦ କରିବା ବୋକାମି ଭାବି ହାତ ଟେକିଲେ ।

ଖୁବ୍ ଶକ୍ତ ଭାବରେ ତାଙ୍କୁ ବାନ୍ଧିଦେଇସାରିବା ପରେ ଜଣେ କିଏ ନିର୍ଦ୍ଦେଶ ଦେଲା, ସେଇ ଟ୍ରକ୍‌ର ଡାଲା ଉପରେ ତାଙ୍କୁ ପକେଇଦବାକୁ । ସେଇଆ ହିଁ ହେଲା । ଶକ୍ତବନ୍ଧନ ହୋଇ ଚୌଧୁରୀ ପଡ଼ିସାରିବା ପରେ ଟ୍ରକ ଚାଲିଲା ।

ବେଶ୍ କିଛି ସମୟ ଗଲା ପରେ ଟ୍ରକ୍ ଆଉ ଗୋଟିଏ ଘାଟ ଛାଡ଼ି ଦେଇ ଜଙ୍ଗଲ ଭିତରକୁ ପ୍ରବେଶ କଲା । ଚୌଧୁରୀ ବୁଝିପାରିଲେ ଯେ ସେ ବୋଧହୁଏ ସୁରେନ୍ଦ୍ରଙ୍କର ଫାର୍ମକୁ ଯିବାର ରାସ୍ତା । ଚୌଧୁରୀ ଯଦିଓ ତାଙ୍କର ଅନୁମାନ ପାଇଁ ଖୁସି ହେଲେ, ତଥାପି ଆଉ କିଛି କରିବାର ନାହିଁ ଭାବି ଚୁପ୍ ରହିଲେ । ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ତାଙ୍କର ଗାଡ଼ି ରହିଲା । ସେ ଶୁଣିଲେ ଅନେକ କୋଳାହଳ । ଏତିକିବେଳେ ଦୁଇଜଣ ଲୋକ କାର୍‌ରେ ଆସି ପହଞ୍ଚିଲେ । ଚୌଧୁରୀ ରହିଥିବା ଟ୍ରକରୁ ଓହ୍ଲାଇ ଜଣେ ସଲାମ କରେଇ କହିଲା, 'ସାହାବ, ଆମର ସେ କ୍ୟାମ୍ପକୁ ଜଣେ ଯାଇ-ପିଛା କରୁଥିଲା । ତାଙ୍କୁ ଜିଅନ୍ତା ଧରିଆଣିଚି, ଖାସ୍ ଆପଣଙ୍କ ବିଚାର ପାଇଁ ।'

ଆଉ ଲୋକଟି ବୋଧହୁଏ ରାଗରେ ଗର୍ଜ୍ଜି ଉଠିଲା, 'ଆଚ୍ଛା, ଏତେ ଦୂର ଆସ୍ପର୍ଦ୍ଧା ! ମୁଁ ତାଙ୍କୁ ଦେଖେଁ ।' କହି ସେ ବୋଧହୁଏ ଗାଡ଼ି ଉପରକୁ ଆସିଲା ।

ଚୌଧୁରୀ ବେହୋସ ହେବାର ଛଳନା କରି ଆଖି ବୁଜି ରହିଲେ । ଅନୁଭବ କଲେ, ଲୋକଟା ଗୋଟାଏ ଟର୍ଚ୍ଚ ପକେଇ ଦେଖିଲା । ତା'ପରେ ଆହତ ସିଂହ ପରି ଗର୍ଜ୍ଜନ କରିଉଠିଲା—

'ଆଜି ତା'ହେଲେ ଆସରଟା ଠିକ୍ ଜମିବ । ଠିକ୍ ଲୋକଙ୍କୁ ଆଣିଚ ତମେମାନେ । ହୁଏତ ଦୁ'ଟାରେ ଭ୍ୟାନୋଷ୍ଟରର ପେଟ ପୂରି ନ ଥାନ୍ତା । ଏଇଟା ବି କାମ ଦବ । ହେଲେ ଯୁଆଁ ସାଙ୍ଗର ଦୁ'ଟା ବି କୋଉଠି ଆସି ଥିବେ ନିଶ୍ଚୟ ।'

'ନାହିଁ ସାହେବ, ଆମେ ଖୁବ୍ ଭଲ କରି ଦେଖିଛୁ, କେବଳ ଏକା ଥିଲା ।'

'ଆଚ୍ଛା ! ଆଜି ଦେଖିବ ସେ ମୋର ପରାକ୍ରମ । ବେଶ୍,ତମେମାନେ ଗାଡ଼ି ଅନ୍‌ଲୋଡ଼୍ କର ।'

ସତକୁ ସତ ସମସ୍ତେ ଲାଗିପଡ଼ିଲେ ଗାଡ଼ିରୁ ମାଲ ଓହ୍ଲେଇବାରେ । ଚୌଧୁରୀ ଥିବା ଟ୍ରକ ଡାଲାରୁ ତାଙ୍କୁ ସେମିତି ଉଠେଇ ତଳକୁ ପକେଇ ଦଅନ୍ତେ ଗୋଟାଏ କଡ଼କୁ, କାରଣ ସେଇ ଟ୍ରକ୍‌ରୁ ଜିନିଷ ମଧ୍ୟ ଖଲାସ କରିବାକୁ ପଡ଼ିବ । ଚୌଧୁରୀ ବର୍ତ୍ତମାନ ନିଜର ଭୁଲ ବୁଝିପାରିଲେ । ନିତାନ୍ତ ଅପରିଣାମଦର୍ଶୀ ଭଳି ସେ ଆଜି ଧରାପଡ଼ି ଜୀବନ ଦବାକୁ ଯାଉଚନ୍ତି । ତାଙ୍କର ଆଖି ଭୟରେ ବୁଜିହୋଇ ଆସିଲା । କିନ୍ତୁ ତାଙ୍କୁ କିଛି ନା କିଛି କରିବାକୁ ପଡ଼ିବ । ନ ହେଲେ ସମସ୍ତ ଯୋଜନା ପଣ୍ଡ ହୋଇଯିବ । ଏତିକିବେଳେ ସେ ଦେଖିଲେ ଯେ ପ୍ରାୟ ଦୁଇ ଗୁରି ହାତ ଦୂରରେ ଗୋଟାଏ କ'ଣ ଗ୍ଲେଟ ନିଆଁ ଭଳି ଦିଶୁଚି । ସେ ବୁଝିଲେ ଯେ କାମ କଲାବେଳେ କେହି ସିଗାରେଟ୍ ଖାଇ ଫୋପାଡ଼ିଦେଇଚି । ଆଉ କାଳବିଳମ୍ବ ନ କରି ସେଆଡ଼କେ ଗଡ଼ିଗଲେ ଚୌଧୁରୀ । ସିଗାରେଟ୍‌ର ଆକାର ଦେଖି ସେ ସାମାନ୍ୟ ଚିନ୍ତିତ ହୋଇପଡ଼ିଲେ ଯେ, ଏତେ ଟିକେ ପୁରା ଜଳିଯିବା ଭିତରେ କିଛି ତ କରି ହବନି । କ'ଣ ଭାବି ସେଇଠି ପଡ଼ି ଫୁଙ୍କି ଫୁଙ୍କି ଦୁଇ ଚଣ୍ଡି ଶୁଖିଲାପତ୍ର ଆଣି ସେଇ ସିଗାରେଟ୍ ମୁହଁ ପାଖରେ ରଖିବାରେ ସେ ମଧ୍ୟ ଜଳିବାକୁ ଲାଗିଲା । ତାକୁ ଆଡ଼ୁଆଳ କରି ନିଜର ହାତ ପାଖର ଦଉଡ଼ିକୁ ସେଥିରେ ଦେଖେଇଲେ । ତାଙ୍କର ଆଶା ସଫଳ ହେଲା । ଗୋଟାଏ ପାଖର ଦଉଡ଼ି ପୋଡ଼ିଯାଇ ଛିଣ୍ଡିଗଲା । ସେହିପରି ଆର ହାତଟିର ମଧ୍ୟ ପୋଡ଼ିଦେଲେ । ଆଉ କିଛି ଦରକାର ନାହିଁ ଭାବି ପୁଣି ପୂର୍ବ ସ୍ଥାନରେ ଆସି ପଡ଼ିରହିଲେ । କେଇଟି ମୁହୂର୍ତ୍ତ ମଧ୍ୟରେ ସବୁ ଜିନିଷ ଉତରି ସରିଲା ପରେ ସାହେବ ନାମକ ବ୍ୟକ୍ତି ବନ୍ଧୁମାନ ଖୁସି ହବାର ଜଣାଗଲା । ତା ପରେ ଯିବାକୁ ଆଦେଶ ଦେଲା । ଆଉ କଡ଼ା ନିର୍ଦ୍ଦେଶ ଦେଲା ଯେ, ଚୌଧୁରୀଙ୍କୁ

ଯେମିତି ଖୁବ୍ ଜଗି କରି ନିଆଯାଏ । କାର୍‌ଟା ଆଗରେ ଚାଲିଗଲା ପରେ ଟ୍ରକ୍‌ଗୁଡ଼ାକ ଷ୍ଟାର୍ଟ କଲେ । ଚୌଧୁରୀଙ୍କୁ ପୁଣି ଉଠେଇ ସେଇ ଟ୍ରକ୍ ଡାଲାରେ ପକାଗଲା । ଏଥର ହାକିମର ହୁକୁମ ମାନି ଆଉ ଦୁଇଜଣ ମଧ୍ୟ ଜଗି ବସିଲେ ଚୌଧୁରୀଙ୍କୁ । ସେ ନିଦରେ ଶୋଇବାର ଛଳନା କରୁଥାନ୍ତି । ଠିକ୍ ଗାଡ଼ି ଚାଲିବାର କିଛି ସମୟ ପରେ ଚୌଧୁରୀ ଦେଖିଲେ ନିଦନିଶା ସେମାନଙ୍କୁ ସାମାନ୍ୟ ଘାରୁଛି । ତେଣୁ ଢୋଲେଇବା ଆରମ୍ଭ କରିଛନ୍ତି ଦୁ'ଜଣ ଯାକ । ଚୌଧୁରୀ ଭାବିଲେ ଯେ ଆଉ ଡେରି କରିବା ଆଦୌ ଉଚିତ ନୁହେଁ । ଅତି ସନ୍ତର୍ପଣରେ ପକେଟରେ ହାତଟିକୁ ଭର୍ତ୍ତି କରି ଗୋଟିଏ ଗ୍ରେଟ ଶିଶି କାଢ଼ି ପବନର ଦିଗ ପରୀକ୍ଷା କରି କିଛି ଦୂରରେ ଜଣକର ନାକ ପାଖରେ ଧରିଲେ । ସେଇ ପବନ ଟା ନାକରେ ବାଜିବାମାତ୍ରେ ବେଶ୍ କିଛିଟା ନିଦ ଆସିଗଲା ତାକୁ । ଅନ୍ୟ ଜଣକୁ ମଧ୍ୟ ଠିକ୍ ସେଇପରି ନିଦ କରେଇଦେଲେ ଚୌଧୁରୀ । ଦୁହିଁଙ୍କର ଦେହ କ୍ରମେ ଢଳିପଡ଼ିଲା ସେଇଠି । ଚୌଧୁରୀ ସଜାଗ ହେଇଉଠିଲେ । ସଙ୍ଗେ ସଙ୍ଗେ ବନ୍ଧା ହୋଇଥିବା ଦଉଡ଼ିକୁ ପୁଣି ଖୋଲିଦେଇ ଠିକ୍ ସେଇଭଳି ଆଉ ଥରେ ବାନ୍ଧିହୋଇପଡ଼ି ଦଉଡ଼ିର ମୁହଁ ଦୁ'ଟାକୁ ନିଜ ଆୟତ୍ତରେ ରଖିନେଲେ ଯେମିତିକି ଦରକାର ପଡ଼ିଲେ ସାଙ୍ଗେ ସାଙ୍ଗେ ଖୋଲି ଦେଇହେବ । କିନ୍ତୁ ଦେଖିଲେ ଜଣାପଡ଼ିବ ଯେ ଖୁବ୍ ଶକ୍ତ ଭାବରେ ବନ୍ଧା ହେଇଚି । ପୂର୍ବଭଳି ସେମିତି ପଡ଼ିରହିଲେ ସେ । କେଇଟା ଘଣ୍ଟା ପରେ ଗାଡ଼ି ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ଭଳି ଜଣାଗଲା । କାରଣ ଗାଡ଼ିର ଗତି କମିଗଲା । ଏତିକିବେଳେ ଜଣାଗଲା ଜଣେ ଯେମିତି ସେ ଟ୍ରକ୍ ଡ୍ରାଇଭରକୁ ନିର୍ଦ୍ଦେଶ ଦଉଚି—

'ମାଲିକର ହୁକୁମ, ଏଇ ଲୋକଟାକୁ ନେଇ ତିନି ନମ୍ବର ବନ୍ଦୀଖାନାରେ ରଖିଦଅ । ଅଡ଼ର ହେଲେ ସେ ଆସିବ ।'

ଚୌଧୁରୀ ଦେଖିଲେ, ତାଙ୍କର ଗାଡ଼ିଟା ଆଉ ଗୋଟାଏ ମୋଡ଼ ଧରିଲା । ବିଶେଷ ସଜାଗ ହେବା ବିପଦ ଜାଣି ସେ ବେହୋସ ଭଳି ପଡ଼ିରହିଲେ । କିଛି ସମୟ ପରେ ଖାଲି ଏତିକି ବୁଝିଲେ ଯେ, ତାଙ୍କୁ ଗୋଟାଏ ଖୁବ୍ ଅନ୍ଧାର ଘର ଭିତରେ ଫୋପାଡ଼ି ଦିଆଗଲା, ଆଉ କବାଟ ବନ୍ଦ ହେଇଗଲା ।

ଇଆଡ଼େ ତାରକନ ଏବଂ ଅଜୟ ଯୋଜନା ଅନୁଯାୟୀ ସେଇ ବୈଠକ ହବା କ୍ୟାମ୍ପକୁ ଆସିଲେ । ସେମାନେ ପହଞ୍ଚିଲାବେଳକୁ ପ୍ରାୟ ରାତି ହେଇଯାଇଥାଏ । ଗାଡ଼ିଟିକୁ ବେଶ୍ କିଛି ଦୂରରେ ରଖିଦେଲେ । ତା' ପରେ ଖୁବ୍ ସତର୍କତାର ସହିତ

ଯାଇ ରେଷ୍ଟୁରେଣ୍ଟ୍‌ଟିରେ ପହଞ୍ଚିଲେ । ପ୍ରଥମେ ଦେଖି ଜାଣିଲେ ଯେ ସେଥିରେ ବେଶ୍ କେତେଜଣ ଜଗୁଆଳି ଛପି ରହିଛନ୍ତି । ସେମାନଙ୍କର ଅଲକ୍ଷ୍ୟରେ ଏମାନଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ । ପ୍ରଥମେ ଗୋଟିଏ ବୁଦା ଆଡ଼ୁଆଳକୁ ଯାଇ ଦୁହେଁ ଅନ୍ଧାରିଆ ଜାଗାଟିଏ ଦେଖି ପକେଟରୁ ଗ୍ରେଟ କାଗଜ ଖଣ୍ଡିଏ ବାହାର କରି ଟର୍ଚ୍ଚ-ଲାଇଟ୍ ସାହାଯ୍ୟରେ ଦେଖି ବାଟ ଠଉରେଇ ନେଲେ । ତାପରେ ସେଇ ଅନୁଯାୟୀ ଯିବା ଆରମ୍ଭ କଲେ । ହଠାତ୍ ଯାଉ ଯାଉ ଗୋଟିଏ ସ୍ଥାନରେ ତାଙ୍କୁ ଅଟକି ରହିବାକୁ ହେଲା । କାରଣ ସେଇଠାରୁ ଆଉ ଆଗକୁ ବାଟ ନାହିଁ । ଗ୍ରେଟ ଧାରଟିଏ ଭଳି ପାଣି ନାଳଟିଏ, ଯଦିଓ ଡେଇଁ ହେବନ ତଥାପି ବଡ଼ ନୁହେଁ । ଏଭଳି ଏକ ନାଳର ଅସ୍ତିତ୍ୱ ବିଷୟରେ ସେ ଜାଣିପାରି ନ ଥିଲେ ମାନଚିତ୍ରରେ । ତଥାପି ଚିନ୍ତା କଲେ । ଅଜୟଙ୍କ ମୁଣ୍ଡରେ ଗୋଟାଏ ବୁଦ୍ଧି ଦେଖାଗଲା । ଗ୍ରେଟ ପୁରୁଣା ଗଛ ଖଣ୍ଡେ ଭାଙ୍ଗି ପଡ଼ିବାର ସେଇଠି ଦେଖିଲେ । ସେଇଟିକୁ ଆଣି ତା ଉପରେ ପକେଇଦେଲା ପରେ ଠିକ୍ ପୋଲ ହୋଇଗଲା ଏବଂ ତା'ଉପର ଦେଇ ଉଭୟ ଚାଲିଗଲେ । ସେଇଠାରୁ ଦେଖିଲେ ଆଗକୁ ଗୋଟିଏ ଗଡ଼ାଣିଆ ରାସ୍ତା ହୋଇଛି । ତାରି ଉପରେ ଯାଉ ଯାଉ କିଛି ବାଟ ପରେ ବେଶ୍ ପଥର ପାହାଚ ପଡ଼ିଲା । ସେଇ ପାହାଚ ଉପରେ କ୍ରମେ ତଳକୁ ଯିବା ପରେ ସେମାନେ ଦେଖିଲେ ଗୋଟିଏ ବେଶ୍ ସୁନ୍ଦର ସ୍ଥାନରେ ଆସି ପହଞ୍ଚି ପାରିଚନ୍ତି ଯେଉଁଠି କି ଖୁବ୍ ଯତ୍ନରେ ତିଆରି ହୋଇଥିବା ଗୋଟିଏ ବଖରା ଘର ଅଛି । ହାତଘଣ୍ଟାକୁ ଚାହିଁ ଅଜୟ ଦେଖିଲେ ରାତି ୦ଟା ବାଜିବାକୁ ଆଉ ଅଳ୍ପ ସମୟ ବାକି । ବେଶୀ ଡେରି ହୋଇଗଲା ଜାଣି ତାରଜନଙ୍କୁ ସେ ବୈଠକ ଜାଗାକୁ ଫେରିବାକୁ କହି ନିଜେ ସେଠାକାର ଦାୟିତ୍ୱ ନେଲେ । ତାରଜନ୍ ଫେରିଆସିଲା ସେଇ ବୈଠକ ଜାଗାକୁ । କିଛିକ୍ଷଣ ପରେ ତାରଜନ୍ ଦେଖିଲା ସେଠି କ୍ରମଶଃ ଲୋକ ଜମିଆସିଲେଣି । ପ୍ରାୟ ତିରିଶ ଜଣ ପହଞ୍ଚିସାରିଥାନ୍ତି ସେତେବେଳକୁ । ଗୋଟାଏ କଡ଼କୁ ଏକ ବିରାଟ ଲୁହାର ପିଞ୍ଜରା ଥୁଆ ହୋଇଥାଏ । ଠିକ୍ ଗୋଟାଏ ସର୍କସ ଯନ୍ତା ଭଳି ରଖା ହୋଇଛି । ଖୁବ୍ ବଡ଼ ସଭାର ଆୟୋଜନ ହେଲାଭଳି ଚାରିକଡ଼ଯାକ ଚେୟାର ପଡ଼ିଥାଏ । ସେଠି ତାରଜନ୍ ଅପେକ୍ଷା କଲା, ଯେହେତୁ ତାକୁ ଅପେକ୍ଷାକରିବାକୁ କୁହାହୋଇଛି । ନହେଲେ ତାର ମନ ହେଉଥାଏ ଏତିକି ଲୋକଙ୍କୁ ଗୋଟାଏ କୁଦା ମାରି ବିଧାଏ ଗୁଡ଼ାଏ ଦେଇ ସାବାଡ଼୍ କରିବାକୁ । ଏତିକିବେଳେ ଆଉ ପ୍ରାୟ ୧୫ ଜଣ ଆସି ପହଞ୍ଚିଲେ । ତାରଜନ୍ ଆଶ୍ଚର୍ଯ୍ୟ ହେଲା । ଆହୁରି ଅଛନ୍ତି ତା ହେଲେ !

Deb's Library Corner

ଏମିତି କିଛି ସମୟ ବିତିଗଲା । ତାପରେ ତାରଜନ୍ ଦେଖିଲା ସେଇ ଯେ ଅଦ୍ଭୁତ ଜୀବ, ସେଦିନପରି ଏକ ଗଛ ଉପରେ ହୋଇ ଦୂରରୁ ଆସୁଛି । ତାପରେ ତା ସ୍ଥାନରେ ଠିଆ ହୋଇ ସେ କହିବା ଆରମ୍ଭ କଲା—

'ବନ୍ଧୁଗଣ ! ଆଜି ଆମର ଆଉ ଗୋଟିଏ ଶୁଭ ଦିନ । ଆଜି ଆମର ଚିର ଶତ୍ରୁ ଯିଏ ତାକୁ ନିଃଶେଷ କରାଯିବା ସଙ୍ଗେ ସଙ୍ଗେ ସେ ଗୋଇନ୍ଦା ଲୋକଟାକୁ ମଧ୍ୟ ଶେଷ କରିଦିଆଯିବ ।

ଏତିକି କଥାରେ ତାରଜନ୍ ଚମକି ଉଠିଲା । କୋଉ ଗୁଇନ୍ଦା କଥା ସେ କହୁଛି ? ଚୌଧୁରୀ କିମ୍ବା ଅଜୟ କେଉଁଠି ଧରା ପଡ଼ିଲେନି ତ ? ତା ମନ ପାପ ଛୁଇଁଲା । କଣ କରିବ ସେ ବର୍ତ୍ତମାନ ? ପୁଣି ଶୁଣିଲା, ସେ କହୁଛି—

'ଆମର ବିଜୟ ହୋଇଛି । ଆଉ କେବଳ ସେତିକି ନୁହେଁ । ଆଜି ଯେତିକି ଜିନିଷ ଯୋଗାଡ଼ ହୋଇଛି ସେତେ ଜିନିଷ ଆମେ ଏତେ କମ୍ ସମୟ ଭିତରେ କେବେ ଆଣି କରି ନ ଥିଲୁଁ । ସେଗୁଡ଼ିକ ସବୁ ଫ୍ୟାକ୍ଟ୍ରୀରେ ତିଆରି ଚାଲିଛି । କାଲି ସୁଦ୍ଧା ସେ ସବୁ ରେଡ଼ି ହୋଇଗଲେ ପରଦିନ ବମ୍ବେକୁ ଚାଲିଯିବ । ମନେରଖ, ତମ ସମସ୍ତଙ୍କର ଦରମା ବଢ଼ାଇଦିଆଯିବ । ଆଜି ତିନୋଟିଯାକ ଶତ୍ରୁଙ୍କୁ ଆମର ଶେଷ କରିବାକୁ ପଡ଼ିବ । ଭ୍ୟାଂହୋଙ୍ଗର ଅନେକ ଦିନ ହେଲା ଭଲ ଖାନା ପାଇନି । ଆଜି ମୋର ହାତରେ ମୁଁ ସେ ତିନିଜଣଙ୍କୁ ଯନ୍ତା ଭିତରେ ପକେଇବି । ସେମାନେ ବୁଝନ୍ତୁ, କଥା ନ ମାନିଲେ ମୋର ଆଦେଶ କିଭଳି ଭୟଙ୍କର ।

ତାରଜନ୍ ଆଉ ଶୁଣିବା ଅବସ୍ଥାରେ ନ ଥିଲା । କଣ କରିବ ସେ ସ୍ଥିର-ପାରିଲାନି । ଆଉ ଅଳ୍ପକ୍ଷଣ ଭିତରେ ତିନୋଟି ଜୀବନ ପବନରେ ମିଶିଯିବ । ନିର୍ଦ୍ଦେଶ ପାଇ ଦୁଇ ତିନିଜଣ ଉଠିଯାଇ ସେଇ ଲୁହା ପିଞ୍ଜରା ପରୀକ୍ଷା କରିବାକୁ ଲାଗିଲେ । ହୁଏତ ସାଙ୍ଗେ ସାଙ୍ଗେ ସେଇ କାମ ଆରମ୍ଭ ହୋଇଯିବ । କିନ୍ତୁ ସର୍ଦ୍ଦାରର ପୁଣି ଆଦେଶ ହେଲା ଯେ, ସମସ୍ତେ ଆସି ନ ଥିବାରୁ ଟିକେ ଅପେକ୍ଷା କରାଯିବ । କାରଣ ସେ ଗୋଇନ୍ଦା ଲୋକଟାକୁ ଆଣୁଥିବାର ଗାଡ଼ି ଆସି ପହଞ୍ଚିନି । କିନ୍ତୁ ଦୁଇଜଣଙ୍କୁ ଆଦେଶ ଦିଆଗଲା ଏଇ ସମୟ ଭିତରେ ଭ୍ୟାଂହୋଙ୍ଗରକୁ ତା ଜାଗାରୁ ଗାଡ଼ିରେ ଆଣିବାର ବନ୍ଦୋବସ୍ତ କରିବାକୁ । ତାରଜନ୍ ଆଉ ହେଳା କରିବା ଉଚିତ ମନେ କଲାନି । ସାଙ୍ଗେ ସାଙ୍ଗେ ସେ ଦୁଇଜଣ ଯିବା ରାସ୍ତାରେ ଚାଲି କରି ତାଙ୍କ ପଛେ ପଛେ ଆଗେଇଲା । ଅଳ୍ପ କିଛି ବାଟ ଗଲାପରେ ସେମାନେ ମୋଡ଼ ଧରି ଅଉ ଟିକେ ଆଗେଇଯାଇ ଅଟକିଗଲେ ଗୋଟାଏ ପଥର ଗୁମ୍ଫା ଭଳି

ଘର ପାଖରେ । ତାରକନ୍ ବୁଝିଲା ଯେ ଭ୍ୟାଂହୋଭର ପାଖରେ ସେମାନେ ପହଞ୍ଚନ୍ତି । ଜୀବନର ସବୁ ସତର୍କତା ନେଇ ତାରକନ୍ ଗୋଟାଏ ଝେପାକେ ଯାଇ ଦୁହିଁଙ୍କ ମୁହଁ ବନ୍ଦ କରିଦେଲା । ତା' ପରେ ସେଇ ମୁହଁରୁ ଧରି ଦୁହିଁଙ୍କୁ ଉଠେଇ ନିଜ ବାହୁରେ ଏପରି ଜୋର୍‌ରେ ଚପିଦେଲା ଯେ, ସେ ଦୁହେଁ ଠିକ୍ ଦୁଇଟି ରବର କଣ୍ଢେଇ ଭଳି ଚପି ହୋଇଗଲେ । ସେମିତି କିଛି ସମୟ ଧରିରଖିବା ଦ୍ୱାରା ଦୁହେଁ ଅଣନିଃଶ୍ୱାସୀ ହୋଇ ବେହୋସ ହୋଇଗଲେ । ସେ ଦୁହିଁଙ୍କୁ ତାଙ୍କର ଲୁଗାରେ ଖୁବ୍ ଜୋରରେ ବାନ୍ଧିଦେଇ ଗୋଟାଏ କଡ଼କୁ ପକେଇଦେଲା । ତା'ପରେ ତାଙ୍କ ପକେଟରୁ ଚାବି ନେଇ ଆଗେଇଲା । ଆଗରେ ଗୋଟାଏ ଗ୍ରେଟ କାଲଲଗା କବାଟ ଭିତରୁ ଭ୍ୟାଂହୋଭରର କଳା ମସ୍‌ମସ୍ ଦେହ ଦେଖାଯାଉଥାଏ । ତାରକନ୍ ଭାବିଲା, ତାକୁ ଗୁଳି କରି ମାରିବ ବୋଲି; କିନ୍ତୁ ପରମୁହୂର୍ତ୍ତରେ ସେ ଭାବିଲା, ସେଇ ବୈଠକ ଜାଗାଟା ଏତେ ପାଖରେ ଯେ, ଗୁଳିକରିବା ମାତ୍ରେ ସେମାନେ ସମସ୍ତେ ଆସି ହୁଏତ ଆକ୍ରମଣ କରିପାରନ୍ତି । କିନ୍ତୁ ଇଆଡ଼େ ଆଉ ସମୟ ନାହିଁ । କିଛି ଗୋଟାଏ ହେଲେ କରିବାକୁ ପଡ଼ିବ । ମନେ ମନେ ଭାବିଲା, ଆଉ କାହିଁକି ପଛେଇବ ? ଜୀବନଟାଯାକ କେତେ ରକମର ଜନ୍ତୁଙ୍କ ସାଙ୍ଗରେ ହାତାହାତି ହୋଇଛି । ଆଉ ଆଜି ଏହା ସାଙ୍ଗରେ ହୋଇଯିବାର ବାକି କାହିଁକି ରହିବ ? ଏଇଆ ମନସ୍ଥ କରି ଖୁବ୍ ସନ୍ତର୍ପଣରେ ସେ ଘର ଭିତରକୁ ପଶିଗଲା ଆଉ ଭିତରୁ ଶିକୁଳି ଲଗାଇଦେଲା । ତା' ପରେ ଆଉ କହିବା ଅନାବଶ୍ୟକ । ଦୀର୍ଘ କିଛି ସମୟ ଧରି ଦୁହିଁଙ୍କ ମଧ୍ୟରେ ଖୁବ୍ ଲଢ଼େଇ ଚାଲିଲା । ଭ୍ୟାଂହୋଭର ଏକା ଝେପାକେ ତାରକନ ଉପରକୁ ଡେଇଁ ତା' ବେକକୁ ଧରିଲାବେଳେ ତାରକନ ଟିକେ ଘୁଞ୍ଚିଗଲା । ଭ୍ୟାଂହୋଭର ପଡ଼ିଗଲା ମାତ୍ରେ ଆଉଥରେ ଉଠିବା ଆଗରୁ ତାରକନ ତାକୁ ମାଡ଼ିବସିଲା । ଏଇପରି ପ୍ରାୟ ଅଧ ଘଣ୍ଟାଏ ପର୍ଯ୍ୟନ୍ତ ଚାଲିଲା ଲଢ଼େଇ । ଶେଷକୁ ତାରକନ ଆଉ କିଛି ନ ପାଇ ନିଜ ଅଣ୍ଟାରୁ ମୁନିଆଁ ଛୁରିଟା କାଢ଼ି ଧରିଲା । ଏଇ ସମୟରେ ବେଶ୍ ଜୋରରେ ଗର୍ଜିଉଠି ଭ୍ୟାଂହୋଭର ଖୁବ୍ ଉଚ୍ଚକୁ ଝେପାଟାଏ ଡେଇଁ ତାରକନର ମୁଣ୍ଡକୁ ଧରିବା ପୂର୍ବରୁ ତାରକନ ବସିପଡ଼ି ଛୁରିଟାକୁ ମୁଣ୍ଡ ଉପରକୁ ଧରିଦେଲା । ଅତି ତୀକ୍ଷ୍ଣ ଛୁରିରେ ଭ୍ୟାଂହୋଭରର ମୁହଁରୁ ଫାଳେ ଚିରି ହୋଇଗଲା । ଆହୁରି ଜୋରରେ କିଛି ସମୟ ଯୁଦ୍ଧ ଚାଲିଲା ପରେ ତାରକନ ଶେଷରେ ବିଜୟୀ ହେଲା, ଆଉ ଭ୍ୟାଂହୋଭର ମରି ଶୋଇଲା । ତାରକନର ଦେହରେ ଅନେକ କ୍ଷତ ହୋଇଥିଲେ ସୁଦ୍ଧା ତାକୁ କିଛି ଜଣାପଡ଼ୁ ନ ଥାଏ ।

ଆଉ ଡେରି କରିବାର ନୁହେଁ । ତେଣୁ ତାରଜନ ପୁଣି ସେମିତି ସେ ବେହୋସ ହୋଇପଡ଼ିଥିବା ଲୋକଙ୍କୁ ସେଇ ଭ୍ୟାଂକୋଭରର ଘରେ ପକେଇଦେଇ ତାଲା ଦେଇ ଚାଲିଆସିଲା ।

ପୂର୍ବର ଲୁଚିଥିବା ସ୍ଥାନକୁ ଆସି ସେ ଅପେକ୍ଷା କଲା । ଦେଖିଲା ଯେ ଅଦ୍ଭୁତ ଜୀବଟି ଆଉଥରେ ଭୟଙ୍କର ଭାବରେ ଗର୍ଜିଉଠିଛି । ସେ କହିଉଠିଲା—

'ବନ୍ଧୁଗଣ ଏ ପର୍ଯ୍ୟନ୍ତ ସେ ଦୁଇଟା ମୂର୍ଖ ଗଲେ ଭ୍ୟାଂକୋଭରକୁ, ଆଣିବାକୁ, ଆସିବାରେ ଡେରି ହେଲା କାହିଁକି ? ମୁଁ ଡେରି ସହ୍ୟ କରିବାକୁ ଚାହେଁ ନାହିଁ । ତାଙ୍କୁ ଏଥିପାଇଁ ଶାସ୍ତି ନିଶ୍ଚୟ ପାଇବାକୁ ହିଁ ପଡ଼ିବ । ତା ପୂର୍ବରୁ ଆମର ଡେରିହୋଇଯିବ । ସେଥିଲାଗି ଆଉ ଦୁଇଜଣ ଯାଅ, ସେମାନଙ୍କୁ ସାହାଯ୍ୟ କର । ଆଉ ଦୁଇଜଣ ଯାଇ ଆମ ବନ୍ଦୀଖାନାରୁ ଚିନଟାଯାକ ସଇତାନ୍‌ଙ୍କୁ ନେଇଆସ । ଅତି ଶୀଘ୍ର ଏ କାର୍ଯ୍ୟ ଶେଷ କଲେ ଅନ୍ୟ କାର୍ଯ୍ୟ ହେବ ।'

ଏଇକଥା ଶୁଣିବାପରେ ତାରଜନ୍ କିଛିକ୍ଷଣ ଭାବିଲା, କାହା ପାଖକୁ ଯିବ ସେ । ବନ୍ଦୀ ପାଖକୁ ଯାଉଥିବା ଲୋକଙ୍କୁ ଆକ୍ରମଣ କରିବାକୁ ଯିବ ନା ଭ୍ୟାଂକୋଭର ପାଖକୁ ଯାଉଥିବା ଲୋକଙ୍କୁ ? କିଛି ଭାବି ଠିକ୍ କରିପାରିଲାନି । ଯଦିଓ ସେ ନିଶ୍ଚିତ ଯେ ବେଶ୍ କିଛିଦୂରରେ କର୍ଣ୍ଣେଲ ତାଙ୍କର ସୁଦକ୍ଷ ବାହିନୀ ଧରି ଅପେକ୍ଷା କରୁଥିବେ ତଥାପି ତାଙ୍କର ଆସିବାର ଉପଯୁକ୍ତ ବେଳ ହୋଇନାହିଁ । ବିଶେଷ କରି ଚୌଧୁରୀ କେବଳ ସେଭଳି ଉଚିତ ସମୟ ଜାଣି ତା'ର ବ୍ୟବହାର କରିପାରିବେ । ତେଣୁ କୁଆଡ଼େ ଯିବାକୁ ନ ଭାବି ସେ ପରବର୍ତ୍ତୀ ଦୃଶ୍ୟକୁ ଅପେକ୍ଷା କରି ରହିଲା । ଆଉ ବେଳେବେଳେ କିନ୍ତୁ ତା'ର ବିଶେଷ ଶଙ୍କା ଜାତ ହେଉଥାଏ—କିଏ ଆଉ ସେ ଗୁଇନ୍ଦା ଯେ କି ଶତ୍ରୁର କବଳରେ ବର୍ତ୍ତମାନ ? ଆଉ କିଛି ଭାବିବାପୂର୍ବରୁ ହଠାତ୍ ତା'ର କାନରେ ପଡ଼ିଲା ସେଇ ବିରାଟକାୟ ଜୀବର ଆଦେଶ—

'ବନ୍ଧୁଗଣ ବର୍ତ୍ତମାନ ଆମର ଚାରି ଶତ୍ରୁ ଆସିଗଲେ । ଆଉ କିଛି ସମୟ ପରେ ତାଙ୍କର ନିଜ ରୂପ ତମେମାନେ ଦେଖିପାରିବ ।'

ତାରଜନ୍ ଯାହା ଦେଖିଲା ସେଥିରେ ସେ ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲାନି । କଳା ଚାଦର ଘୋଡ଼େଇ ଚାରି ଜଣଙ୍କୁ ବାନ୍ଧି ଟେକି ଟେକି ଆଣିଲେ । ଆଉ ଠିକ୍ ସେଇ ଲୁହାଜାଲି ପାଖରେ କଚାଡ଼ିଦେଲେ । ହଠାତ୍ ସେଇମାନଙ୍କୁ ଆଦେଶ ଦେଲା ସେମାନଙ୍କ କଳା ପୋଷାକ କାଢ଼ିଦେଇ ପରିଚୟ ଦେଖେଇବାକୁ । ପ୍ରଥମ ଘୋଡ଼ଣୀ

କାଢ଼ିଦେଲା ମାତ୍ରେ ତାରଜନ୍ ଶିହରୀ ଉଠିଲା—କ'ଣ ଦେଖୁଚ ! ମି: ଚୌଧୁରୀ ଅତି ନିର୍ମମ ଭାବରେ ବନ୍ଧା ହୋଇଚନ୍ତି । ସେ କ'ଣ ଆଉ କରିପାରେ ଖାଲି ତା'ର ମୁଣ୍ଡ ଘୁଂଚେଇଦେଲା । ତା'ପରେ ଅନ୍ୟ ଦୁ' ଜଣଙ୍କୁ ଦେଖିବାକୁ ଅପେକ୍ଷା କଲା । କିନ୍ତୁ ସେ ଦୁଇଜଣଙ୍କ ଦେହରୁ ଘୋଡ଼ଣୀ କାଢ଼ିବା ମାତ୍ରେ ତାଙ୍କର ସମସ୍ତ ଦଳ ଚିତ୍କାର କରିଉଠିଲେ ।

'ସର୍ଦ୍ଦାର, ଇଏତ ଆମ ୨୨ ନମ୍ବର ଆଉ ୨୪ ନମ୍ବର ।'

ଏଇ କଥାରେ ସେଇ ଜୀବଟା ଭୀଷଣ ଜୋରରେ ଗର୍ଜ୍ଜନ କରିଉଠିଲା—

'ଭାଇମାନେ ! ଇଏ ଏକ ଅଦ୍ଭୁତ ଚାଲବାଜି । ଆମର ସମସ୍ତ ଆୟୋଜନ ପଣ୍ଡ ହୋଇଯିବାକୁ ବସିଚ । ଅସଲ ଶତ୍ରୁ ଯିଏ ସେ ହାତ ମୁଠାରୁ ତାହେଲେ ଫେରାର ହୋଇଯାଇଚ । କେମିତି ଏହା ହୋଇପାରେ ! ମୁଁ ତମମାନଙ୍କୁ ଆଦେଶ ଦଉଚ, ସାଙ୍ଗେ ସାଙ୍ଗେ ତମେମାନେ ପ୍ରସ୍ତୁତ ହୋଇଯାଅ । ତାକୁ ଯେକୌଣସି ସ୍ଥାନରୁ ଖୋଜି ବାହାର କରିବାକୁ ପଡ଼ିବ ।'

ଏଇକଥା ଉପରେ ସମସ୍ତେ ନିଜ ନିଜର ପକେଟରୁ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କାଢ଼ି ପରୀକ୍ଷା କରିବାକୁ ଲାଗିଲେ । ଠିକ୍ ଏଇ ସମୟରେ ଯେଉଁମାନେ ଭ୍ୟାଂକୋ-ଭାରକୁ ଦେଖିବାକୁ ଯାଇଥିଲେ ଆସି ଖବର ଦେଲେ ଯେ ଭ୍ୟାଂକୋଭାର ମୃତ । ସତେ ଯେମିତି ଏ କଥାରେ ସର୍ଦ୍ଦାର ମୁଣ୍ଡରେ ବଜ୍ର ଛିଡ଼ିପଡ଼ିଲା । ସେ ରାଗରେ ହୁଙ୍କି ଆସିଲା, ଆଉ କହିଲା—

'ବନ୍ଧୁଗଣ ! ବର୍ତ୍ତମାନ ତା'ହେଲେ ଦେଖ, ଶତ୍ରୁ ଆସି ଆମର କେତେ ପାଖରେ ! ମୁଁ ଜାଣିବାକୁ ଚାହେଁ, କେମିତି ଏହା ସମ୍ଭବ ! ମୁଁ ଆଜି ତାକୁ ବଞ୍ଚିବାକୁ ଦେବିନି । ବର୍ତ୍ତମାନ ପ୍ରଥମ ଲୋକଟାକୁ ମତେ ଶେଷ କରିବାକୁ ପଡ଼ିବ । ମି: ଚୌଧୁରୀ, ଏଥର ତମର ଇଷ୍ଟ ସ୍ମରଣ କର । ତମକୁ ଆଗ ଏ ପୃଥିବୀରୁ ବିଦାୟ ଦେଇସାରିଲା ପରେ ଆଉ ଯାହା କରିବାକୁ ମୁଁ ଆଗେଇବି । ତମର କେତେଦୂର ଶକ୍ତି ତାହା ଆଜି ପରୀକ୍ଷା ହୋଇଯାଉ । ବନ୍ଧୁଗଣ ! ଏଇ ଗୁଇନ୍ଦାଙ୍କୁ ବିଦାୟ କରିବାକୁ ପଡ଼ିବ ।'

ସାଙ୍ଗେ ସାଙ୍ଗେ ପ୍ରାୟ ପଚିଶରୁ ଅଧିକ ପିସ୍ତଲ ଏକାଥରକେ ଉଠିଲା ସେଇଆଡ଼କୁ । ତାରଜନର ଆଖି ବୁଜି ହୋଇପଡ଼ିଲା । କ'ଣ ବା ସେ ଆଉ କରିପାରିବ ? ଏତେଗୁଡ଼ାଏ ମରଣାସ୍ତ୍ର ଆଗରେ କି ପ୍ରକାର ପ୍ରତିରୋଧ ସମ୍ଭବ ସେ ବୁଝିପାରିଲାନି । କୁଆଡ଼େ ଗଲେ ଏତେବେଳଯାଏ କିନ୍ତୁ'ର ଆଉ ତାଙ୍କ ପାର୍ଟି ।

ହଠାତ୍ ଏଇ ସମୟରେ ଜଣେ ଦୌଡ଼ିଆସିଲା ଭଳି ଜଣାଗଲା ସେଇଠିକି । ଧଇଁ ସଇଁ ହେଇ ସେ ଜଣକ କହିଲା—

'ସର୍ଦ୍ଦାର ! ଆଉ ଆମର ବିପଦ ନାହିଁ । ମୁଁ ଶେଷ କରିଦେଇଚି । ସେ ଆଇ. ଜି. ଆଉ ଦଳେ ପୁଲିସ ଆସି ବହୁ ଦୂରରେ ଲୁଚି କରି ରହିଥିଲେ । ଆମକୁ ଧରିବା ହିଁ ତାଙ୍କର ଉଦ୍ଦେଶ୍ୟ । କେମିତି ଆମ ଜାଗା ତାଙ୍କ ଆଖିରେ ପଡ଼ିଯାଇଚି । ହେଲେ ମୁଁ ତାଙ୍କର ଠିକ୍ ବ୍ୟବସ୍ଥା କରିଦେଇଚି ।'

ଏ କଥା ଶୁଣି ସମସ୍ତେ ଆହୁରି ଆଗ୍ରହରେ ଶୁଣିବାକୁ ଚାହିଁଲେ । ସେ ପୁଣି କହି ଚାଲିଲା—

'ମୁଁ ଯେମିତି ଜାଣିପାରିଚି ଯେ ସେମାନେ କୋଉ ଜାଗାରେ ଲୁଚିଛନ୍ତି ବୋଲି—ବାସ୍, ସେଇ ଆଡ଼କୁ ମୋ ସାଙ୍ଗରେ ଥିବା ଆଉ ତିନିଜଣଙ୍କୁ ନେଇ ଜାଣିଲାଭଳି କଥାଭାଷା ଶୁଣେଇହୋଇ ଗଲୁ । ସେ ଆମକୁ ଆହୁରି ଜାଣିବା ପାଇଁ ପଛକୁ ପଛକୁ ଗଲେ । ଏଇମିତି ଗଲା ପରେ ସେ ଯେତେବେଳେ ଆମର ଅଣ୍ଡରଗ୍ରାଉଣ୍ଡ ବନ୍ଦୀ ଜାଗାକୁ ଚାଲି ଆସିଲେ, ସେତେବେଳକୁ ସୁଇଚ୍ ଟାଣିଦେଲି ଯେ, ସମସ୍ତେ ତା ତଳ ଅଣ୍ଡରଗ୍ରାଉଣ୍ଡ ଭିତରକୁ ପଶିଗଲେ । ସମସ୍ତେ ବନ୍ଦୀ ।

ଖୁବ୍ ଜୋରରେ ଚିତ୍କାରକରି ହସିଉଠିଲା ସେଇ ଭୀଷଣକାୟ ଦାନବଟା । ତାରଜନ ସତେ ଯେମିତି ସେ ହସରେ ଥରିଉଠିଲା । ଆଉ ତା ହେଲେ କ'ଣ ଏତେ ଟିକେ ହେଲେ ଆଶା ନାହିଁ । ଚୌଧୁରୀଙ୍କୁ ମୁକୁଳେଇବାପାଇଁ । ବର୍ତ୍ତମାନ ପରିସ୍ଥିତି ଯେଭଳି ଆକାର ଧାରଣ କଲାଣି ସେଥିରେ ତାରଜନ ନିଜ ଅବସ୍ଥା ସମ୍ବନ୍ଧରେ ମଧ୍ୟ ସନ୍ଦିହାନ ହେଇଉଠିଲା । ହଠାତ୍ ତାରଜନ ଦେଖିଲା, ସେଇ ଦାନବଟା ମି: ଚୌଧୁରୀଙ୍କ ଆଡ଼କୁ ଆହୁରି ଆଗେଇଆସି କହିଲା—

'କ'ଣ ଗୁଇନ୍ଦା ସାହେବ ! ଦେଖୁଚ, ତମର ବୁଦ୍ଧିର ଜାଲ କେମିତି ଛିଣ୍ଡିପଡ଼ୁଚି । ଏଥର ? ତମର ବଳିଷ୍ଟ ପୋଲିସବାହିନୀ କେମିତି ଭାବରେ ବନ୍ଦୀ ଶୁଣିଲ ତ ! ଠିକ୍ ତମରି ଆଗରେ ତାଙ୍କୁ ଗଡ଼ ଗଡ଼ କରି ହାଣି କୁକୁରକୁ ଖାଇବାକୁ ଦେବି । ବନ୍ଧୁଗଣ, ଆଉ ନୁହେଁ, ଯୁଦ୍ଧ ପାଇଁ ସମସ୍ତେ ପ୍ରସ୍ତୁତ ହେଇଯାଅ । ମୁଁ ଚାହେଁ ଆଗ ଏଇ ଗୁଇନ୍ଦା ସାହେବଙ୍କ ଠାରୁ ଆରମ୍ଭ କରାଯାଉ । ତିନିଜଣ ତମ ଭିତରୁ ବାହାରି ଆସ ।'

ଏତିକି କହିବା ମାତ୍ରେ ତିନିଜଣ ଭୀଷଣକାୟ ଲୋକ ସେ ଦଳ ଭିତରୁ ଆଗକୁ ବାହାରିଯାଇ ସଲାମ ଦେଲେ । ତାଙ୍କୁ ସାଙ୍ଗେ ସାଙ୍ଗେ ଆଦେଶ ହେଲା ନିଜ

ନିଜ ଛୁରି କାଢ଼ିବାକୁ । ସେମାନେ ହାତରେ ଛୁରି ଧରି ଆଦେଶ ଅପେକ୍ଷାରେ ଠିଆହେଲେ । ପୁଣି ତାଙ୍କୁ କୁହାଗଲା—

ଜୀବନରୁ ନ ମାରି ପ୍ରଥମେ ହାତଗୋଡ଼ ସବୁକୁ ମଝିରୁ ଚିରିଦବାପାଇଁ ଏବଂ ତା ଭିତରେ ଲୁଣ ଏବଂ ଚୂନ ଭର୍ତ୍ତି କରିବାକୁ, ତା'ପରେ ଛାତିରେ ଅନେକ ସ୍ଥାନରେ ଛୋଟ ଛୋଟ କଣା କରି ସେହିପରି ଭିତରେ ଚୂନ ଭର୍ତ୍ତି କରିବାକୁ ।

ଏଇ କଥା ଶୁଣିବା ପରେ ତାରଜନର ମୁଣ୍ଡ ଘୂରିଗଲା ଭଳି ଲାଗିଲା । ଲୋକ ଯେ ଏପରି ଭୟଙ୍କର ହୋଇପାରନ୍ତି ସେ କଳ୍ପନା କରିପାରିଲାନି । ଏକଥା କରିବା ଅପେକ୍ଷା ବରଂ ତାକୁ ଗୁଳିକରି ମାରିବା ଭଲ ବା ଭ୍ୟାଂକୋଭର ହାତରେ ମରିବା ଭଲ ଥିଲା ବୋଲି ଭାବିଲା । କ'ଣ କରିବ ଆଉ କିଛି ବୁଦ୍ଧି ପାଇଲାନି । ଯଦି କାହାରି ହାତରେ ପିସ୍ତଲ ନ ଥା'ନ୍ତା ତା'ହେଲେ ଏକା ବରଂ ସେ ସମସ୍ତଙ୍କ ସାଙ୍ଗରେ ମୁକାବିଲା କରିବାକୁ ଡେଇଁ ପଡ଼ନ୍ତା । କିନ୍ତୁ ହାତରେ ଆଗ୍ନେୟାସ୍ତ୍ର ସମସ୍ତଙ୍କର । ବିଶେଷ କରି ସେଇ ଭୀଷଣ ଜୀବର ଶକ୍ତି ବିଷୟରେ ସେ ଚୌଧୁରୀଙ୍କଠାରୁ ଶୁଣିଛି । ଏତେଗୁଡ଼ାଏ ପୋଲିସବାହିନୀ ସମସ୍ତେ ପରାଧୀନ ହୋଇ ବନ୍ଦୀ ହୋଇ ରହିଛନ୍ତି । କ'ଣ ଆଉ କରିବ ସେ ! ଅଜୟଙ୍କର ମଧ୍ୟ ଆଉ ସୋରଶବ୍ଦ ନାହିଁ ; ସେ ମଧ୍ୟ ଯେ ବନ୍ଦୀ ହୋଇ ନ ଥିବେ କିଏ କହିବ । ତାରଜନ ଶୁଣିଲା ଗୋଟାଏ ରକମର ଅସ୍ପଷ୍ଟ ବେଲ୍ ଶବ୍ଦ ଶୁଣାଗଲା । ତା'ପରେ ପୁଣି ସେ ଜୀବଟା କହିଲା—

'ଭାଇମାନେ ବର୍ତ୍ତମାନ ମାଲିକ ଆସିବାର ବେଳ ହୋଇଗଲାଣି । ତମେମାନେ ଗୋଟାଏ କାମ କର—ସେ ଆସିବାଆଗରୁ ଏଇ ଗୁଇନ୍ଦାଟାକୁ ଯେମିତି କହିଲି ସେମିତି ଚିରିଦବାକୁ ପଡ଼ିବ; କିନ୍ତୁ ଆମମାନଙ୍କର ଯୋଉ ଚରମ ନିର୍ବୋଧତା ହୋଇଛି ସେଥିରେ କାହାକୁ ସେ ଦୋଷ ଦେବ ସେକଥା କହିହବନି । ତେଣୁ ବର୍ତ୍ତମାନ ଆଦେଶ ହେଲା ଯେ ବନ୍ଧୁକଗୁଡ଼ିକ ତମେମାନେ ଆଣି ସମସ୍ତେ ମୋ ହାତରେ ଦେଇଯାଅ । ତାହେଲେ ସେ ଯେତେବେଳେ ଆସି ଯାହାକୁ ଦଣ୍ଡ ଦବାକୁ ଚାହିଁବେ ତମେମାନେ ମୁଣ୍ଡପାତି ଦଣ୍ଡ ଗ୍ରହଣ କରିବ ।'

ଏଇ କଥା ପରେ ପରେ ସମସ୍ତେ ଧାଡ଼ିବାନ୍ଧି ଦୋଷୀଙ୍କ ଭଳି ମୁଣ୍ଡ ତଳକୁ ନୁଆଇଁ ନିଜ ନିଜର ସମସ୍ତ ଅସ୍ତ୍ର ଶସ୍ତ୍ର ଦେଇଦେଲେ । କେବଳ ତିନିଜଣ ହାତରେ ଆଦେଶ ଅନୁଯାୟୀ ଛୁରି ଧରି ରଖିଲେ ମି: ଚୌଧୁରୀଙ୍କୁ ଆଘାତ କରିବାପାଇଁ ।

ବର୍ତ୍ତମାନ ତାରଜନ୍ ଦେଖିଲା କିଛିଟା ସୁଯୋଗ ଆସିଛି । ତାର ଆଉ ଅପେକ୍ଷା କରିବା ଉଚିତ ହେବ ନାହିଁ । ତାକୁ ଯାହା କରିବାକୁ ପଡ଼ିବ ଏବାହିଁ କରିବାକୁ ପଡ଼ିବ । ହଠାତ୍ ପୁଣି ସେଇ ବଜ୍ରଗମ୍ଭୀର ସ୍ୱରରେ ଶୁଣିଲା ଯେ ସେ ତିନିଜଣଙ୍କୁ ଅପେକ୍ଷା କରିବାକୁ କୁହାଗଲା । କାରଣ ମାଲିକ ଆସିଗଲା ପରେ ତାଙ୍କ ଆଗରେ ଏଇ କାମଟା ହେବ । ଏଇ ସୁଯୋଗରେ ତାରଜନ ବିଜୁଳି ପରି ସେ ସ୍ଥାନରୁ ଖସିଗଲା; ଯାଇ ଶେଷ ଚେଷ୍ଟା କରିବାକୁ ସେଇ ନାଳ ରାସ୍ତାରେ ଦେଖି ଆସିଥିବା ବିଦ୍ୟୁତ୍ ଗୃହ ଆଡ଼କୁ ଦଉଡ଼ିବାକୁ ଲାଗିଲା । ହୁଏତ ଅଜୟ ସେଠି ବନ୍ଦୀ ହୋଇସାରିବଣି । ତେଣୁ ଜୀବନ ବିକଳରେ ଆଉ କିଛି ଉପାୟ ନ ପାଇ ସେ ବିଦ୍ୟୁତ୍‌ଚାଳିତ ଗୃହକୁ ଯିବା ଆଗରୁ ଦେଖିଲା ସେଠି କେହି ନାହାନ୍ତି । ହଠାତ୍ ଚାରିଆଡ଼କୁ ଚାହିଁ ଅତି ସନ୍ତର୍ପଣରେ ଭିତରକୁ ପଶିଲା । ଆଉ ଯୋଉଠି ମେନ୍ ସୁଇଚ୍‌ଟା ଅଛି ସେଠି ସବୁତକ ସୁଇଚ୍ ଅଫ୍ କରିଦେଲା ଏବଂ ତାରି ଭିତରେ ଜୀବନ ବିକଳରେ ଗୋଟାଏ ଯୋଡ଼ାଏ କଟ୍‌ଆଉଟ୍ କାଢ଼ି ପକେଟରେ ରଖିଦେଇ ପୁଣି ଅରେ ଫେରିବାକୁ ଲାଗିଲା । ପୂର୍ବ ସ୍ଥାନରେ ଆସି ପହଞ୍ଚି ଦେଖେ ତ ଚାରିଆଡ଼ ଅନ୍ଧାର । ତାର ଉଦ୍ଦେଶ୍ୟ ସଫଳ ହୋଇଛି ଜାଣି ସେ ସେଇ ଲୁହାଜାଲି ଆଡ଼କୁ ଆଗେଇଲା । ସେତେବେଳକୁ ସମସ୍ତେ ପାଟିଗୋଳ କରି କଣ ହେଲା ବୋଲି ସତର୍କ ହେବାରେ ଲାଗିଥାନ୍ତି । ଏଇ ସମୟରେ ଜଣେ ପକେଟରୁ ଲାଇଟ୍ କାଢ଼ି ଜାଳିବାକୁ ଚେଷ୍ଟା କରୁଥିଲା । ଏକ ଧକ୍‌କାକେ ତାରଜନ୍ ତାକୁ ପକେଇ ତାଠାରୁ ଛଡ଼େଇ-ନେଲା ସେଇ ଲାଇଟ୍‌ଟା । ଲୁହାଜାଲି ପାଖରେ ପହଞ୍ଚି ଯାହା ଦେଖିଲା ତା ମୁଣ୍ଡ ଆହୁରି ଘୂରିଗଲା । ସେଠି ଆଉ ଚୌଧୁରୀ ନାହାନ୍ତି । ଯୋଉଥିପାଇଁ ସେ ଏତେ-ଗୁଡ଼ାଏ କାମ କଲା ତାକୁ ପୁଣି ସେଇ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଲା । ତେଣୁ ବର୍ତ୍ତମାନ ନିଜକୁ ରକ୍ଷା କରିବାକୁ ପଡ଼ିବ ଭାବି ସାଙ୍ଗେ ସାଙ୍ଗେ ଆତ୍ମଗୋପନ କରିବାକୁ ଚେଷ୍ଟା କରିନେଲା ।

ହଠାତ୍ ପୁଣି ଆଲୋକ ଜଳିଉଠିଲା । ସେଇ ଭୀଷଣକାୟ ଜୀବଟି ଏଥର ବଜ୍ରରବରେ ଚିତ୍କାର କରିଉଠିଲା —

"ଭାଇମାନେ, ବ୍ୟସ୍ତ ହୁଅ ନାହିଁ । ସେ ଗୋଇନ୍ଦାଟା ଆମ କବଳରେ ରହିଯାଇଛି । ବର୍ତ୍ତମାନ ଆମର ମାଲିକ ଆସିଯାଇଛନ୍ତି । ସେ ତମମାନଙ୍କ ଗହଣକୁ ଆସିବେ ।"

ଏତିକବେଳେ ଗୋଟାଏ ଇଲେକ୍ଟ୍ରିକ୍ ବେଲ୍ ବାଜିଲା ମାତ୍ରେ ସମସ୍ତେ ଠିଆ ହୋଇଗଲେ । ତାରଜନ ଦେଖିଲା, ଦୁଇଜଣ କଳା ଓଭରକୋଟ୍ ପିନ୍ଧି ଭିତରକୁ ଆସୁଚନ୍ତି । ସମସ୍ତେ ମିଲିଟାରୀ କାଇଦାରେ ତାଙ୍କୁ ମୁଣ୍ଡ ନୁଆଁଇ ସାଲ୍ୟୁଟ୍ ଜଣେଇଲେ । ହଠାତ୍ ତା ଭିତରୁ ଜଣେ କହିଲା—

"ବନ୍ଧୁଗଣ ଆମ ଭିତରେ ଚରମ ଅବହେଳା ଦେଖାଦେଇଚି, ଯୋଉଥିପାଇଁ କି ଆମେମାନେ ପୋଲିସ୍ ଚକ୍ଷୁରେ ବର୍ତ୍ତମାନ ଧରା ପଡ଼ିସାରିଥିଲୁ । ଆମର ଯୋଉ ଚରମ ଶତ୍ରୁ ଦୁଇଜଣଙ୍କୁ ଆଜି ଏଠି ମୃତ୍ୟୁଦଣ୍ଡ ଦେବାର ଥିଲା ସେ ଦୁଇଜଣ କିପରି ଭାବରେ ଖସିଯାଇଛନ୍ତି ସେଇଟା ଦେଖିବାକୁ ପଡ଼ିବ । ଆଉ ସେ ଗୋଇନ୍ଦାଟା ମଧ୍ୟ । ଆମକୁ ଲଗିବାକୁ ହେବ ଆଉ ସେମାନଙ୍କୁ ଫେରାଇ ଆଣିବାକୁ ପଡ଼ିବ ।"

ତାରଜନ ଭାବୁଥାଏ ଆଉ ଡେରି କରିବାଟା ଉଚିତ ହବନାହିଁ । ବର୍ତ୍ତମାନ ତାକୁ ଯେକୌଣସିମତେ ଡେଇଁବାକୁ ପଡ଼ିବ । କିଛି ନ ହେଲେ ଏଇ ଘଟାକୁ ଶେଷ କରିବାକୁ ହବ । ଠିକ୍ ଏତିକବେଳେ ସେ ଦେଖିଲା ସେ ଦୁଇଜଣଙ୍କ ଭିତରୁ ଜଣେ ହୁଇସିଲ ଗୋଟାଏ ଜାଡ଼ି ମାରିଲା । ହୁହୁଁ ହୁହୁଁ ଦେଖାଗଲା ପ୍ରାୟ ଦୁଇଶହ ଖଣ୍ଡେ ବନ୍ଧୁକ ଦସ୍ୟୁଦଳ ପଛରୁ ଏକାଥରକେ ମୁହଁ-ଟେକି ଉଠି ରହିଚି । ହତଭମ୍ବ ହୋଇ ପ୍ରତ୍ୟେକ ଦସ୍ୟୁ ଅତି ସତର୍କ ହୋଇଗଲା ବେଳକୁ ସେଇ ଦୁଇଜଣଙ୍କ ପାଖରୁ ଶୁଣାଗଲା—

'ମୁଁ ଜାଣେ, ବନ୍ଧୁଗଣ ! ଆଉ ବିଶେଷ ବ୍ୟସ୍ତ ହବା ଦରକାର ନାହିଁ । କାରଣ ବନ୍ଧୁକ ଗୁଣ ତୁମେମାନେ ଦେଖିନେଇଚ ଆଗରୁ । ମୋ ପରିଚୟ ଆଉ ଦବା କଣ ବିଶେଷ ଦରକାର ?'

ଏତିକ କହି ଦୁହେଁ କଳା ଘୋଡ଼ଣୀ କାଢ଼ିଦେବା ମାତ୍ରେ ତାରଜନ ଦେଖିଲା, ମି: ଚୌଧୁରୀ ଏବଂ ଅଜୟ । ତା ପରେ ତାରଜନ ଆଶ୍ଚର୍ଯ୍ୟ ହୋଇଗଲା ଆଉ ଭାବିଲା ଯେ ସେ ଭିତରକୁ ଯିବାର ସମୟ କେତେବେଳେ ଆସିବ । ଏଇ ସମୟରେ ଚୌଧୁରୀ କହିଲେ—

'ହାତ ଟେକିଦିଅ, ବନ୍ଧୁଗଣ ! ଏଥର ଆଇ. ଜି. ସାହେବ ନିଜେ ତୁମମାନଙ୍କୁ ପାଛୋଟିନେବେ ବୋଲି ଆସୁଛନ୍ତି । ଖାଲି ସେତିକ ନୁହେଁ, ତମ ମାଲିକମାନେ ମଧ୍ୟ ଆଗରୁ ବନ୍ଦୀ ହୋଇଯାଇଚନ୍ତି । ତମେ କେବଳ ତାଙ୍କର ନିକଟକୁ ଯିବ ।'

ସମସ୍ତେ ହାତ ଟେକିଦେଲେ । ତାରକନ ଖୁସିଲା, ଏଥର ତାର କାମ ଶେଷ ହୋଇଛି । କିନ୍ତୁ ତଥାପି ତାକୁ ଚୌଧୁରୀ ଡାକୁ ନାହାନ୍ତି କାହିଁକି ? ସେ ଲୋକମାନେ ବାହାରିଲେ ଜଣ ଜଣ କରି ହାତକଡ଼ା ଦବାକୁ । ଏତିକିବେଳେ ତାରକନ ଦେଖିଲା, ଜଣେ ମେମ୍ବର ସେଇ ଭିତରୁ ବେହୋସ ହୋଇ ପଡ଼ିଗଲା । ଅନ୍ୟମାନଙ୍କୁ କଡ଼ା ତଥାଗଲାବେଳେ ସମସ୍ତେ ଅନ୍ୟମନସ୍କ ହୋଇପଡ଼ିଲେ । ଏଇ ସମୟରେ ତା ଆଖିରେ ପଡ଼ିଲା—ସେ ବେହୋସ ହୋଇ ପଡ଼ିଥିବା ଲୋକଟା ଛଟପଟ ହେଲା ଭଳି ଆସି ଥୋଡ଼ାଏ ଦୂରରେ ପହଞ୍ଚିଲାଣି । ତାରକନ ଆହୁରି ସତର୍କ ହୋଇ ତା ଆଡ଼କୁ ଚାହିଁଲାବେଳକୁ ଲୋକଟା ଅତି ସନ୍ତର୍ପଣରେ ସେ ସ୍ଥାନରେ କଣ ଗୋଟାଏ ଅଣ୍ଟାଳିବାକୁ ବସିଛି । କାଳବିଳମ୍ବ ନ କରି ଦଉଡ଼ିଯାଇ ଏକା ଝେପାକେ ତା ଉପରେ ଯାଇ ପଡ଼ିଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ଚୌଧୁରୀ ଦଉଡ଼ି ଆସି ଦେଖିଲେ, ସେ ସ୍ଥାନରେ ଗୋଟିଏ ଗ୍ରେନେଡ୍ ହ୍ୟାଣ୍ଡେଲ ଭଳି ଜିନିଷ ଅଛି ତାକୁ ପରୀକ୍ଷା କରିସାରିବା ପରେ ଚୌଧୁରୀଙ୍କର ବୁଦ୍ଧି ହଜିଗଲା । ଏକ ବିରାଟ ବମ୍ ଉପରକୁ ଉଠି ବିସ୍ଫୋରଣ ହୋଇଥାନ୍ତା ଏବଂ ସେ ବମ୍ କେବଳ ବିଷାକ୍ତ ନୁହେଁ' ଅନ୍ୟମାନେ ବେହୋସ ହୋଇପଡ଼ିଥାନ୍ତେ ଏବଂ ସେଇ ଅନ୍ଧାର ଭିତରେ ଏ ଦସ୍ୟୁଦଳ ଖସିଯାଇଥାନ୍ତେ ।

ଏକ ଦୀର୍ଘ ନିଃଶ୍ୱାସ ପକେଇ ଚୌଧୁରୀ ଯେତେବେଳେ ଏକ ବିରାଟ ବିପଦରୁ ମୁକ୍ତ ହେବେ ବୋଲି ଭାବି ସମସ୍ତଙ୍କୁ ବନ୍ଦୀ କଲେ, ସେତେବେଳେ ହଠାତ୍ ତାଙ୍କ କାନରେ ଗୋଟାଏ ଅପ୍ରାକୃତିକ ଶବ୍ଦ ଆସି ବାଜିଲା । ତା' ପରମୁହୂର୍ତ୍ତରେ ପୁଣି ସେଇ ବିଶାଳକାୟ ଜୀବଟା ଚିତ୍କାର କରି ଆଗକୁ ମାଡ଼ିଆସିଲା । ଚୌଧୁରୀ ଏବଂ ଅଜୟ ସେଇଟାକୁ ଯଥା ସ୍ଥାନରେ ନିର୍ଜୀବ କରିଦେଇ ଆସିଥିଲେ; କିନ୍ତୁ ଏ କଣ; ପୁଣି ଏହା କେମିତି ସମ୍ଭବ । ତା'ହେଲେ କ'ଣ ଏସ୍. ପି ଚନ୍ଦ୍ରନାଥ ବିପଦଗ୍ରସ୍ତ ! ଆଉ କାଳବିଳମ୍ବ ନ କରି ସେ ଜୀବଟା ମାଡ଼ି ଆସିଲା ସମସ୍ତଙ୍କ ଆଡ଼କୁ, ଚିତ୍କାର କରି ଉଠିଲା—

'ମି: ଚୌଧୁରୀ ଯିବା ପୂର୍ବରୁ ତା' ହେଲେ ଆଉ ଗୋଟାଏ ପରୀକ୍ଷା ହୋଇଯାଉ ତମ ଶକ୍ତିର । ଏତେ ଶୀଘ୍ର ଜିତିକରି ଯିବାକୁ ଦେବିନି ।'

କିନ୍ତୁ ଏଥର ଆଉ କିଛି ବୁଦ୍ଧି ନ ପାଇ ଆଗକୁ ମାଡ଼ିଆସୁଥିବା ସେ ଜୀବଟାକୁ ଦେଖେଇ ସମସ୍ତଙ୍କୁ କହିଲେ—ଫାୟାର୍ ! ଚୌଧୁରୀ ଏବଂ ଅଜୟ କିନ୍ତୁ ଆଉ କିଛି ବୁଦ୍ଧି ପାଇଲେନି । ତାରକନକୁ ମଧ୍ୟ ଇସାରା ଦେଇ ସେ ସ୍ଥାନରୁ ଦଉଡ଼ିବାକୁ

ଲାଗିଲେ । କନ୍‌ଓ୍ୱାର ନଜର ବାକସ୍ଥ ଉପରେ ଆଶାବାଦୀ ହୋଇସାରିଛନ୍ତି । ଏତେଗୁଡ଼ାଏ ବନ୍ଧୁକ ଆଗରେ ଗୁର ଗୋଟାଏ ଜୀବ ? ଏକାଥରକେ ଶହ ଶହ ଗୁଳି ସେଇ ଜୀବ ଉପରକୁ ଫୁଟିଉଠିଲା ; ତଥାପି ସେ ଜୀବଟାର ଯେପରି କିଛି ହେଉନି । ନିର୍ବିଘ୍ନରେ ସେ ହାତ ବଢ଼େଇ କନ୍‌ଓ୍ୱାରଙ୍କ ଆଡ଼କୁ ଆଗେଇ ଆସୁଛି । କନ୍‌ଓ୍ୱାର ନିଜେ ପିସ୍ତଲ ଫୁଟେଇ ଚାଲିଲେ; କିନ୍ତୁ କିଛି ଫଳ ହେଲାନି । ପର୍ବତ ଭଳି ମାଡ଼ିଆସୁଛି ସେ କନ୍‌ଓ୍ୱାରଙ୍କ ଆଡ଼କୁ । କନ୍‌ଓ୍ୱାର ବିଭ୍ରାନ୍ତ ହୋଇପଡ଼ିଲେ । ହଠାତ୍ ଦେଖିଲେ, ହାତଟେକ ସେ ପୁରାପୁରି କନ୍‌ଓ୍ୱାରଙ୍କ ପାଖରେ ପହଞ୍ଚିଲା । କନ୍‌ଓ୍ୱାରଙ୍କର ଚେତା ବୁଜିଗଲା । ଠିକ୍ ତାଙ୍କ ବେକ ପାଖକୁ ସେ ଜୀବଟା ହାତ ବଢ଼େଇଛି, ଏଇ ସମୟରେ ଗୋଟାଏ କ'ଣ ଶବ୍ଦରେ ଆଉ ସେ ଆଗେଇ ପାରିଲାନି ସେଇଠି ରହିଗଲା ।

କିଛି ସମୟ ପରେ ଚୌଧୁରୀ, ଅଜୟ ଓ ତାରଜନ ଫେରିଆସିଲେ ଏବଂ କନ୍‌ଓ୍ୱାରଙ୍କୁ ହୋସ୍ କରେଇଲେ । କନ୍‌ଓ୍ୱାର ତାଙ୍କୁ ଦେଖି ପୁଣି ସେ ଜୀବ କଥା ପଚାରିଲେ ଏବଂ ଯେତେ ଗୁଳି ଫୁଟାଇବା କଥା କହିଲେ, ଚୌଧୁରୀ ହସି କହିଲେ, 'ଆପଣଙ୍କ ଷ୍ଟୋର୍‌ର ସମସ୍ତ ଗୁଳି ତା ଉପରେ ଅଜାଡ଼ି ଦେଇଥିଲେ ବି ତା'ର କିଛି ହୋଇ ନ ଥାନ୍ତା, ସାର୍ ! ଏଥର ଯିବା, ଏଠାର କାମ ଶେଷ ହୋଇଯାଇଛି । ଏସ୍. ପି. ସାହେବଙ୍କ ଚେତା ଫେରିବାକୁ ଟିକେ ଡେରି ଲାଗିବ । କାରଣ ମୁଣ୍ଡରେ ଆଘାତ ଟିକେ ଜୋର୍‌ରେ ହୋଇଛି । ମୋର ଏ ନାଟକର ଶେଷ ଚରଣ ନଡ଼ିଆ କଥାଟା ମନେ ନ ଥିଲା । ନ ହେଲେ ସେତିକ ବି ହୋଇ ନ ଥାନ୍ତା । ଏଥର ଯିବା, ସକାଳ ହୋଇଗଲା ।'

ଅତି ଶୀଘ୍ର ଗାଡ଼ିରେ ସବୁ ଦସ୍ୟୁଗୁଡ଼ିକୁ ବସେଇସାରିଲା ପରେ ଗାଡ଼ି ନେଇଗଲେ ସେ ପାଖର ଗୋଟାଏ ଅଣ୍ଡରଗ୍ରାଉଣ୍ଡ ବନ୍ଦୀଶାଳାକୁ । ସେଠି ସଶସ୍ତ୍ର ପୋଲିସ ଭିତରେ ବିମର୍ଷ ଦୁଇଟି ବ୍ୟକ୍ତି ବନ୍ଦୀ ଅବସ୍ଥାରେ ବସିଛନ୍ତି ।

'ସୁପ୍ରଭାତ ମିଃ ଗ୍ରେଟରାୟ ଏବଂ ସ୍ମିଥ୍ ସାହେବ, ଏଥର ଯିବା !' ଉପଯୁକ୍ତ ବ୍ୟବସ୍ଥା କରି ସମସ୍ତେ ସେଠାରୁ ବିଦାୟ ନେଲେ ।

× × × ×

ଏକ ବିରାଟ ବୈଠକ ସେଦିନ ବୃଦ୍ଧ ଗ୍ରେଟରାୟଙ୍କ ବାସଭବନରେ ବସିଥାଏ । ସବୁ ବଡ଼ ବଡ଼ ପୋଲିସ ଅଫିସରଙ୍କ ଗହଣରେ ଆଇ. ଜି. ପ୍ରମୁଖ ବସିଥାନ୍ତି ।

ସମସ୍ତଙ୍କ ଅନୁରୋଧରେ ଚୌଧୁରୀ କହୁଥିଲେ, ସାରାଂଶରେ ତାଙ୍କର ଏଇ ଅଭିଯାନ କଥା। ମି: ଗ୍ରେଟରାମ୍ସ ତା'ର ଭିତରେ ପ୍ରଶ୍ନ କଲେ—

'ମି: ଚୌଧୁରୀ। କ'ଣ ସେ ଷଡଯନ୍ତ୍ରର ଉଦ୍ଦେଶ୍ୟ ? ମୁଁ ଏପର୍ଯ୍ୟନ୍ତ ବୁଝି-ପାରିଲି ନି, କାହିଁକି ଏତେ ବଡ଼ ଗୋଟାଏ ଚକ୍ରାନ୍ତ ସୃଷ୍ଟି ହେଉଥିଲା।'

ଚୌଧୁରୀ ପୁଣି ଆରମ୍ଭ କଲେ—

'ସେଇଟାହିଁ ସବୁଠାରୁ ବଡ଼ କଥା, ମି. ଗ୍ରେଟରାମ୍ସ। କହୁଚି—ଏଇ ଓଡ଼ିଶାର ଜଙ୍ଗଲ ଭିତରୁ କେତୋଟି ଅଞ୍ଚଳରେ ଏକ ପ୍ରକାର ଗଛ ପ୍ରଚୁର ପରିମାଣରେ ଦେଖାଯାଏ। ସେ ଗଛଟା କୌଣସି କାମରେ ଲାଗେ ନାହିଁ ବୋଲି ଆମେମାନେ ଜାଣୁ। କିନ୍ତୁ ଏହାର ପତ୍ରକୁ ଶୁଖେଇ ତାକୁ ଗୁଣ୍ଡ କରି ଏକ ରାସାୟନିକ ପ୍ରକ୍ରିୟାରେ ତା' ସାଙ୍ଗରେ ଆଉ କିଛି ଦ୍ରବ୍ୟ ମିଶେଇ ଲିବୋନାଇଟ୍ ବୋଲି ଏକ ଜିନିଷ ପ୍ରସ୍ତୁତ କରିଯାଉଛି, ଯାହାର କି ଚାହିଦା ଆମେରିକା ପ୍ରଭୃତି ପାଶ୍ଚାତ୍ୟ ଦେଶମାନଙ୍କରେ ବହୁତ ହେଉପଡ଼ଚି। ଏହାର ବ୍ୟବହାର ଦୃଷ୍ଟିରୁ ପ୍ରଚୁର ଦାମରେ ଏହା ବିକ୍ରୟ ହେଉଅଛି। ପୃଥିବୀର ସବୁଠାରୁ ଦାମିକା ଔଷଧ, ମଦ ଓ ଅନ୍ୟ କେତୋଟି ଜିନିଷ ଏହାର ଖୁବ୍ ଅଳ୍ପ ପ୍ରୟୋଗରେ ହୋଇପାରୁଛି। ଏହିପରି ଏକ ପରୀକ୍ଷା କରୁ କରୁ 'ବୋଷ୍ଟନ୍ ଇଉନିଭରସିଟିର ଉଦ୍ଭିଦ ବିଜ୍ଞାନର ପ୍ରଫେସର ଥମାସ୍ ଜାଣିପାରିଥିଲେ। ସେ ବିଷୟରେ ଏକ ବିଶଦ ଗବେଷଣା କରିବାକୁ ସେ ଓଡ଼ିଶା ଅସିବା ପୂର୍ବରୁ ସେଠାରେ ଥିବା ଓଡ଼ିଶାର ଅନ୍ୟାନ୍ୟ କେତେକ ବ୍ୟକ୍ତିଙ୍କ ନିକଟରୁ ଓଡ଼ିଶାର ଜଙ୍ଗଲ ବିଷୟରେ ବୁଝିବା ପାଇଁ ଏକ ଟି' ପାର୍ଟିର ଆୟୋଜନ କରିଥିଲେ। ସେଥିରେ ସୁଖେନ୍ଦୁ ମଧ୍ୟ ଉପସ୍ଥିତ ଥିଲେ। ତା'ପରେ ସୁଖେନ୍ଦୁଙ୍କ ମୁଣ୍ଡରେ ଏକ ବୁଦ୍ଧି ଜୁଟିଲା। ସେ ସେଠାକାର ଆଉ କେତେଜଣ ବ୍ୟବସାୟୀଙ୍କ ସାଙ୍ଗରେ କଥାବାର୍ତ୍ତା ଚଳାଇଲେ। ସେଇ ସମୟରେ ତାଙ୍କର ମିଷ୍ଟର ଫିଲିପ୍ ନାମକ ଜଣେ ଇଞ୍ଜିନିୟରଙ୍କ ସାଙ୍ଗରେ ସାକ୍ଷାତ ହୁଏ, ସେ ସୁଖେନ୍ଦୁଙ୍କୁ ସମସ୍ତଙ୍କ ପ୍ରକାରର ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତି। ସୁଖେନ୍ଦୁ ଫେରିଲେ ଓ ତାର କିଛିଦିନ ପରେ ଏଇ ସ୍ମିଥ୍ ସାହେବ ଆସି ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ କଲେ। କର୍ତ୍ତମାନ ଫ୍ୟାକ୍ଟ୍ରୀରେ ଏକ ବିରାଟ ମେସିନ ବସିଲା, ଯୋଉଟାକି ଆପଣମାନେ ଦେଖିଲେ। ହେଇ ଫରେଷ୍ଟ କଣ୍ଟ୍ରାକଟ ନବା ସ୍ଥାନର ଭୂମିତଳେ ଗଡଧନ ଗୁଲେ। ସେଇ ପତ୍ର ସବୁ ବିଭିନ୍ନ ଜଙ୍ଗଲରୁ ସଂଗୃହୀତ ହେଇ ସେଗୁଡ଼ିକ ସେ ମେସିନରେ ଗୁଣ୍ଡ ହୁଏ। କିନ୍ତୁ ବାହାରକୁ ନେଇଯିବାରେ ଗୁଲଣ ଚଳିବା ଅସୁବିଧା

ହବ ଗ୍ଭବ ତାକୁ ଗୁଣ୍ଡ କରି କାଠ କଣ୍ଢାକୁଗ୍ଭ ନେଇ ଯୋଉ ବଡ଼ ବଡ଼ କାଠ ଲଗ୍‌ଗୁଡ଼ିକ—ତା ଭିତରୁ ଆଉ ଏକ କଲ ସାହାଯ୍ୟରେ ଭିତରଟା ପୂରା ଖୋଳ କରିଦେଇ ତା ଭିତରେ ଏଇ ଗୁଣ୍ଡ ଭର୍ତ୍ତି କରି ପୁଣି ଅତି ସୁନ୍ଦର ଗ୍ଭବରେ ଯୋଡ଼ାଯାଇ ବିଦେଶକୁ ଗ୍ଭଲାଣ କରାଯାଏ ।

ଏ କଥାଟା ମୁଁ ଆବିଷ୍କାର କଲି, ଯୋଉ ଦିନ ଗ୍ରେଟରାୟଙ୍କ ଫରେଷ୍ଟ ଫାର୍ମ ବୁଲିବାକୁ ଯାଇଥିଲି । ଆଉ ଗୋଟାଏ କାଠକୁ ଜାଣି ଜାଣି ତାରଜନ ଦୂରକୁ ଫୋପାଡ଼ିଦେଇ ଜାଣିଥିଲି ଯେ, ତାହା ଭିତରଟା ଏକଦମରେ ଫମ୍ପା । ତା'ପରେ ସେଇଦିନ ଲୁଚିଲାବେଳେ ଏକ ଗରମ ପାଣିର ଆଭାସ ପାଇ ମୁଁ ଜାଣି ପାରିଥିଲି ଯେ, ଭୂମିତଳେ ନିଶ୍ଚୟ ଏକ କାରଖାନା ଅଛି ଏବଂ ସେଦିନ ନିଶ୍ଚିତ ଏକ ମରଣରୁ ମଧ୍ୟ ରକ୍ଷା ପାଇଥିଲୁ ; କାରଣ ଆମକୁ ତମିର ମଢ଼େଇଦେବାର ଯୋଜନା ହୋଇଥିଲା । ଏଇଟା ହିଁ ଆପଣମାନଙ୍କର କ୍ୟୁ ମିଁ ନମ୍ବର ଏକ ।'

ଏତକ କହି ଚୌଧୁରୀ ସିଗାରେଟ୍‌ରେ ଅଗ୍ନି ସଂଯୋଗ କଲେ । ତା' ପରେ କିଛିକ୍ଷଣ ଦମ ନବାକୁ ଯାଇ ସେ ଅଜୟଙ୍କୁ କହିବାକୁ ଇସାରା ଦେଲେ । ଅଜୟ କହିଲେ—

'ମତେ ହଠାତ୍ ଦିନେ ଯିବାକୁ ପଡ଼ିଲା ବମ୍ବେ । କାରଣ ଖବର କାଗଜରେ ବାହାରିଲା ଯେ ପ୍ରଚୁର ପରିମାଣରେ ବମ୍ବେର ଏକ ବିଶେଷ ପ୍ରକାର କାଠ ଗ୍ଭଲାଣ ହେଉଛି । ମୁଁ ବମ୍ବେରେ ଯାଇ ଜାଣିପାରିଲି ଯେ, ସେ ଗୁଡ଼ିକ ଏଇ କମ୍ପାନୀର । ଆଉ ପ୍ରକୃତ କାଠ ଲଗ୍‌ର ଓଜନ ଏଇ ରପ୍ତାନୀ ହେଉଥିବା କାଠର ଓଜନ ଅପେକ୍ଷା ବହୁପରିମାଣରେ ଅଧିକ । ତେଣୁ ଆମ ସନ୍ଦେହ ଦୃଢ଼ୀଭୂତ ହେଲା ।'

ତା'ପରେ ପୁଣି ଚୌଧୁରୀ ଆରମ୍ଭ କଲେ—

'ଏହା ଭିତରେ ଆପଣମାନେ ଜାଣନ୍ତି, ଅମାସ ଅାପି ତାଙ୍କ ରିସର୍ଚ୍ଚ କରି ଗବେଷଣାର ଫଳାଫଳ ଆନୁଷ୍ଠାନିକ ଭାବରେ ପ୍ରକାଶ କରିବା ଆଗରୁ ତାଙ୍କର ସବୁ ରେକର୍ଡ଼ ଚୋରିକରି ନିଆଗଲା । କାଳେ ସେ ପୁଣି ଗବେଷଣା ଆରମ୍ଭ କରିପାରନ୍ତି ବୋଲି ଟେଲିଫୋନ ରିସିଭରରେ ଝାଡ଼ୁଦାର ହାତରେ ବିଷ ରଖାଯାଇ ତାକୁ ହତ୍ୟା କରାଗଲା । କିନ୍ତୁ ଏଇଠି ଗୋଟିଏ କଥା ମୁଁ କହିରଖେ ଯେ ଯୋଉଦିନ ପ୍ରଥମେ ଆଇ ଜି ସାହେବ ମତେ ଡ଼ାକି ଶୁଭେନ୍ଦୁଙ୍କର ହଇରାଣ ହେଉଥିବା ବିଷୟରେ ଜଣେଇଲେ, ତାଙ୍କର ହସ୍ତାକ୍ଷର ପରୀକ୍ଷା କରିବା ଆଶାରେ ସେଇଦିନ ରାତିରେ

ଯେତେବେଳେ ଆମେ ନନ୍ଦନକାନନ ଯାତ୍ରା କରିଥିଲୁ, ତା'ର କେଇଟି ମୁହୂର୍ତ୍ତ ପୂର୍ବରୁ ସେ ଚଉକିଦାରକୁ ହତ୍ୟା କରାଯାଇ ସେ ରେକର୍ଡ ଗ୍ରେର ହୋଇଥିଲା ।'

ଆଇ. ଜି. କନ୍‌ଓ୍ୱାର କଥା ମଝିରେ ପ୍ରଶ୍ନ କଲେ—'କିନ୍ତୁ ଏତେଗୁଡ଼ାଏ ଷଡ଼ଯନ୍ତ୍ର ଭିଆଇବା ଭିତରେ କ'ଣ ଉଦ୍ଦେଶ୍ୟ ଥାଇପାରେ, କହିବେ ?

'କେବଳ ପ୍ରଚୁର କଳାଟଙ୍କାର ମାଲିକ ହେବା—ଆଉ କିଛି ନୁହେଁ ।

'ତା' ହେଲେ ଶୁଭେନ୍ଦୁ ଆଉ ତା ସ୍ତ୍ରୀ କ'ଣ କ୍ଷତି କରିଥିଲେ ? ତାଙ୍କୁ କାହିଁକି ହରଣଚାଳ କରାଗଲା ? ବୃଦ୍ଧ ଇନ୍ସପେକ୍ଟର ପଚାରିଲେ ।

ଚୌଧୁରୀ ଉତ୍ତର ଦେଲେ—

"ସେଇଠି ହିଁ ପ୍ରକୃତ କଥା ଛପି ରହିଗଲା, ଅଜ୍ଞା ! ଆପଣଙ୍କୁ ମୁଁ କିଛି ସମୟ ଆଗରୁ ଜଣେ ଇଞ୍ଜିନିୟର ଫିଲିପ୍‌ଙ୍କ କଥା କହୁଥିଲି, ସ୍ମରଣ ଥିବ । ସୁଖେନ୍ଦୁ ବିଦେଶରୁ ଫେରିଲା ପରେ ଫିଲିପ୍ ଏକ ଚିଠି ଦେଇଥିଲେ ତାଙ୍କ ପ୍ରତିଶ୍ରୁତି ସମ୍ବନ୍ଧରେ ମନେପକାଇ । ସେଇଟା ସୁଖେନ୍ଦୁଙ୍କ ବ୍ୟବସାୟ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ନାଁରେ ଆସିଥିଲା । କମ୍ପାନୀର ଚିଠି ଭାବି ଶୁଭେନ୍ଦୁ ତାକୁ ଖୋଲି ଦେଇଥିଲେ; ଫଳରେ ସବୁ କଥା ଜାଣି ପାରିଥିଲେ । ଏଇ ଭୟରେ ସୁଖେନ୍ଦୁ ଚାହିଁଲେ ତାଙ୍କୁ ବାଟରୁ ସଫା କରିବା ପାଇଁ । ପୁଣି ଏଇ ଅବସରରେ ସେ କାଳେ ତାଙ୍କ ସ୍ତ୍ରୀଙ୍କୁ କହିଥିବେ ଏଇ ଆଶଙ୍କା କରି ଉଭୟଙ୍କୁ ହରଣଚାଳ କରି ଦେଲେ । କିନ୍ତୁ ତା ପୂର୍ବରୁ ଚିଠି ଗଲା ଫିଲିପ୍‌ଙ୍କ ନିକଟକୁ ଓଡ଼ିଶା ଆସିବାକୁ । ସେ ମଧ୍ୟ ଆସିଲେ । କିନ୍ତୁ କହିପାରିବେ, ସେ କୁଆଡ଼େ ଗଲେ ? ସେଇଠି ସବୁ ଚକ୍ରାନ୍ତ ଜମାଟ ବାନ୍ଧିଥିଲା ଏବଂ ତାକୁ ଆବିଷ୍କାର କରିଥିଲା ଏଇ ତାରକନ୍ । ଏକ ନିର୍ମମ ବର୍ଷା ରାତିରେ ପାହାଡ଼ ତଳର ଝରଣା ତଳକୁ ଗାଡ଼ି ସହିତେ ମି: ଫିଲିପ୍‌କୁ ବେହୋସ କରି ପକେଇ ଦିଆଯାଇଥିଲା । ତାଙ୍କୁ ଆସିବାକୁ ଲେଖି ଏରୋଡ୍ରମରୁ ଆଣି ଏପରି ଭାବରେ ମାରିବାର ବନ୍ଦୋବସ୍ତ କରାଯାଇଥିଲା । କିନ୍ତୁ ସେତକ ତାରକନ୍ ଆଖିରୁ ବାଦ୍ ଯାଇ ନ ଥିଲା । ସେଇ ଗାଡ଼ିର କେତୋଟି ଫଟୋରୁ ସେଇଁ ଗାଡ଼ିର ସନ୍ଧାନ କରାଗଲା ସେଇ ଗାଡ଼ିଟି ଯେ ମି: ସ୍ମିଥ୍ ଚଢ଼ିଥିବା ଗାଡ଼ି ଏବଂ ନନ୍ଦନକାନନକୁ ଯାଇଥିବା ଗାଡ଼ି ଯେ ଚୌଧୁରୀଙ୍କ ଗାଡ଼ି ଏ କଥାରେ ମୋର ଆଉ ସନ୍ଦେହ ନ ରହିବା ପରେ ଅନୁସନ୍ଧାନର ଧାରା ମତେ ବଦଳେଇବାକୁ ପଡ଼ିଲା । ତେବେ ଫିଲିପ୍ ମଲା ପରେ ଏବଂ ଶୁଭେନ୍ଦୁ ଓ ତାଙ୍କ ସ୍ତ୍ରୀ ଅପହୃତ ହୋଇଯିବା ପରେ ଆଉ ତାଙ୍କର ଯେ ଏକମାତ୍ର ଶତ୍ରୁ ରହିଲେ ସେ ହେଲେ ପ୍ରଫେସର

ଅମାସ୍ । ତାଙ୍କୁ ହଟେଇ ଦେଇସାରିଲା ପରେ ସୁଖେନ୍ଦୁ ନିଜ ହାତରେ ଟଙ୍କା ରୋଜଗାର କରି ଚାଲିଲେ ମିଃ ସ୍ମିଥଙ୍କ ସହ । ଆଉ ଗୋଟିଏ କଥା, ଏଇ ଘର ଭିତରେ ନ ଆଇ ମଧ୍ୟ ଯାହା କିଛି ବନ୍ଦୋବସ୍ତ କରିବା ଦରକାର, ସୁଖେନ୍ଦୁ ସେସବୁ କରିପାରୁଥିଲେ । କେମିତି, ଜାଣନ୍ତି ? ଏ ଘରର ଖୁବ୍ ବିଶ୍ୱସ୍ତ ଭୃତ୍ୟ ନିଧିଆ ଯୋଗୁଁ । ଏଇ ଘରେ ଆଉ ଗୋଟାଏ ଟେଲିଫୋନ୍ ସଂଯୋଗ ଅଛି ଯାହା କେହି ଜାଣନ୍ତିନି । ସେ କଥା ମୁଁ ସନ୍ଦେହ କରିଥିଲି ସେଇ ଗାଡ଼ି ନେଲା ଦିନ । ମୁଁ ଗ୍ରେଟରେକ୍ସଙ୍କ ଗାଡ଼ିଟା ନେବାର ପ୍ରସ୍ତାବ କଲି ମାତ୍ରେ ହିଁ ନିଧିଆ ଆର ଟେଲିଫୋନ୍‌ରୁ ଖବର ଦେଇ ସୁଖେନ୍ଦୁଙ୍କର ଗାଡ଼ି ଦରକାର ବୋଲି ବୁଝାଇଦେଲା । ମୁଁ ତା'ପରେ ତା'ର ସମସ୍ତ କଥାବାର୍ତ୍ତା କୋଉଠିକି ହୁଏ ସବୁ ଜାଣି ପାରିଥିଲି । ବିଶେଷ କରି ଅମାସ୍ ମଲ୍ଲିକଙ୍କର ଉଦ୍ଦେଶ୍ୟମୂଳକ ଟେଲିଫୋନ୍ ମଧ୍ୟ ଏଇ ଘରୁ ହୋଇଥିଲା ।"

ଆଉ ବୃଦ୍ଧ ଗ୍ରେଟରେକ୍ସ ସମ୍ଭାଳି ପାରିଲେନି । ମୁଣ୍ଡ ତାଙ୍କର ଝିମ୍ ଝିମ୍ ହୋଇଉଠିଲା । ତା'ର ଭିତରେ ସେ ଉଠି ଠିଆହେଲେ । ସମସ୍ତେ ତାଙ୍କୁ ଚାହିଁବାରେ ସେ କହି ଉଠିଲେ —

"ମିଃ ଚୌଧୁରୀ ! ଥରେ ମାତ୍ର ମତେ ସୁଖେନ୍ଦୁ ପାଖକୁ ନେଇ ଚାଲନ୍ତୁ ! ମୁଁ ତା'ଠୁଁ ମୋ'ର ରାଇଫଲର ଗୁଳିରେ ପ୍ରତିଶୋଧ ନେବି ଅଉ ପଚାରିବି ସେ ଉପରକୁ ସାଧୁ ବା ବାବାଜୀ ବୋଲେଇ କି ସତ୍ୟାନାଶ ମୋର ସେ କରିଚି । ଜାଣିକରି ତ ମୋର ସବୁ ଯାଇଚି ଆଉ ସେ ବାହିଁକି ରହିବ ? ମୁଁ ତାକୁ ନିଜ ହାତରେ ଶେଷ କରିଦିଅନ୍ତି ।" ଏ କଥାରେ ହସି ଉଠିଲେ ଚୌଧୁରୀ —

"ଗ୍ରେଟରେକ୍ସ ସାହେବ ! ଅଯଥା ସୁଖେନ୍ଦୁ ବାବୁଙ୍କୁ ଦୋଷୀ କରନ୍ତୁ ନାହିଁ । ସେ ହୁଏତ ଆମେରିକାର କୋଉ ମିସନ୍‌ରେ ଧର୍ମଚର୍ଚ୍ଚା କରୁଥିବେ ବା ହୁଏତ ବିଟ୍‌ଲସ୍‌ଙ୍କ ସାଙ୍ଗରେ ମିଶି ସେ ସନ୍ନ୍ୟାସ ଆରମ୍ଭ କରିଥିବେ । ତାଙ୍କୁ ଦୋଷ ଦେଇ ଲାଭ କ'ଣ ? ଯାହାଙ୍କୁ ଆପଣ ସୁଖେନ୍ଦୁ ବୋଲି ଧରି ରଖିଚନ୍ତି, ସେ କଣ ପ୍ରକୃତରେ ସୁଖେନ୍ଦୁ ?"

ସମସ୍ତେ ଯେମିତି ଆକାଶରୁ ଛିଡ଼ିପଡ଼ିଲା ପରି ଆବାକ୍ ହୋଇ ଚାହିଁ ରହିଲେ । ଚୌଧୁରୀ କହିଲେ —

"ଏଇ ଓଡ଼ିଶାରୁ ଡେଭିଡ୍ ନାମକ ଜଣେ ଖ୍ରୀଷ୍ଟିଆନ୍ ମିସନାରୀ ମିସନ ସଂକ୍ରାନ୍ତରେ ସେଠାକୁ ଯାଇଥିଲେ ଏବଂ ସେ ଅମାସ୍‌ଙ୍କର ସେଇ ସ୍ୱାର୍ଥରେ ଉପସ୍ଥିତି

ଥିଲେ । ତା'ପରେ ସୁଖେନ୍ଦୁଙ୍କର ସନ୍ନ୍ୟାସ ଲକ୍ଷ୍ୟ ଜାଣି ଏବଂ ତାଙ୍କର ସମ୍ପତ୍ତି ସମ୍ବନ୍ଧରେ ସବୁକିଛି ସନ୍ଧାନ ପାଇ ସେ ସ୍ମିଥ୍ ନାମକ ଜଣେ ଶ୍ରେଷ୍ଠ ଆନ୍ତର୍ଜାତୀୟ ଦଲାଲ ସାଥିରେ ହାତ ମିଳେଇ ଓଡ଼ିଶା ଫେରିଲେ । ଆପଣଙ୍କର ମନେ ଥାଇପାରେ—ସୁଖେନ୍ଦୁ ଫେରିଲା ପରେ ଆପଣ ତାଙ୍କର ମୁହଁରେ ଅନେକ ଦାଗ ଦେଖି ପ୍ରଶ୍ନ କରିବାରେ ସେ ଗୋଟାଏ କାରଖାନାରେ ରାସାୟନିକ ଦ୍ରବ୍ୟ ପଡ଼ି ମୁହଁଟାସାରା ବିକଳାଙ୍ଗ ହୋଇଛି ବୋଲି କହିଥିଲେ । ବେଶ୍ ସେତିକି । କିନ୍ତୁ ପ୍ରକୃତରେ ସୁଖେନ୍ଦୁ ବେଶ୍ କିଛିଦିନ ତଳେ ଆଉ ଘରକୁ ଫେରିବେ ନାହିଁ ବୋଲି ଯେଉଁ ଚିଠି ଲେଖିଥିଲେ, ତାଙ୍କୁ ଏଇ ସୁଖେନ୍ଦୁ ଓରଫ୍ ଡେଭିଡ୍ କରଗତ କରିଥିଲେ ।" ଠିକ୍ ଏଇ ସମୟରେ ଗୋଟାଏ ଗାଡ଼ି ଆସି ପୋର୍ଟିକୋରେ ପାର୍କ କଲା । ଚୌଧୁରୀ କହିଲେ—

"ଆପଣଙ୍କର ଶୁଭେନ୍ଦୁବାବୁ ଓ ତାଙ୍କ ପତ୍ନୀ ଆସିଲେ ବୋଧହୁଏ ଏସ୍. ପି.ଙ୍କ ସହିତ ।"

'ଏଁ, ସେମାନେ କ'ଣ ଜୀବିତ ? ?' କହି ବୃଦ୍ଧ ଗ୍ରେଟରାୟ ପାଗଳଙ୍କ ପରି ଉଠି ବସିଲେ । ଭିତରକୁ ପ୍ରବେଶ କରୁଥିବା ଶୀର୍ଣ୍ଣକାୟ ଦୁଇଟି ନିଷ୍ପ୍ରଭ ତରୁଣ ତରୁଣୀଙ୍କୁ ଦେଖେଇ ଚୌଧୁରୀ କହିଲେ—

'ହଁ ଆଜ୍ଞା ! କାରଣ ଶତ୍ରୁର ଚରମ ଲକ୍ଷ୍ୟ ସାଧିତ ହୋଇ ପାରି ନ ଥିଲା ଶେଷଯାଏ । ସେ ଚାହୁଁଥିଲା, ଢ଼ନଜଣଯାକ ମିଶି ଆପଣଙ୍କ ନାଁରେ ଏକ ନୋଟିସ ଆଣିଥାନ୍ତେ ଯେ ଆପଣ ପାଗଳ । ତେଣୁ ସମ୍ପତ୍ତି ସବୁ ଏମାନଙ୍କ ଅଧୀନକୁ ଆସିଥାନ୍ତା । ତା'ପରେ ଶୁଭେନ୍ଦୁ ବାବୁ ଓ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କଲା ପରେ ସେ ସମସ୍ତ ସମ୍ପତ୍ତିର ମାଲିକ ହୋଇଥାନ୍ତା । କିନ୍ତୁ ଶୁଭେନ୍ଦୁବାବୁ ଜୀବନ ବିନିମୟରେ ସୁଙ୍ଗା ଟା' କରିବେନି ବୋଲି ଜିଦ୍ ଧରି ବସିବାରେ ଉଭୟଙ୍କୁ ବହୁତ ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିଛି ।

ଆନନ୍ଦରେ କାନ୍ଦି ପକେଇଲେ ବୃଦ୍ଧ ଉଭୟଙ୍କୁ ଦେଖି । ତା'ପରେ ସବୁ ଜାଣି ସାରିବା ପରେ ସମସ୍ତେ ଇଚ୍ଛା ପ୍ରକାଶ କଲେ ଆଉଥରେ ସେହି ବ୍ୟକ୍ତିଗୁଡ଼ିକୁ ଜେଲରେ ଦେଖିବେ ବୋଲି । ସମସ୍ତେ ଉଠିଲେ, କିନ୍ତୁ ଗ୍ରେଟରାୟ ସମସ୍ତଙ୍କୁ ଅନୁନୟ କରି ପ୍ରାର୍ଥନା କଲେ ରାତି ଭୋଜନରେ ଯୋଗ ଦେବାକୁ । ସମସ୍ତେ କଥା ଦେଲେ । ଉଠିବାବେଳେ ଆଇ. ଜି. କନ୍ଓ୍ୱାର କହିଲେ—

"ମି: ଚୌଧୁରୀ ! ମତେ ସେ ଅଦ୍ଭୁତ ଜୀବଟା ସେଦିନ ମାରିଦେଇ ଥାନ୍ତା । ତା'କଥା କେହି ଜାଣିଲେନି ତ !"

ହସି ହସି ଚୌଧୁରୀ କହିଲେ, "ସେଇଟା ହେଉଚି ଲୁହାରେ ତିଆରି ଗୋଟାଏ ସେହିଭଳି ଆକୃତି; ବିଦ୍ୟୁତ୍ ଦ୍ୱାରା ଚାଲେ । ତାକୁ ଚଳାଉଥିବା ବ୍ୟକ୍ତି ତା' ଭିତରେ ନ ଥାଏ । ସେ ଆଉ ଗୋଟିଏ ଅଣ୍ଡରଗ୍ରାଉଣ୍ଡ ଘରେ ବସି ନିର୍ଦ୍ଦେଶ-କ୍ରମେ ତାକୁ ଚଳାଏ ଏବଂ ମାଇକ୍ ସାହାଯ୍ୟରେ ସେଇଠୁ କୁହେ । ମାଇକ୍‌ଟା ଏଇ ଜୀବର ଦେହରେ ଫିଟ୍ ହୋଇଥିବାରୁ ସମସ୍ତେ ବିଶ୍ୱାସ କରନ୍ତି ଏଇ ସେ ଜୀବ ବୋଲି । ତା' ଦେହରେ ବିଦ୍ୟୁତ୍‌ଶକ୍ତି ପ୍ରବାହିତ । ତେଣୁ ସେ ଯାହାକୁ ଛୁଇଁବ ସେ ତତ୍‌କ୍ଷଣାତ୍ ମରିବ ନିଶ୍ଚୟ ।

ପରିଶେଷରେ ସେଠି ମୁଁ ତାକୁ ଚଳାଉଥିବା ବ୍ୟକ୍ତିକୁ ଧରି ଏସ୍. ପି.ଙ୍କ ଦାୟିତ୍ୱରେ ଦେଇଆସିଲି । ଏସ୍. ପି. ମଧ୍ୟ ଚମତ୍କାର ଭାବରେ ସମସ୍ତଙ୍କ ଠାରୁ ବନ୍ଧୁକ ଆଦାୟ କରି ନେଲେ । କିନ୍ତୁ ଶେଷ ମୁହୂର୍ତ୍ତକୁ ଏଇ ନିତିଆ ହିଁ ତାଙ୍କୁ ଆକ୍ରମଣ କରି କାବୁ କରିଥିଲା । ହେଲେ ତା'ର ସେ ଆଶା ପୂରଣ ହୋଇ-ପାରିଲାନି ।'

ସମସ୍ତେ ଆନନ୍ଦରେ ଗଦ୍‌ଗଦ ହୋଇଉଠିଲେ । କୃତକୃତ୍ୟ ହୋଇ ଚୌଧୁରୀଙ୍କୁ ସମ୍ବର୍ଦ୍ଧନା ଜଣେଇବାକୁ ଆସିଲାବେଳେ ଚୌଧୁରୀ ନିର୍ବିକାର ଭାବରେ ହାତ ବଢ଼େଇଦେଲେ ତାରିଜନ ଆଡ଼କୁ ।

"ମୋର ଏ ଗୌରବରେ ଆଦୌ ଅଂଶ ନାହିଁ, ଆଜ୍ଞା ! ମୁଁ ମୁକ୍ତକଣ୍ଠରେ କହିପାରେ, ଏପରି ଏକ ଜଙ୍ଗଲରେ ଅଭିନବ ଏଇ ଦୁରୂହ ଅଭିଯାନ କାହାରି ଦ୍ୱାରା ସମ୍ଭବ ନୁହେଁ । ଯଦି କେହି ଏଥିପାଇଁ ଦାୟୀ ତା' ହେଲେ ସେ ଏଇ ତାରିଜନ, ଯେ କି ଅନ୍ୟ ସବୁ ଅସମ୍ଭବ କାର୍ଯ୍ୟ କରିବା ବ୍ୟତୀତ ଦୁଇ ଦୁଇଟି ଭ୍ୟାଂକୋଭରକୁ ନିହତ କରିଛି । ନ ହେଲେ ସେ ଦୁଇଟି ଭ୍ୟାଂକୋଭର ଆମ ସମସ୍ତଙ୍କ ପାଇଁ ମାତ୍ର ପାଞ୍ଚ ମିନିଟ ଦରକାର କରିଥାନ୍ତେ । ସବୁ ଗୌରବ କେବଳ ସେଇ ତାରିଜନର ହିଁ ଅଧିକାର ।'

ନିଜ ସ୍ଥାନରୁ ଉଠିଆସି କର୍ଣ୍ଣେଲ ତାରିଜନକୁ କୁଣ୍ଢେଇ ପକେଇଲେ ଆଉ ଟେବୁଲ ଉପରେ ରହିଥିବା ମେଞ୍ଚାଏ ଫୁଲ ତା' ହାତକୁ ଦେଇ କହିଲେ—

"ଇଏ ମେଞ୍ଚାଏ ଫୁଲ ନୁହେଁ, ମେଞ୍ଚାଏ ଗୌରବ ।"

କରତାଳି ଭିତରେ ବୈଠକ ଭଙ୍ଗ କରାଗଲା, ଆଉ ଗାଡ଼ିଗୁଡ଼ିକ ଗଡ଼ି ଚାଲିଲେ ଜେଲଖାନା ଫାଟକ ଅଭିମୁଖେ ।

—*—

Deb's Library Corner

ଚରିତ୍ର ଗଠନ
ପାଇଁ
"ଗୀତା"
ପଢନ୍ତୁ